ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୦
ତିଥି : ତୃତୀୟା
୨୭ ଜୁଲାଇ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 290
27 July 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


# ବର୍ଷା ଆଣୁଛି ବନ୍ୟା

ଭୁବନେଶ୍ୱର, ୨୬ ।୭ (ସବ୍ୟୁ): ରାଜ୍ୟରେ ଅବପାତ ଜନିତ ବର୍ଷା ଯୋଗୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ଫଳରେ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ସୁବର୍ଣ୍ଣରେଖା ଓ ବୈତରଣୀରେ ଜଳସ୍ତର ବୃଦ୍ଧିପାଉଥିବା ଦେଖି ଜଳ ସମ୍ପଦ ବିଭାଗର ଦୁଇଜଣ ସର୍ବୋଚ୍ଚ ଯନ୍ତ୍ରୀ ଭୁବନେଶ୍ୱରରୁ ସୁବର୍ଣ୍ଣରେଖା ଓ ବୈତରଣୀ ବେସିନକୁ ଯାଇଛନ୍ତି । ସେମାନେ ସଂପୃକ୍ତ ବେସିନ୍ ଗୁଡ଼ିକରେ ବନ୍ୟା ପରିଚାଳନା କରିବେ । ସେହିପରି ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଯେଉଁଠି ଆବଶ୍ୟକ ବନ୍ୟା ସ୍ଥିତିକୁ ଦେଖି ତଳିଆ ଅଞ୍ଚଳର ଲୋକମାନଙ୍କୁ ଶୀଘ୍ର ନିରାପଦ ଉଚ୍ଚସ୍ଥାନକୁ ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ପରିଚାଳନା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।



ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ବିପଦ ସଙ୍କେତ ଉପରେ ଜଳକା, ବୈତରଣୀ ନଦୀର ଜଳ ସ୍ତର । ଫଳରେ ଭଦ୍ରକର ଧାମନଗର, ବାଲେଶ୍ୱରର ଚାନ୍ଦବାଲି ଅଞ୍ଚଳ ପ୍ରଭାବିତ ହେବ । ଯାଜପୁର ଜିଲ୍ଲାର ଦଶରଥପୁର ଅଞ୍ଚଳ ପ୍ରଭାବିତ ହେବାକୁ ଥିବା ବେଳେ ଏନେଇ କ୍ଷେତ୍ର ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତାକାଲି(ରବିବାର) ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ଦେଖା ଦେବ । ତେବେ ମହାନଦୀ ଅବବାହିକାରେ ବନ୍ୟା ଆଶଙ୍କା ନାହିଁ । ବ୍ରାହ୍ମଣୀ ନଦୀରେ ଏଯାଏଁ ବନ୍ୟା ସ୍ଥିତି ଦେଖାଯାଇନି । ହୀରାକୁଦକୁ ୪ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ରେଙ୍ଗାଲି ଡ୍ୟାମରେ ୩ଟି ଗେଟ୍ ଦେଇ ପାଣି ଚାଲିଛି । ଏଥିପାଇଁ ଜଳସମ୍ପଦ ବିଭାଗର ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟରତ ଅଛି ଓ ସ୍ଥିତି ଉପରେ ନିକଟରୁ ନିରୀକ୍ଷଣ କରାଯାଉଛି ବୋଲି କହିଛନ୍ତି ଶ୍ରୀ ପାଢ଼ୀ ।

- ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା
- ଫୁଲୁଛି ସୁବର୍ଣ୍ଣରେଖା, ଜଳକା, ବୈତରଣୀ
- ସୁବର୍ଣ୍ଣରେଖା, ବୈତରଣୀ ବେସିନକୁ ଗଲେ ୨ ଯନ୍ତ୍ରୀ
- ୩ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ
- ସ୍ଥିତି ଦେଖି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ

ବୈତରଣୀ ନଦୀରେ ଆନନ୍ଦପୁର ଠାରେ ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବା ବେଳେ ଜଳସ୍ତର ୩୮.୮୨ ମିଟର ରହିବା ସହ କ୍ରମାଗତ ବୃଦ୍ଧି ପାଉଛି । ଆଖୁଆପଦା ଠାରେ ଜଳସ୍ତର ୧୮.୮୮ ମିଟର ଥିବାବେଳେ ଏହା କ୍ରମାଗତ ବୃଦ୍ଧି ସ୍ଥିତିରେ ଅଛି । ଏହାର ବିପଦ ସଙ୍କେତ ସ୍ତର ୧୮.୩୩ ମିଟର । ସିଡବ୍ଲ୍ୟୁସି ଅନୁମାନ ଅନୁଯାୟୀ, ଏହି ସ୍ତର ( ୯ ପୃଷ୍ଠାରେ)

## ବୈତରଣୀରେ ବନ୍ୟା : ଆଖୁଆପଦାରେ ବିପଦ ସଙ୍କେତ ଟପିଲା

ଭଦ୍ରକ/ଧାମନଗର/ଦୋବଲ/ଭଣ୍ଡାରିପୋଖରୀ, ୨୬ ।୭ (ସବ୍ୟୁ) : ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶୁକ୍ରବାର ଦିନ ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆ ସୋମପାଟଣା,ଠାକୁରମୁଣ୍ଡା,କେନ୍ଦୁଝର ଓ ଆନନ୍ଦପୁର ଆଦି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାରୁ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ସେଠାରେ ସତର୍କ ସଙ୍କେତ ୧୭.୮୩ମିଟର ଥିବାବେଳେ ବିପଦ ସଙ୍କେତ ହେଉଛି ୧୮.୩୩ ମିଟର ।

ଶନିବାର ଅପରାହ୍ନ ୨ଟାରେ ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତର ବହୁ ଉର୍ଦ୍ଧ୍ୱରେ ଅର୍ଥାତ ୧୮.୮୨ ମିଟରରେ ପ୍ରବାହିତ ହେଉଛି । ( ୯ ପୃଷ୍ଠାରେ)

### ମେଟ୍ରୋ ପ୍ରକଳ୍ପ ନେଇ ଅନିଶ୍ଚିତତା

## ଦୁଇ କମ୍ପାନୀ ଟେଣ୍ଡର ବାତିଲ୍

ଭୁବନେଶ୍ୱର, ୨୬ ।୭ (ସବ୍ୟୁ) : ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ପୁରୁଣା ଟେଣ୍ଡରଗୁଡ଼ିକୁ ବାତିଲ କରାଯାଇଛି । ୮ ମାସରୁ ଅଧିକ ସମୟ ଧରି ବନ୍ଦ ପଡ଼ିଥିବା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟରେ ଏକରକମ ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କାର୍ଯ୍ୟ କରୁଥିବା ଦୁଇ କମ୍ପାନୀ ସିଆଇଜିଆଇଏଲ୍ ଇଣ୍ଡିଆ ଲିମିଟେଡ୍ ଓ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍ ସହ ହୋଇଥିବା ଚୁକ୍ତିକୁ ରାଜ୍ୟ ସରକାର ବାତିଲ କରିଛନ୍ତି । ଡିଜାଇନ ଓ ନିର୍ମାଣ ପାଇଁ ହୋଇଥିବା ଚୁକ୍ତି ବାତିଲ ହୋଇଛି । ଏପରିକି ଦୁଇ କମ୍ପାନୀ ମେଟ୍ରୋ ରେଳ ପ୍ରକଳ୍ପକୁ ନଷ୍ଟ କରିଥିବା ଅଭିଯୋଗ ଆଣି ଏଭଳି ପଦକ୍ଷେପ ନିଆଯାଇଛି । ( ୯ ପୃଷ୍ଠାରେ)

## ଜଳ ପ୍ରପାତରେ ବୁଡି ୨ ଡାକ୍ତରୀ ଛାତ୍ର ମୃତ

ସମ୍ବଲପୁର/ରେଢ଼ାଖୋଲ, ୨୬ ।୭ (ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ସ୍ଥିତ ଦେବଝରଣ ଜଳପ୍ରପାତରେ ବୁଡି ୨ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ମାନେ ରାଜସ୍ଥାନ ମାଉଣ୍ଟଆବୁ ଥାନା ଅଞ୍ଚଳର ମୋନିକା ମିନା(୨୪) ଓ ନୂଆଦିଲ୍ଲୀ ନନ୍ଦଲୋଇର ସନ୍ଦିପ ପୁରୀ(୨୪) ବୋଲି ଜଣାପଡିଛି। ଏନେଇ ଯୁଯୋମୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ଅନୁଷ୍ଠାନ (ଭିମସାର)ର ୬ଜଣ ଡାକ୍ତରୀ ଛାତ୍ର ଯୁଯୋମୁରା ଠାରୁ ପ୍ରାୟ ୩କିମି ଦୂର ଦେବଝରଣ ଜଳପ୍ରପାତକୁ ଶନିବାର ପୂର୍ବାହ୍ନରେ ବୁଲିବାକୁ ଯାଇଥିଲେ। ସେଥିମଧ୍ୟରୁ ୨ଜଣ ଛାତ୍ର ଓ ୪ଜଣ ଛାତ୍ରୀ ଥିଲେ। ଏମାନେ ସମସ୍ତେ ଶେଷବର୍ଷର ଡାକ୍ତରୀ ଛାତ୍ରଛାତ୍ରୀ ଥିବାବେଳେ ମୋନିକା ଓ ( ୯ ପୃଷ୍ଠାରେ)

## ଭୁଲ ଇଞ୍ଜେକ୍ସନ ଦେଇ ଜୀବନ ନେଲା କ୍ୱାକ୍

କଣ୍ଟାବାଞ୍ଜି, ୨୬ ।୭ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ତୁରେକେଲା ଅଞ୍ଚଳରୁ ସଙ୍ଗୀନ ଅଭିଯୋଗ ଆସିଛି । କ୍ୱାକ୍ ହାତରେ ଯାଇଛି ରୋଗୀର ଜୀବନ । ତୁରେକେଲା ଥାନା ମହୁଲପାଟି ଗାଁର ଭବାନୀ ପୁଟାଙ୍କ ଗୋଡ଼ ହାତ ଯନ୍ତ୍ରଣା ଅସହ୍ୟ ହେବାରୁ ପରିବାର ଲୋକେ କ୍ୱାକ୍ ସହ ଯୋଗାଯୋଗ କଲେ । ହେଲେ ସେ କି ଇଞ୍ଜେକ୍ସନ ଦେଲା କେଜାଣି, ଗୋଡ଼ ହାତ ଯନ୍ତ୍ରଣା କମିବା ବଦଳରେ ଭବାନୀଙ୍କ ଜୀବନ ଚାଲିଗଲା ।

ଅଭିଯୋଗ ଅନୁସାରେ ତୁରେକେଲା ଥାନା ମହୁଲପାଟି ଗାଁର ଭବାନୀ ପୁଟାଙ୍କ ଗୋଡହାତ ଯନ୍ତ୍ରଣା ହୋଇଥିଲା । ଏନେଇ ପରିବାରଲୋକେ ଲରକି ଗାଁର କ୍ୱାକ୍ ରଞ୍ଜିତ ମେହେରଙ୍କୁ ଯୋଗାଯୋଗ କରିଥିଲେ । ତେବେ କ୍ୱାକ୍ ଜଣଙ୍କ ଭବାନୀଙ୍କ ଦେହରେ ଭୁଲ୍ ଇଞ୍ଜେକ୍ସନ ଦେଇଥିଲେ । ଗୋଡ଼ ହାତ ଯନ୍ତ୍ରଣା କମିବା ତ ଦୂରର କଥା, ତାଙ୍କ ଶରୀର ଅଧିକ ବିଗିଡ଼ିବା ସହ ସେ ଅଚେତ ହୋଇପଡିଥିବା ନେଇ ଅଭିଯୋଗ ହୋଇଛି । ପରିବାର ଲୋକେ ତାଙ୍କୁ ତୁରନ୍ତ ତୁରେକେଲା ମେଡିକାଲରେ ଭର୍ତ୍ତି କରିବାପରେ ଡାକ୍ତର ସେଠାରେ ଭବାନୀଙ୍କୁ ମୃତ ଘୋଷଣା କରିଥିଲେ ।

### ପୁଣି ଗୁଗୁଲ ମ୍ୟାପ୍ କଲା ବାଟବଣା

## ଖାଇକୁ ଖସିଲା କାର

ନୂଆଦିଲ୍ଲୀ, ୨୬ ।୭ : ଗୁଗୁଲ ମ୍ୟାପ୍‌କୁ ଅନୁସରଣ କରି ଗନ୍ତବ୍ୟ ସ୍ଥଳକୁ ଯିବା ପୁଣି ମହଙ୍ଗା ପଡ଼ିଛି । ଜଣେ ମହିଳାଙ୍କ ଅଡି କାରଟି ପୋଲକୁ ଯିବା ପରିବର୍ତ୍ତେ ଭୁଲ୍ ଭାବରେ ମୋଡ ନେଇ ଗୁଗୁଲ ମ୍ୟାପ୍ ଦର୍ଶାଇଥିବା ରାସ୍ତାରେ ଯିବାରୁ ଖାଇକୁ ଖସିପଡିଛି । ତେବେ ଉପସ୍ଥିତ ସୁରକ୍ଷା ଅଧିକାରୀ ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରିଥିଲେ। ମହିଳା ଜଣକ ଏହି ଦୁର୍ଘଟଣା ଘଟିବା ସମୟରେ କାରରେ ଏକୁଟିଆ ଥିଲେ । ସେ ଗୁଗୁଲ ମ୍ୟାପ୍‌କୁ ଅନୁସରଣ କରି ନାଭି ମୁମ୍ବାଇର ( ୯ ପୃଷ୍ଠାରେ)



### ଦୁଇ ଦିନିଆ ଗରିମା ଜାତୀୟ କର୍ମଶାଳା ଉଦ୍‌ଘାଟିତ

## ପରିମଳ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା

ଭୁବନେଶ୍ୱର, ୨୬ ।୭ (ସବ୍ୟୁ) : ଶନିବାର ଆୟୋଜିତ ହେଉଥିବା କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବରେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଫେଇ କର୍ମଚାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଜାତୀୟ




କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ବିଷୟବସ୍ତୁ

- ମିଳିବ ବାସଗୃହ, ମୋବାଇଲ ଫୋନ୍
- ଜୀବନ ହାନୀ ପାଇଁ ୩୦ ଲକ୍ଷ ଟଙ୍କା ସହାୟତା

ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ( ୯ ପୃଷ୍ଠାରେ)

## ସହକାରୀ ପ୍ରଫେସରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ

ଭୁବନେଶ୍ୱର, ୨୭ ।୭ (ସବ୍ୟୁ) : ଏଫ୍‌ଏମ୍ କଲେଜର ସହକାରୀ ପ୍ରଫେସରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ନେଇ ଅଭିଯୋଗ ଆସିଛି । ସହକାରୀ ପ୍ରଫେସରଙ୍କ କ୍ୟାମ୍ପସରେ ଥିବା କ୍ୱାର୍ଟର୍ସ ମଧ୍ୟରେ ପ୍ରବେଶ କରି ଜଣେ ଯୁବକ ଏଭଳି ଉଦ୍ୟମ କରିଥିବାର ଅଭିଯୋଗ ହୋଇଛି । ରେମୁଣା ଥାନାରେ ଏନେଇ ଅଭିଯୋଗ ଦାଖଲ କରାଯାଇଛି । ଅଭିଯୋଗ ଦାଖଲ ପରେ ସମ୍ପୃକ୍ତ ଯୁବକକୁ ଗିରଫ କରାଯାଇଥିବା ସୂଚନା ମିଳିଛି । ରେମୁଣା ଥାନାରେ ଅଭିଯୋଗ ପରେ ଜନୈକ ଯୁବକକୁ ପ୍ରଥମେ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା । ଏହାପରେ ତାକୁ ଗିରଫ କରାଯାଇଥିବା ଏକ ସୂତ୍ରରୁ ସୂଚନା ମିଳିଛି ।

## ପୋଲିସ-ଉଗ୍ରବାଦୀ ଗୁଳି ବିନିମୟ, ୪ ମୃତ

ରାଉରକେଲା, ୨୬ ।୭ (ସବ୍ୟୁ) : ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗୁମଲା ଘାଘରା ଥାନା ସେହଲ ଲଭଡାଗ ଗାଁରେ ପୁଲିସ - ନିଷିଦ୍ଧ ଉଗ୍ରବାଦୀ ସଂଗଠନ ଝାଡ଼ଖଣ୍ଡ ଜନ ମୁକ୍ତି ପରିଷଦ (ଜେଜେଏମପି) ମଧ୍ୟରେ ଗୁଳି ବିନିମୟ ହୋଇଛି। ପୁଲିସ ଏନକାଉଣ୍ଟରରେ ୪ ଉଗ୍ରବାଦୀ ନିହତ ହୋଇଛନ୍ତି। ସମସ୍ତ ତିନି ଉଗ୍ରବାଦୀଙ୍କ ମୃତଦେହ ଜଙ୍ଗଲରେ ପଡ଼ିରହିଛି। ଘଟଣାସ୍ଥଳରୁ ଏକେ-୪୭ ଓ ଇନସାସ ରାଇଫଲ୍ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି ପୋଲିସ ।

ପୁଲିସ କହିଛି ଯେ ମଝିରେ ମଝିରେ ଗୁଳିଚାଳନା ଜାରି ରହିଛି। ମୃତକଙ୍କ ମଧ୍ୟରୁ ଜଣଙ୍କର ପରିଚୟ ଦୀପକ ଲୋହାର ବୋଲି ଚିହ୍ନଟ ହୋଇଛି । ଅନ୍ୟ ଉଗ୍ରବାଦୀମାନଙ୍କୁ ଏବେ ବି ଚିହ୍ନଟ କରାଯାଇନାହିଁ। ଗୁମଲା ପୁଲିସ ଗୁପ୍ତ ସୂଚନା ପାଇଥିଲା ଯେ ଘାଘରାର ସେହଲ ଗାଁରେ ଜେଜେଏମପି ଉଗ୍ରବାଦୀମାନେ ( ୯ ପୃଷ୍ଠରେ)

### ଥମୁନି ଜନନୀ ଯନ୍ତ୍ରଣା

## ବଢ଼ିଲା ନଈ ପାର ହେଉଛନ୍ତି ଗର୍ଭବତୀ

ରାୟଗଡା, ୨୬ ।୭ (ସବ୍ୟୁ) : ଥମୁନାହିଁ ଜନନୀ ଯନ୍ତ୍ରଣା । ରାୟଗଡ଼ା ଜିଲ୍ଲାରେ ୫୬୪ ଗ୍ରାମକୁ ନାହିଁ ସ୍ଥାୟୀ ରାସ୍ତା । ଏଥି ଯୋଗୁଁ ନିରୁପାୟ ହୋଇ ଜୀବନକୁ ବାଜି ଲଗାଇ ଗୁରୁତର ଅବସ୍ଥାରେ ଥିବା ୭ ମାସର ଗର୍ଭବତୀଙ୍କୁ ଭରା ନଦୀ ପାର କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏହିପରି ଅତ୍ୟନ୍ତ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ଗୁଡାରି ବ୍ଲକ ଅନ୍ତର୍ଗତ ପେଣ୍ଡିଲି ଗ୍ରାମପଞ୍ଚାୟତର ପଞ୍ଚୁପାଣ୍ଡ ଗ୍ରାମରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ଗ୍ରାମର ଗର୍ଭବତୀ ଯଶୋମନ୍ତି ଶବର (୨୪)ଙ୍କୁ ଗର୍ଭ ଯନ୍ତ୍ରଣା ହୋଇଥିଲା। ପରିବାର ବର୍ଗ, ଗ୍ରାମବାସୀ ଓ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ସହାୟତରେ ତାଙ୍କୁ ମେଡିକାଲ ନେବା ନିମନ୍ତେ ଅଣାଯାଇଥିଲା। କିନ୍ତୁ ପଞ୍ଚୁପାଣ୍ଡ ଗ୍ରାମରୁ ମୁଖ୍ୟ ରାସ୍ତାକୁ ଯିବା ନିମନ୍ତେ ରାସ୍ତାରେ ଥିବା ନାଳରେ ଲଗାଣ ବର୍ଷା ଯୋଗୁଁ ଅତ୍ୟଧିକ ପାଣି ଥିଲା। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଭରା ନଈରେ ବୋହି ଅଣାଯାଇଥିଲା। ( ୯ ପୃଷ୍ଠରେ)



**ଜିଲ୍ଲାରେ ୫୬୪ ଗ୍ରାମକୁ ନାହିଁ ସ୍ଥାୟୀ ରାସ୍ତା**

### ବିହାରର ଏସ୍‌ଆଇଆର୍‌କୁ ନେଇ ସୁପ୍ରିମ୍‌କୋର୍ଟରେ ଏଡିଆର୍‌ର ଅଭିଯୋଗ

## ମତଦାତାଙ୍କ ଅଜ୍ଞାତରେ ଦାଖଲ ହେଉଛି ଫର୍ମ

ନୂଆଦିଲ୍ଲୀ, ୨୬ ।୭ : ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର)ରେ କିଭଳି ଅନିୟମିତତା ହେଉଛି ସେନେଇ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ (ଏଡିଆର) ପକ୍ଷରୁ ସୁପ୍ରିମ୍‌କୋର୍ଟରେ ତଥ୍ୟ ଦାଖଲ କରାଯାଇଛି । ଏଡିଆର ଅଭିଯୋଗ କରିଛି ଯେ ଭୋଟର ଗଣନା ଫର୍ମକୁ ଭୋଟରର ବିନା ଅନୁମତିରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବ୍ୟାପକ ଭାବେ ଅପଲୋଡ୍ କରୁଛନ୍ତି । ସମ୍ପୃକ୍ତ ଭୋଟର ଏହି ଗଣନା ଫର୍ମକୁ ଆବଶ୍ୟକୀୟ ତଥ୍ୟ ସହ ଦାଖଲ କରିନାହାନ୍ତି । ସେମାନଙ୍କ ନାଁ ମଧ୍ୟ ଚିଠା ତାଲିକାରେ ନାହିଁ । ଯାହା ଅଗଷ୍ଟ ପହିଲାରେ ପ୍ରକାଶ ପାଇଛି । ଇଆରଓ ମାନଙ୍କର ଏ କ୍ଷେତ୍ରରେ ଥିବା ଦକ୍ଷତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଏ ଦିଗରେ ନିଜଆଡ୍ରୁ ତଦନ୍ତ କରାଯାଉ ବୋଲି ଏଡିଆର ଦର୍ଶାଇଛି ।

ଏଡିଆର ପକ୍ଷରୁ ଯୁକ୍ତି ରଖାଯାଇଛି ଯେ ଜଣେ ଇଆରଓ ୩ ଲକ୍ଷରୁ ଅଧିକ ମତଦାତା ଫର୍ମ ଦାଖଲ କରୁଛନ୍ତି । ଯାହା ଜଣେ ମଣିଷ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଏହି ପ୍ରକ୍ରିୟାର ପରିଚାଳନାକୁ ନେଇ ସେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏଡିଆର କହିଛି ଯେ ଇସିଆଇଙ୍କ ପକ୍ଷରୁ ଗୋଟିଏ ଅବାସ୍ତବ ଲକ୍ଷ୍ୟ ଦିଆଯାଇଛି । ଗଣନାଯୋଗ୍ୟ ଫର୍ମ ଏବେ ସମୂହ ଅପଲୋଡ୍ କରାଯାଉଛି । ଯେଉଁଥିରେ ଭୋଟରଙ୍କର ସହମତି ନାହିଁ । ଯେଉଁ ଭୋଟର ଅନ୍‌ଲାଇନ୍‌ରେ ଏହି ଫର୍ମ ଦେବେ ସେମାନଙ୍କୁ ତାଙ୍କ ଫୋନ୍‌ରେ ଏକ ପ୍ରାପ୍ତି ରସିଦ୍ ମିଳିବ । ଅଧିକାଂଶ ଭୋଟର କହିଛନ୍ତି ଯେ ସେମାନଙ୍କ ଫର୍ମ ଅନ୍‌ଲାଇନରେ ( ୯ ପୃଷ୍ଠାରେ)



## ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

# ମିସାଇଲ ମ୍ୟାନ କଲାମ

ଭାରତର ୧୧ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିବା ଅବଦ୍ଧୁଲ କଲାମ ହେଉଛନ୍ତି ସମସ୍ତଙ୍କର ପ୍ରିୟ ରାଷ୍ଟ୍ରପତି । ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ସାରା ପୃଥିବୀରେ ରହିଛି ତାଙ୍କର ଅନେକ ଖ୍ୟାତି । ତାମିଲନାଡୁର ରାମେଶ୍ୱରମରେ ୧୫ ଅକ୍ଟୋବର ୧୯୩୧ରେ ଜନ୍ମଗ୍ରହଣ କରିଥିବା ଅବଦ୍ଧୁଲ କଲାମଙ୍କର ପୂରାନାମ ହେଉଛି ଅବୁଲ ପାକିର ଜୈନୁଲାବୁଦ୍ଦୀନ ଅବଦୁଲ କଲାମ ।

ସେ ତିରୁଚିରପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନ ଓ ଚେନ୍ନାଇର ମାଦ୍ରାସ ଇନ୍ସ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଅନ୍ତରୀକ୍ଷ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ । ଦେଶର ରାଷ୍ଟ୍ରପତି ହେବା ପୂର୍ବରୁ ସେ ଡି.ଆର୍.ଡି.ଓ ଏବଂ ଇସ୍ରୋରେ ଅନ୍ତରୀକ୍ଷ ଇଞ୍ଜିନିୟର ଥିଲେ । ବାଲିଷ୍ଟିକ ମିଶାଇଲ୍ ଓ ଲଞ୍ଚ ଭେହିକିଲ୍ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ପାଇଁ କଲାମଙ୍କୁ ଭାରତର ମିସାଇଲ୍ ମ୍ୟାନର ଆଖ୍ୟା ଦିଆଯାଇଛି । ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ଉପାଧି 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା । ସେ ଭାରତର ରାଷ୍ଟ୍ରପତି ଭାବେ ୨୦୦୨ ଜୁଲାଇ ୨୫ ତାରିଖରୁ ୨୦୦୭ ଜୁଲାଇ ୨୫ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । 'ଲୋକଙ୍କ ରାଷ୍ଟ୍ରପତି' ଭାବେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା ।

ତାଙ୍କର ଓଡ଼ିଶା ସହିତ ମଧ୍ୟ ରହିଥିଲା ନିଆରା ସମ୍ପର୍କ । ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ ପୂର୍ବରୁ ଜଣେ ବୈଜ୍ଞାନିକ ଭାବେ କଲାମ ବହୁବାର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷାଘାଟିକୁ ଆସିଛନ୍ତି । ପରବର୍ତ୍ତୀ ସମୟରେରାଷ୍ଟ୍ରପତି ଥିବା ସମୟରେ ସେ ଏକାଧିକବାର ଓଡ଼ିଶାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ଜଣେ ଲେଖକ ଭାବେ ମଧ୍ୟ ରହିଛି ତାଙ୍କର ଦକ୍ଷତା । ତାଙ୍କଦ୍ୱାରା ଲିଖିତ 'ଇଗନାଇଟେଡ୍ ମାଇଣ୍ଡସ୍' (୨୦୦୨), 'ୱିଙ୍ଗସ୍ ଅଫ୍ ଫାୟାର' (୧୯୯୯) ଓ 'ଇଣ୍ଡିଆ ୨୦୨୦– ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍' ଦେଶର କୋଟି କୋଟି ଲୋକଙ୍କ ଲାଗି ପ୍ରେରଣାର ଉତ୍ସ ସାଜିଛି । 'ୱିଙ୍ଗସ୍ ଅଫ୍ ଦି ଫାୟାର' ହେଉଛି ତାଙ୍କର ଆତ୍ମଜୀବନୀ, ଅନ୍ୟ ଗୋଟିଏ ଆତ୍ମଜୀବନୀ ହେଉଛି 'ଟର୍ଣ୍ଣିଂ ପଏଣ୍ଟ' । ତେବେ ଏହି ମହାନ ବୈଜ୍ଞାନିକ ତଥା ଦେଶର ପ୍ରିୟ ରାଷ୍ଟ୍ରପତିଙ୍କର ଶିଲଂସ୍ଥିତ ବେଥନି ହସ୍ପିଟାଲରେ ୨୭ ଜୁଲାଇ ୨୦୧୫ରେ ଦେହାନ୍ତ ହୋଇଥିଲା । ଏକ ସଭାରେ ଭାଷଣ ଦେଉଥିବା ସମୟରେ ଆକସ୍ମିକ ହୃଦ୍‌ଘାତ କାରଣରୁ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଅବର୍ତ୍ତମାନରେ ଦେଶର ଅପୂରଣୀୟ କ୍ଷତି ହୋଇଛି । ଦେଶ ତାର ମିସାଇଲ୍ ମ୍ୟାନ୍‌ଙ୍କୁ ସବୁଦିନ ପାଇଁ ହରାଇଥିଲା ।



## ସୋସିଆଲ କୋଟ୍ସ

"ହିମାଚଳରେ ଡ୍ରଗ୍ସ କାରବାରର ହାଲତ ଖୁବ ଖରାପ ଅଛି । ଯଦି ବର୍ତ୍ତମାନ କୌଣସି ପଦକ୍ଷେପ ନିଆ ନଯାଏ ତେବେ ସ୍ଥିତି ଗମ୍ଭୀର ହେବ । ପରିସ୍ଥିତି ପଞ୍ଜାବ ଭଳି ହେବ ।

**କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ**





"ବାପାଙ୍କ ଉପରେ ବାୟୋପିକ୍ କରିବାକୁ ଇଚ୍ଛା ରହିଛି । ହେଲେ ସବୁଠାରୁ ସମସ୍ୟା କାଷ୍ଟିଂରେ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ଏଭଳି କଳାକାର କେହି ନାହାନ୍ତି ଯିଏ ଶତ୍ରୁଘ୍ନ ସିହ୍ନାଙ୍କ ଚରିତ୍ରରେ ଅଭିନୟ କରିପାରିବ ।

**କୁଶ ସିହ୍ନା, ଫିଲ୍ମ ମେକର**

"ଅଲ୍ଟ ପ୍ଲାଟଫର୍ମରେ ବ୍ୟାନ ଲାଗିଛି । ମୋର କିମ୍ବା ମୋ ମାଆଙ୍କର ସମ୍ପୃକ୍ତ ପ୍ଲାଟଫର୍ମ ସହିତ କୌଣସି ସମ୍ପର୍କ ନାହିଁ ।


**ଏକତା କପୁର, ଫିଲ୍ମମେକର**



# ବୟସ୍କଙ୍କ ପାଇଁ ନୂଆ ନିୟମ



ମାକ୍ ଡୋନାଲ୍ଡରେ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । ବିଶେଷ କରି ସ୍କୁଲ ଛୁଟି ଆରମ୍ଭ ହୋଇଗଲେ ପିଲାମାନଙ୍କ ଭିଡ ଏହି ରେସ୍ତୋରାଁରେ ଦେଖିବାକୁ ମିଳିଥାଏ । ହେଲେ ଏହି ଗହଳି କାରଣରୁ ଅନେକ ସମୟରେ ବୟସ୍କମାନଙ୍କୁ ସମସ୍ୟା ଉପୁଜିଥାଏ । ତେଣୁ ଏଭଳି ସମସ୍ୟାକୁ ଆଖିରେ ରଖି ଆମେରିକାରେ ଥିବା ମାକ୍‌ଡୋନାଲ୍ଡ କାଫେର କିଛି ଆଉଟଲେଟରେ ନିଆରା ବ୍ୟବସ୍ଥା କରାଯାଇଛି । କିଛି ଆଉଟ୍‌ଲେଟ୍‌ରେ ନିର୍ଦ୍ଦିଷ୍ଟଭାବେ କିଛି ସ୍ଥାନକୁ ବୟସ୍କଙ୍କ ପାଇଁ ସଂରକ୍ଷିତ କରି ରଖାଯାଇଛି । ଏହି ସ୍ଥାନକୁ ୧୬ ବର୍ଷରୁ କମ ପିଲାଙ୍କୁ ଯିବାକୁ ଅନୁମତି ନାହିଁ, ଯାହାଫଳରେ ବୟସ୍କମାନେ ଆରାମରେ ସେମାନଙ୍କ ଖାଦ୍ୟ ଖାଇପାରିବେ । ସେହିଭଳି ଏହି ସ୍ୱତନ୍ତ୍ର ନିୟମ ସପ୍ତାହରେ କେବଳ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ରହିବ । ଏହି ନିୟମ ପରେ ସେଠିକାର ବୟସ୍କମାନେ ସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି ।



# ଆଳୁ ବିଟ୍‌ରୁଟ୍ ହାଲୁଓ୍ୱା

**ସାମଗ୍ରୀ–** ଗୋଟିଏ ଚୋପାଛଡା ସିଝା ଆଳୁ, ୩ଟି ଚୋପାଛଡା ସିଝା ବିଟ୍‌ରୁଟ, ଅଧାକପ ଚିନି, ଖୁଆ, ଗୁଜୁରାତି ଗୁଣ୍ଡ, ଅଧା କପ ଖୀର, ଘିଅ, ଚୋପାଛଡା କଟା ଆଲମଣ୍ଡ ।

**ପ୍ରଣାଳୀ–** ପ୍ରଥମେ ସିଝା ଆଳୁ ଓ ବିଟ୍‌ରୁଟ୍‌କୁ ଗ୍ରେଟ କରିନିଅନ୍ତୁ । ଏହାପରେ ଏକ ପ୍ୟାନରେ ଘିଅ ଗରମ କରି ଏଥିରେ ଗ୍ରେଟ ହୋଇଥିବା ଆଳୁ ଓ ବିଟ୍‌ରୁଟ ପକାଇ ଦୁଇରୁ ତିନି ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ ଚିନି ପକାଇ ଅଳ୍ପ ସମୟ ଭାଜନ୍ତୁ । ଏହି ମିଶ୍ରଣ ଭାଜିହେବା ପରେ ଏଥିରେ ଗ୍ରେଟ ହୋଇଥିବା ଖୁଆ ଓ ଡ୍ରାଏଫ୍ରୁଟ୍ସ ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଖୀରଦେଇ ଅଳ୍ପ ସମୟ ସିଝିବାକୁ ଛାଡନ୍ତୁ । ଶେଷରେ ଏଥିରେ ଗୁଜୁରାତି ଗୁଣ୍ଡ ଓ ଡ୍ରାଏଫ୍ରୁଟ୍ସ ପକାଇ ପ୍ରସ୍ତୁତ କରନ୍ତୁ ଆଳୁ ବିଟ୍‌ରୁଟ ହାଲୁଓ୍ୱା ।

# ବାର୍ଷିକ ସ୍କୁଲ ଦେୟ ୧୧ ଲକ୍ଷରୁ ଅଧିକ





ସୋସିଆଲ ମିଡିଆରେ ଅନେକ ସମୟରେ ସ୍କୁଲ ପିଲାଙ୍କ ଫିସ୍‌କୁ ନେଇ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ପୁଣି ଚର୍ଚ୍ଚା ସାଉଁଟିଛି । ରେଡିଟ୍ ସାଇଟ୍‌ରେ ଗୁଗୁଲ୍‌ରେ କାର୍ଯ୍ୟରତ ଦମ୍ପତିଙ୍କ ପୋଷ୍ଟ ବର୍ତ୍ତମାନ ଖୁବ ଭାଇରାଲ ହେବାଲେ ଲାଗିଛି । ପୋଷ୍ଟ ଅନୁସାରେ ତାଙ୍କର ବର୍ଷକୁ ୧୧.୨ ଲକ୍ଷ ଟଙ୍କା ସ୍କୁଲ ଫିସ୍‌ରେ ଯାଉଛି, ଯେଉଁଥିରେ ତାଙ୍କର ଗୋଟିଏ ପିଲା ହିଁ ପାଠ ପଢୁଛି । ଏହି ପୋଷ୍ଟଟି ବର୍ତ୍ତମାନ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚାକୁ ଖୋରାକ ଯୋଗାଉଛି । ଆଜିକାଲି ପାଠ ପଢା ଏକ ବ୍ୟବସାୟରେ ପରିଣତ ହୋଇ ସାରିଛି, ଯାହା ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି ବୋଲି ମତ ପ୍ରକାଶ ପାଇବାରେ ଲାଗିଛି । ପୋଷ୍ଟରେ ତାଙ୍କ ଭଳି ଅନେକ ଲୋକ କମେଣ୍ଟ ଦେବା ଆରମ୍ଭ କରିଛନ୍ତି ଯେଉଁମାନେ ତାଙ୍କ ରୋଜଗାରର ସିଂହ ଭାଗ ପିଲାଙ୍କ ପାଠ ପଢା ପାଇଁ ଖର୍ଚ୍ଚ କରୁଛନ୍ତି । ସେହିଭଳି ଏହି ପାଠ ପଢା କୌଣସି ଉଚ୍ଚଶିକ୍ଷା ନୁହେଁ ବରଂ ପ୍ରାଥମିକ ଶିକ୍ଷାରେ ଯାଉଛି । ସେହିଭଳି କିଛି ଲୋକ ଏତେମାତ୍ରାର ଅର୍ଥ ଦେଇ ପିଲାଙ୍କୁ ପାଠ ପଢାଇବାକୁ ବାରଣ ମଧ୍ୟ କରିଛନ୍ତି ।

# ଗାଁରେ ମିଳୁଛି ମାଗଣାରେ ଦୁଗ୍ଧ



ମଧ୍ୟପ୍ରଦେଶରେ ବିଭିନ୍ନସ୍ଥାନର ଭିନ୍ନଭିନ୍ନ ନୀତି ଦେଖିବାକୁ ମିଳିଥାଏ । ଏହି ନିୟମ ବେଳେବେଳେ ଖୁବ ଅଜବ ମଧ୍ୟ ହୋଇଥାଏ । ସେହିଭଳି ଏକ ଅଜବ ନୀତି ବର୍ତ୍ତମାନ ସାମନାକୁ ଆସିଛି । ଏଠାରେ ଥିବା ଏକ ଛୋଟ ଗାଁରେ ରହିଛି ଏଭଳି ନୀତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସୂଚନାଅନୁସାରେ ଏହି ଗାଁରେ ସମସ୍ତଙ୍କ ଘରେ ଗାଈ ଅଛନ୍ତି ହେଲେ କେହି ଏଠାରେ ଖୀର ବିକ୍ରି କରିପାରିବେ ନାହିଁ । ଯିଏ ବି ଏଠି ଖୀର କିଣିବାକୁ ଆସିଥାଏ ତାକୁ ମାଗଣାରେ ପ୍ରଦାନ କରାଯାଇଥାଏ । ଏହି ପରମ୍ପରା ସମ୍ପୃକ୍ତ ଗ୍ରାମରେ କାହିଁ କେଉଁ କାଳନରୁ ଚାଲି ଆସିଛି । ଏଠାରେ ବିଶ୍ୱାସ ରହିଛି କି ଯଦି ଗାଈର ଖୀର ବିକ୍ରି କରାଯିବ ତେବେ ତାର ଦେହ ଅସୁସ୍ଥ ହେବ । ତେଣୁ ଏହି କାରଣ ପାଇଁ ଏଠାରେ କେହି ବି ଖୀର ବିକ୍ରି କରିବାର ସାହସ କରନ୍ତି ନାହିଁ । ସେହିଭଳି ଏଠାରେ କେହି ମଦ କିମ୍ବା ମାଂସ ଖାଆନ୍ତି ନାହିଁ ବୋଲି ସୂଚନା ରହିଛି । ଏଠାରେ ଥିବା ଜଣେ ସିଦ୍ଧ ସନ୍ଥଙ୍କର ଗାଦି ରହିଛି, ଯିଏ ଗାଁର ସୁରକ୍ଷା କରୁଛନ୍ତି । ତେଣୁ ତାଙ୍କୁ ମାନି ଲୋକମାନେ ଏହି ସବୁ ନିୟମ ପାଳିଥାଆନ୍ତି ।



# ୨୬ ବର୍ଷରେ ମିଳିଥିଲା ସଫଳତା

ଖୁବଶୀଘ୍ର ବଲିଉଡ ଅଭିନେତା ହ୍ରିତିକ୍ ରୋଶନଙ୍କର ଫିଲ୍ମ ୱାର୍ ୨ ପରଦାକୁ ଆସିବ, ଯାହାକୁ ନେଇ ସେ ଖୁବ ଚର୍ଚ୍ଚାରେ ଅଛନ୍ତି । ତେବେ ହ୍ରିତିକ୍‌ଙ୍କର ଷ୍ଟାରଡମ୍ ସେ ମାତ୍ର ୨୬ ବର୍ଷରେ ପାଇଯାଇଥିଲେ । ତେବେ ନିଜ ପ୍ରଥମ ଫିଲ୍ମରେ ସଫଳ ହୋଇଥିବା ହ୍ରିତିକ କିନ୍ତୁ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଆସିବାକୁ ହିଁ ଚାହୁଁନଥିଲେ । ସେ ଭାବୁଥିଲେ ତାଙ୍କୁ ଏହି ଇଣ୍ଡଷ୍ଟ୍ରୀରେ ସଫଳତା ମିଳିବ ହିଁ ନାହିଁ । ହେଲେ ଏହା ପଛରେ ସଲମାନଙ୍କର ହାତ ରହିଥିବା ଜଣା ପଡିଛି । ସଲମାନ ତାଙ୍କ ଉପରେ ବିଶ୍ୱାସ ଦେଖାଇ ତାଙ୍କୁ ଏହି ଇଣ୍ଡଷ୍ଟ୍ରୀକୁ ଆଣିଥିବା ନିଜେ ହ୍ରିତିକ ତାଙ୍କର ବହୁ ପୂର୍ବ ସାକ୍ଷାତକାରରେ ପ୍ରକାଶ କରିଥିଲେ, ଯାହା ବର୍ତ୍ତମାନ ଭାଇରାଲ ହେଉଛି । ଏପରିକି ସଲମାନ ଖାନ୍ ନିଜେ ତାଙ୍କୁ ଏହି ଇଣ୍ଡଷ୍ଟ୍ରୀରେ କିଭଳି ସଫଳତା ପାଇବ ସେନେଇ ପ୍ରଶିକ୍ଷିତ କରିଥିଲେ ବୋଲି ହ୍ରିତିକ ପ୍ରକାଶ କରିଥିଲେ । ସଲମାନ ତାଙ୍କୁ ସେହି ସମୟରେ ଖୁବ ଅଧିକ ମାନସିକ ସମର୍ଥନ ଦେଇଥିଲେ ଯାହା ତାଙ୍କର ଆତ୍ମବିଶ୍ୱାସକୁ ବଢାଇଥିଲା ବୋଲି ହ୍ରିତିକ ପ୍ରକାଶ କରିଛନ୍ତି । ହ୍ରିତିକ ନିଜ ଡେବ୍ୟୁ ଫିଲ୍ମ କହୋ ନା ପ୍ୟାର୍ ହେ ପାଇଁ ଘରେଘରେ ପରିଚିତ ହୋଇ ପାରିଥିଲେ ।

## ଇତିହାସ

୧୭୮୯– ପ୍ରଥମ ଫେଡେରାଲ୍ ଏଜେନ୍ସି ଦି ଡିପାର୍ଟମେଣ୍ଟ ଅଫ୍ ଫରେନ୍ ଆଫେୟାର୍ସର ସ୍ଥାପନା ।

୧୮୬୨– ଆମେରିକୀୟ ସହର କ୍ୟାଣ୍ଟନ୍‌ରେ ଘୂର୍ଣ୍ଣିଝଡରେ ୪୦ ହଜାର ଲୋକଙ୍କ ମୃତ୍ୟୁ ।

୧୮୮୮– ଫିଲିପ୍ ଡବ୍ଲ୍ୟୁ. ପ୍ରଟ୍ ପ୍ରଥମ ଇଲେକ୍ଟ୍ରିକ୍ ଅଟୋମୋବାଇଲର ପ୍ରଦର୍ଶନ କଲେ ।

୧୮୯୭– ବାଲ ଗଙ୍ଗାଧର ତିଲକଙ୍କୁ ପ୍ରଥମକରି ଗିରଫ କରାଗଲା ।

୧୯୧୩– ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିକାରୀ ମହିଳା କଳ୍ପନା ଦତ୍ତଙ୍କ ଜନ୍ମ ।

୧୯୮୨– ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରଥମ ଆମେରିକା ଯାତ୍ରା ।

୧୯୮୭– ଟାଇଟାନିକ୍‌ର ଭଗ୍ନାବଶେଷ ମିଳିଲା ।

୧୯୯୪– ବିଶ୍ୱ ଶୁଟିଂ ଚାମ୍ପିଅନ୍‌ସିପ୍‌ରେ ଜସପାଳ ରାଣା ସ୍ୱର୍ଣ୍ଣ ପଦକ ଜିତିଲେ ।

୨୦୦୩– ପ୍ରସିଦ୍ଧ ଆମେରିକୀୟ କମେଡିଆନ୍ ବବ୍ ହୋପ୍‌ଙ୍କ ଦେହାନ୍ତ ।

୨୦୦୬– ଋଷିଆ ପ୍ରକ୍ଷେପଣ ଯାନ ନେପର୍ ପୃଥିବୀ ଉପରେ ପଡିଲା ।



ଲୋକସେବାଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଆସାମ ଗୃହମନ୍ତ୍ରୀ ରୁପେଶ ଗୋୱାଲା

### ବିଶିଷ୍ଟ ସାରସ୍ୱତ ସାଧିକା ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

# ଅଟଳ ଜୀ ଗୋଟିଏ ଦଳର ପ୍ରତିନିଧି ଥିଲେ ସତ କିନ୍ତୁ ଜନତାଙ୍କ ମନର ନେତା ଥିଲେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି । ଅଟଳ ଯୁବଶକ୍ତି ଅନୁଷ୍ଠାନ, ଯୁଗ ପୁରୁଷ ପୂଜ୍ୟ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ସମାରୋହ ତଥା ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା ଏକ ଅନନ୍ୟ ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି, ଓଡ଼ିଶା ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅବସରରେ କହିଥିଲେ ।



ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ତାଙ୍କ ଯୁଗ ହେଉଛି ସୁଜଳାମ୍ ସୁଫଳାମ୍ ଭାରତର ପ୍ରତୀକ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ – ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢିଙ୍କୁ ଅନୁପ୍ରେରଣା ଦେବ। ତାଙ୍କ ଜୀବନର ଗାଥା ଭାରତ ରାଜନୈତିକ ଇତିହାସରେ ଅଦ୍ୱିତୀୟ। ସେ ଏକ ଦଳର ପ୍ରତିନିଧି ଥିଲେ, କିନ୍ତୁ ଜନତାଙ୍କ ମନର ନେତା ଥିଲେ। ତାଙ୍କର ଶାସନକାଳ ହେଉ ବା ବିପକ୍ଷ ଜୀବନ - ସେ ସଦା ସତ୍ୟ, ନ୍ୟାୟ ଓ ରାଷ୍ଟ୍ରପ୍ରେମର ମୂର୍ତ୍ତିମାନ ଉଦାହରଣ ଥିଲେ। ସେ ଥିଲେ ଅଜାତଶତ୍ରୁ। ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ।

ଅଟଳଙ୍କ ସଦା ସର୍ବଦା ଯୁବ ଶକ୍ତି ଉପରେ ଅଗାଧ ଆଶା ଓ ବିଶ୍ୱାସ ଥିଲା। ଅଟଳଜୀ ମାନୁଥିଲେ – ଯୁବ ପିଢି କେବଳ ଆଗାମୀ ନୁହେଁ, ବରଂ ବର୍ତ୍ତମାନର ନୈତିକ ଶକ୍ତି ଓ ପରିବର୍ତ୍ତନର ନାୟକ। ଆମେ ଯଦି ଅଟଳଜୀଙ୍କ ପଥ ଅନୁସରଣ କରିବାକୁ ଚାହୁଁଛୁ, ତେବେ ଆମେ ଯୁବପିଢି ଭାବେ ନିଜ ଜୀବନକୁ ନୀତି, ସଂଗଠନ, ଶିକ୍ଷା ଓ ଦେଶପ୍ରେମରେ ଗଠିତ କରିବାକୁ ପଡିବ। ଆଜିର ଓଡ଼ିଶା ଓ ଭାରତ ତାଙ୍କ ପଦଚିହ୍ନକୁ ଅନୁସରଣ କରି ଅଟଳ ଭାବନା ଓ ଅଟଳ ନିଷ୍ଠାରେ ଏକ ନୂଆ ଯୁଗ ଗଢ଼ିପାରିବ। ଆମର ସୌଭାଗ୍ୟ ଯେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ବି ଦେଶର ସୁରକ୍ଷା ସହିତ ଦେଶର ବିକାଶକୁ ଗୁରୁତ୍ୱ ଦେଇ ଭାରତକୁ ଏକ 'ନୂଆ ଭାରତ'ର ସଜ୍ଞା ଦେଇଛନ୍ତି। 'ଅପରେସନ ସିନ୍ଦୁର' ଏହାର ଜୀବନ୍ତ ଉଦାହରଣ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଅଟଳ ବିହାରୀ ବାଜପାୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଅଟଳ ବିହାରୀ ବାଜପାୟୀ ଜୀ କେବଳ ଏକ ନାମ ନୁହେଁ ସେ ହେଉଛନ୍ତି ଏକ ବିଚାରଧାରା।

ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ, ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା । "। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିକାଶ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବତୀଙ୍କୁ କର୍ପୋରେଟରଙ୍କ ପ୍ରତାରଣା ମାମଲା

## ଅମରେଶଙ୍କୁ ଫେରାରରେ ସହଯୋଗ କରିଥିବା ୫ ଗିରଫ

ଭୁବନେଶ୍ୱର (ସ.ବ୍ୟୁ) : ଯୁବତୀଙ୍କୁ ବିଜେଡ଼ି କର୍ପୋରେଟର ଅମରେଶ ଜେନା ପ୍ରତାରଣା କରିଥିବା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି । ଅମରେଶଙ୍କୁ ଗିରଫ କରିବା ପାଇଁ ପୋଲିସ୍ ଛାନଭିନ୍ କରୁଥିବାବେଳେ ତାଙ୍କୁ ଫେରାରରେ ସଯୋଗ କରୁଥିବା ୫ ସହଯୋଗୀଙ୍କୁ ଲକ୍ଷ୍ମୀସାଗର ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି ।

ଏତଲାକାରୀ ଯୁବତୀ ନାବାଳିକା ଥିବାବେଳେ ଅମରେଶ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ୍ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା କରାଇଛି । ମାମଲା ରୁଜୁ ହୋଇ ତଦନ୍ତ ଆଗକୁ ବଢ଼ିବା ଅମରେଶ ଜାଣିବା ପରେ ଗିରଫ ଭୟରେ ଫେରାର ହୋଇଯାଇଥିଲେ । ଫେରାର କରାଇବାରେ ସହଯୋଗ କରିଥିବା ୫ ଜଣ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ୍ ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର, ୨ ଅଭିଯୁକ୍ତ ଗିରଫ

ଜଟଣୀ,(ସବ୍ୟୁ): ସଂଘବଦ୍ଧ ଆକ୍ରମଣ କରି ଅଭିଯୋଗକାରିଣୀ ଲଳିତା ନାୟକ ଓ ତାଙ୍କ ସ୍ୱାମୀଙ୍କୁ ଗୁରୁତର ଆହତ କରିବା ଘଟଣାରେ ଜଟଣୀ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରାଜୁ ଗୋପାଳ ଦାସ ଓ ନନ୍ଦୁ ଓରଫ୍ ସୋମନାଥ ଜେନା। ସ୍ଥାନୀୟ ଗଜପତିନଗର ଅଞ୍ଚଳରେ ଏମାନଙ୍କର ଘର। ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଶ୍ରମିକଭାବେ କାର୍ଯ୍ୟ କରିଥାନ୍ତି। ଏକ ଅଟୋରେ ସବୁ ଶ୍ରମିକ ମିଶି କାର୍ଯ୍ୟସ୍ଥଳିକୁ ଯାଇଥାନ୍ତି। ଗତ ୨୧ତାରିଖରେ ଅଟୋରେ ସ୍ଥାନ ଅଭାବ ଯୋଗୁଁ ଅଭିଯୋଗକାରିଣୀ ଲଳିତା ଓ ତାଙ୍କ ସ୍ୱାମୀ ଯାଇପାରିନଥିଲେ। ତେବେ କାର୍ଯ୍ୟକୁ କାହିଁକି ଆସିଲୁ ନାହିଁ ପଚାରି ଆକ୍ରମଣକାରୀଙ୍କ ମଧ୍ୟରୁ ପିତା ମହାନ୍ତି ଓ ଅନ୍ୟମାନେ ଗାଳିଗୁଲଜ କରିଥିଲେ। ଏପରିକି ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ୬ଜଣ ମିଶି ସଂଘବଦ୍ଧ ଆକ୍ରମଣ କରିଥିଲେ। ପଥରରେ ମୁଣ୍ଡକୁ ଛେଚି ଦେବାରୁ ଗୁରୁତର ଆହତ ହୋଇ ବର୍ତ୍ତମାନ ସେ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଗିରଫ ରାଜୁଗୋପାଳ ଓ ସୋମନାଥ ନାମରେ ଜଟଣୀ ଥାନାରେ ପୂର୍ବରୁ ୨ଟି ମାମଲା ଥିବା ପୁଲିସ କହିଛି।

## ପୁଅ ଶବକୁ ଧରି ମା ଥାନାରେ

ଭୁବନେଶ୍ୱର, (ସବ୍ୟୁ) : ନବଜାତ ପୁଅର ଶବକୁ ଧରି ମା ଖଣ୍ଡଗିରି ଥାନାରେ ଆସି ଅଭିଯୋଗ କରିଛନ୍ତି । ବାପା ହେଲ୍ଥ କାର୍ଡ଼ ନଦେବାରୁ ନବଜାତକର ମୃତ୍ୟୁ ହେଲା । ତେଣୁ ନିର୍ଦ୍ଦୟ ବାପାକୁ ତୁରନ୍ତ ଗିରଫ କରାଯାଉ ବୋଲି ମା ଦାବି କରିଛନ୍ତି ।

ଡୁମୁଡୁମା ଅଞ୍ଚଳରେ ରୁହନ୍ତି ନରେଶ ସାହୁ । ତାଙ୍କ ପତ୍ନୀ ପୁତ୍ର ସନ୍ତାନ ପ୍ରସବ କରିବା ପରେ ନବଜାତକର ଶାରୀରିକ ଅସୁସ୍ଥତା ପାଇଁ ଅଧିକ ଚିକିତ୍ସାର ଆବଶ୍ୟକ ଥିଲା । ହେଲ୍ଥ କାର୍ଡ଼ ନେଇ ବାପା କେଉଁଆଡ଼େ ଚାଲିଯିବାରୁ ନବ ଜାତକର ମୃତ୍ୟୁ ହେଲା ବୋଲି ମା ଅଭିଯୋଗ କରିଛନ୍ତି । ମୃତ ନବଜାତକକୁ ହାତରେ ଧରି ମା ଖଣ୍ଡଗିରି ଥାନାରେ ପହଞ୍ଚିବା ପରେ ପୋଲିସ ମଧ୍ୟରେ ଘଟଣାକୁ ନେଇ ଚର୍ଚ୍ଚା ହୋଇଥିଲା । ପୋଲିସ ମା'ଙ୍କ ଅଭିଯୋଗ ଗ୍ରହଣ କରିଛି । ବାପକୁ ତୁରନ୍ତ ଗିରଫ କରାଯାଉ ବୋଲି ମା ଦାବି କରିଥିବାବେଳେ ନ୍ୟାୟ ମିଳିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି ।




କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଶ୍ରେଷ୍ଠ ସାଂସଦ ଭାବେ ସାଂସଦରତ୍ନ ପୁରସ୍କାର ପ୍ରଦାନ କରୁଛନ୍ତି ସଂସଦୀୟ ମନ୍ତ୍ରୀ କିରନ ରିଜିଜୁ

# ୬ କୁଖ୍ୟାତ ଅପରାଧୀ ଗିରଫ : ୫ ବନ୍ଧୁକ ଜବତ

କଟକ,(ସବ୍ୟୁ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ୍ ବନ୍ଧୁକ ବ୍ୟବସାୟ । ବିହାରର ମୁଙ୍ଗେର୍ ଠାରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ବିକ୍ରି ହେଉଥିଲା । ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀଙ୍କୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଯୋବ୍ରା ମାଟିଆ ମଙ୍ଗଳା ସାହିର କାଦୁଅ ଓରଫ ଦେବଦତ୍ତ ସିଂହ ବେହେରା(୨୬) । ତା' ନିକଟରୁ ବନ୍ଧୁ କିଣିଥିବା ୫ ଜଣ ଯଥାକ୍ରମେ ଯୋବ୍ରା ମହ୍ଲା ସାହିର ରାଜା ଓରଫ ପିୟୁଷ ରେଡି(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ ବିଜୟ ରାଓ(୩୬), ନୂଆସାହିର ହାପି ଓରଫ ଜ୍ୟୋତି ରଞ୍ଜନ ନାୟକ(୨୩), ବିଦୁ ଓରଫ ବୈଦ୍ୟନାଥ ବେହେରା(୨୨) ଓ ତଳସାହିର ତପୁ ଓରଫ ତପନ ସେଠୀ(୨୦)କୁ ମଧ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ୫ଟି ୭.୬୫ ଏମ୍ଏମ୍ ପିସ୍ତଲ, ୧୩ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରାଯାଇଛି । ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କମିଶନର ଏସ. ଦେବଦତ୍ତ ସିଂହ ଡସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା । ବନ୍ଧୁକ କାରବାରରେ ଜଡିତ କିଛି ଦୁର୍ବୃତ୍ତ ବଡ ଧରଣର ଅପରାଧୀକ କାଣ୍ଡ ଭିଆଇବା ଉଦ୍ଦେଶ୍ୟରେ ଏକତ୍ରିତ ହେଉଥିବା ଜଣାପଡିଥିଲା । ଏହାପରେ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେଶାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆ ମଙ୍ଗଳା ଛକରେ ଚଢଉ କରିଥିଲେ । ଏହି ସମୟରେ ସ୍କୁଟି ଧରି ଛିଡା ହୋଇଥିବା କାଦୁଅ ଖସିପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା । ସ୍କ୍ୱାଡ୍ ତାକୁ କାବୁ କରି ତଲାସି ନେବାରୁ ତା' ପାଖରୁ ଗୋଟିଏ ୭.୬୫ ଏମଏମର ପିସ୍ତଲ ସହ ୫ ରାଉଣ୍ଡ ଗୁଳି ମିଳିଥିଲା । ଏହାପରେ ତାକୁ ଧରିଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ତଥ୍ୟ ମିଳିଥିଲା । ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେରରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧୀକ ଗୋଷ୍ଠୀକୁ ଯୋଗାଉଥିଲା । ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତାର ଗ୍ରାହକ ଥିଲେ । ଗତ କିଛି ଦିନ ତଳେ କାଦୁଅ ବିହାର ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା । ତନ୍ମଧ୍ୟରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟ ରାଓ ସମେତ ୫ ଜଣଙ୍କୁ ବିକ୍ରି କରିଥିଲା । ଆଉ ଗୋଟିଏ ବନ୍ଧୁକ ଅନ୍ୟ ଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା । ପୁଲିସ ରାତି ତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢଉ କରି ନନ୍ଦ ଓରଫ ବିଜୟ ରାଓ ଓ ତାର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା । ଏଥି ସହିତ ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଜୀବନ୍ତ ଗୁଳି ଜବତ କରିଥିଲା । ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେବି ଗୋଟିଏ ପୁଲିସ ଜବତ କରି ପାରିନାହିଁ । ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ । ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି । ଗତ କିଛି ଦିନ ହେବ ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ ଗଢିଥିଲା । ଆଗକୁ ପାର୍ବଣ ସମୟରେ ସଶସ୍ତ୍ର ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡିଛି । ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି । ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି । ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି । ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢିବ ବୋଲି ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଡିସିପି ରିଶିକେଷ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସଂପତ୍ତି

ଅସ୍ତରଙ୍ଗ,(ସବ୍ୟୁ):,ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ଉଦୟକଣୀ ଗ୍ରାମ ୫ ନମ୍ବର ୱାର୍ଡରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି । ଉଦୟକାଣୀ ଗ୍ରାମର କପିଳା କାଣ୍ଡି ତାଙ୍କ ପରିବାର ସହବାସ କରୁଥିବା ବେଳେ ସେ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଭରଣ ପୋଷଣ କରନ୍ତି । ବଡନ୍ତା ଝିଅର ର ବିଭାଘର ପାଇଁ ଅଳଙ୍କାର, ଲୁଗା, କିଛି ଟଙ୍କା ଏକ ବାକ୍ସରେ ରଖିଥିଲେ । ମାତ୍ର ଶୁକ୍ରବାର ବିଳମ୍ବିତ ରାତିରେ ହଠାତ ଜଳିବାକୁ ଲାଗିଥିଲା ତାଙ୍କ ର ୩ ବଖରା ଝାଟି ମାଟି ଚାଳ ଛପର ଘର । ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା, ସେ ତାଙ୍କ ପରିବାର ସହିତ ନିଜ ଜୀବନ ବଞ୍ଚେଇ ବାକୁ ବାହାରକୁ ପଳେଇ ଆସିଥିଲେ ।ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ପାରି ନଥିଲେ । କୋଣାର୍କ ଦମକଳ କେନ୍ଦ୍ରରୁ ଦମକଳ ପହଞ୍ଚିଲା ବେଳକୁ କପିଳା ଙ୍କର ସବୁ ଜଳି ପୋଡି ପାଉଁଶ ହୋଇ ଯାଇଥିଲା ।ଏହି ଘରେ ଖଟ, ପଲଙ୍କ, ଆସବାବ ପତ୍ର, ଘରୋଇ ବ୍ୟବହୃତ ଦ୍ରବ୍ୟ, ଝିଅ ବାହାଘର ପାଇଁ ବାକ୍ସ ରେ ଥିବା ଗହଣା, ଲୁଗାପଟା, ପଇସା, କିଛି କାଗଜପତ୍ର, ଏକ ସ୍କୁଟି ଓ ସାଇକେଲ ମଧ୍ୟ ଜଳି ପୋଡି ନଷ୍ଟ ହୋଇଯାଇଛି । ଏ ବାବଦରେ ଅସ୍ତରଙ୍ଗ ତହସିଲ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସ୍ଥିତି ଅନୁଧ୍ୟାନ କରିବା ପରେ ଅସ୍ତରଙ୍ଗ ତହସିଲଦାରଙ୍କ ତରଫରୁ ପଲିଥିନ ଯୋଗାଇ ଦିଆଯାଇଛି । ଆଗକୁ ତଦନ୍ତ ରିପୋର୍ଟ ଆସିବା ପରେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି । ଏହି ଗରିବ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ।

## ହତ୍ୟାକାରୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ହତ୍ୟାକାରୀ ରମେଶ ବାରିକକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୧୯ ଜଣ ସାକ୍ଷୀ, ୧୦ଟି ସାମଗ୍ରୀ ଓ ୭୩ଟି ପ୍ରଜୁଯ୍ୟ ଦସ୍ତାବିଜ୍ ଆଧାରରେ ହତ୍ୟାକାରୀ ରମେଶକୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ।

ଆସାମୀ ରମେଶ ବାରିକ ପୂର୍ବରୁ ବାବା ନାଗାମଣି ଅଗ୍ନିଶମ ସୁରକ୍ଷା ସେବାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲା । ତାଙ୍କ ପୂର୍ବରୁ ତତ୍କାଳୀନ ରିସପ୍ସନିଷ୍ଟ ସ୍ୱପ୍ନା ସାମଲଙ୍କ ସହିତ ଋଣ ଟଙ୍କା ପରିଶୋଧକୁ ନେଇ ବିବାଦ ହେବା ପରେ ଉଭୟଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିଲା । ୨୦୨୩ ମେ'ରେ ସଂଗଠନ ଛାଡ଼ିଦେଇଥିଲେ ଦୁହେଁ । ୨୦୨୩ ମେ ୬ ତାରିଖରେ ଜଣେ ନୂତନ ରିସପ୍ସନିଷ୍ଟ ମୀରା ଓରଫ ବୈଜୟନ୍ତୀ ସାହୁ କାର୍ଯ୍ୟରେ ଯୋଗ ଦେଇଥିଲେ ।



୨୦୨୩ ଜୁନ୍ ୨୦ ତାରିଖ ସକାଳ ପ୍ରାୟ ୧୦ଟା ସମୟରେ ସ୍ୱପ୍ନା ସାମଲ ସେଠାରେ କାମ କରୁଥିବା ଭାବି ଆସାମୀ ରମେଶ ଏକ ବ୍ୟାଗ୍‌ରେ ଛୁରି ଧରି କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ । ନୂତନ ରିସପ୍ସନିଷ୍ଟ ବୈଜୟନ୍ତୀ ସାହୁ ତାକୁ ପଚାରିବାରୁ ସେ ଦୁର୍ବ୍ୟବହାର କରିଥିଲା । ହଠାତ ରାଗିଯାଇ ତାଙ୍କ ପେଟରେ ଛୁରି ଭୁଶି ଦେଇଥିଲା । ପରେ ସେହି କୋଠା ପଛପାଖର୍ ଦେଇ ଖସି ପଳାଇଯିବା ବେଳେ ମାଲିକ ଅବିନାଶ ଛୋଟରାୟ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ । ମୃତ ମୀରାଙ୍କୁ ପ୍ରଥମେ ହାଇଟେକ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ପରେ କଟକ ସ୍ୱସ୍ତିକ ହସ୍ପିଟାଲକୁ ସ୍ଥାନାନ୍ତର କରାଗଲା । ମୃତକଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯିବାରୁ ତାଙ୍କୁ ଅଶ୍ୱିନୀ ହସ୍ପିଟାଲ ନିଆଯାଇଥିଲା । ସେହି ମାସ ୨୨ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

ମୃତ୍ୟୁକୁ ନେଇ ଅଫିସର ମାଲିକ ଶିବ ପ୍ରସାଦ ସାହୁ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ନରହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି ୨୦୨୩ ମସିହା ନଭେମ୍ବର ୨୫ ତାରିଖରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ । ମାମଲାର ବିଚାର କରି କୋର୍ଟ ହତ୍ୟାକାରୀ ରମେଶକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ।

## ଅଦା, ହଳଦୀ - କନ୍ଧମାଳରେ ଏଇଜେଡ୍

ଭୁବନେଶ୍ୱର,(ତଥ୍ୟ) ଉତ୍ପାଦିତ କୃଷି ସାମଗ୍ରୀର ରପ୍ତାନି ସମେତ ବଜାର ବ୍ୟବସ୍ଥା ପାଇଁ ସମଗ୍ର ଦେଶରେ ୬୦ଟି ଏଗ୍ରି ଏକ୍ସପୋର୍ଟ ଜୋନ୍ (ଏଇଜେଡ୍) ପ୍ରତିଷ୍ଠା ହୋଇଥିବାବେଳେ ଏଥିରୁ ଗୋଟିଏ ଓଡିଶାରେ ରହିଛି । କନ୍ଧମାଳ ଜିଲ୍ଲାରେ ଅଦା ଓ ହଳଦୀ ପାଇଁ ଏହା ପ୍ରତିଷ୍ଠା ହୋଇଥିବା ସୂଚନା ଦେଇଛନ୍ତି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ। ରାଜ୍ୟସଭାରେ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହ କହିଛନ୍ତି। ଉତ୍ତରରେ ଦର୍ଶାଯାଇଛି ଯେ ଦେଶର ୨୦ଟି ରାଜ୍ୟରେ ୬୦ଟି ଏଇଜେଡ୍ ପ୍ରତିଷ୍ଠା ହୋଇଥିବାବେଳେ ଏଥିରୁ ଗୋଟିଏ ଓଡିଶାର କନ୍ଧମାଳରେ ରହିଛି। ଇତି ମଧ୍ୟରେ କେନ୍ଦ୍ର ସରକାର ଭାରତରୁ କୃଷି ଉତ୍ପାଦନ ରପ୍ତାନିରେ ରେକର୍ଡ କରିଛନ୍ତି। ୨୦୨୪-୨୫ରେ ଏହା ପ୍ରାୟ ୫୨ ବିଲିୟନ ଆମେରିକୀୟ ଡଲାର ରହିଛି। ତେବେ ରାଜ୍ୟଗୁଡିକରୁ ରପ୍ତାନି ହେଉଥିବା କୃଷି ଜାତ ସାମଗ୍ରୀର ହିସାବ ରପ୍ତାନିକାରୀମାନେ ସେମାନଙ୍କ ରପ୍ତାନି ହିସାବରେ ପ୍ରଦାନ କରିଥାନ୍ତି। ତେଣୁ ରାଜ୍ୟୱାରୀ ସୂଚନା କେନ୍ଦ୍ର ନିକଟରେ ନାହିଁ।

ରାଜ୍ୟଗୁଡିକରୁ ଉତ୍ପାଦିତ କୃଷିଜାତ ସାମଗ୍ରୀର ରପ୍ତାନି ପାଇଁ ଆପିଡା ଜରିଆରେ ବାଣିଜ୍ୟ ବିଭାଗ କରିଥାଏ। ଏଥିରେ ସମଗ୍ର ଦେଶର ଏହିସବୁ ସାମଗ୍ରୀ ରପ୍ତାନିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥାଏ। ଓଡିଶା ତାହାର ଧାର୍ଯ୍ୟ କୃଷିଜାତ ସାମଗ୍ରୀକୁ ଆପିଡାର କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ପ୍ରୋତ୍ସାହନ ଯୋଜନା ଜରିଆରେ ରପ୍ତାନି କରିଥାଏ। ଏହି ଯୋଜନାରେ ଭିତ୍ତିଭୂମି ବିକାଶ ପାଇଁ ପ୍ୟାକେଜିଂ ସୁବିଧା, ଗାଇଡ୍‌ଲାଇନ୍, ଶୀତଳଭଣ୍ଡାର ଏବଂ ଶୀତତାପ ନିୟନ୍ତ୍ରିତ ପରିବହନ ଯୋଗାଇ ଦିଆଯାଉଛି। ସେହିଭଳି କୃଷିଜାତ ସାମଗ୍ରୀ ଯେଭଳି କଦଳୀ ଆଦି ସାମଗ୍ରୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଗୁଣାତ୍ମକ ବିକାଶ ପାଇଁ ପରୀକ୍ଷାଗାର ଯନ୍ତ୍ରପାତି ଖରିଦ ପାଇଁ ସହାୟତା, ଉନ୍ନତ ପରିଚାଳନା ବ୍ୟବସ୍ଥା ସହିତ ଜଳ, ମୃତ୍ତିକା ଆଦିର ପରୀକ୍ଷା ସହିତ କୀଟନାଶକ ବ୍ୟବହାର ହ୍ରାସ ଉପରେ ପରାମର୍ଶ ଦିଆଯାଇଥାଏ।

ବଜାର ବ୍ୟବସ୍ଥାର ପ୍ରୋତ୍ସାହନ ପାଇଁ ଅର୍ନ୍ତଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ, କ୍ରେତା ବିକ୍ରେତା ସମ୍ମିଳନୀ ଏବଂ ଅର୍ନ୍ତଜାତୀୟ ବଜାରକୁ ଦୃଷ୍ଟିରେ ରଖି କୃଷିଜାତ ସାମଗ୍ରୀର ପ୍ୟାକେଜିଂ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ନୂତନ ଭାବେ ଉତ୍ପାଦିତ କୃଷିଜାତ ସାମଗ୍ରୀର ପ୍ୟାକେଜିଂ ସହିତ ପୁରୁଣା ପ୍ୟାକେଜିଂ ବ୍ୟବସ୍ଥାରେ ଉନ୍ନତିକରଣ କରାଯାଇଥାଏ। ଏହାବାଦ୍ ରପ୍ତାନି ସହିତ ଜଡିତ ଅଂଶୀଦାରମାନଙ୍କୁ ନିୟମିତ ତାଲିମ ସହିତ ସେମାନଙ୍କର ଦକ୍ଷତା ବିକାଶ କରାଯାଉଛି। ଓଡିଶାରେ ବର୍ତ୍ତମାନ ସୁଦ୍ଧା ଏହି ଧରଣର ୨୦ଟି ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ୨୦୨୪-୨୫ ରେ ପାଖପାଖି ଦେଢ ହଜାର ଅଂଶୀଦାର ଏଥିରେ ସାମିଲ ହୋଇଥିବା କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ବର୍ଷା ପରେ ଚାଷୀଙ୍କୁ ପରାମର୍ଶ

# ଧାନ, ବିଭିନ୍ନ ଫସଲ ରୋଇବା ସାମୟିକ ସ୍ଥଗିତ ରଖନ୍ତୁ

ଭୁବନେଶ୍ୱର, (ସବ୍ୟୁ): ଅବପାତ ଯୋଗୁଁ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବାରୁ ଫସଲ ସୁପରିଚାଳନା ଲାଗି ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଧାନ ଓ ବିଭିନ୍ନ ଫସଲ ରୋଇବା ସାମୟିକ ସ୍ଥଗିତ ରଖିବାକୁ କୁହାଯାଉଛି। ମକା, କପା, ମୁଗ, ବିରି ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲରେ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

ମାତ୍ରାଧିକ ବର୍ଷା ପରେ ନାଳ, ନଦୀ କେନାଲ ନିକଟବର୍ତ୍ତୀ ତଳି ଘେରା ଓ ମୁଖ୍ୟ ଧାନ ଫସଲରେ ଲେଡ଼ା ପୋକ ପାଦୁର୍ଭାବ ଦେଖାଦେଇପାରେ । ଏଥିପାଇଁ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ହିଡ଼ ଚାରିକଡ଼େ ଓ ଫସଲ କ୍ଷେତ ଭିତରେ ଔଷଧ ସିଞ୍ଚନ କରନ୍ତୁ । ବର୍ଷା ଯୋଗୁ ପୋଟଳ, କାକୁଡି, କଖାରୁ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଓ ବାଇଗଣ, ଭେଣ୍ଡି ଫସଲ ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପରିବାକୁ ତୋଳି ଦେବାକୁ କୁହାଯାଇଛି ।

ବର୍ଷା କମିଗଲା ପରେ ପନିପରିବା ଫସଲରେ ସଢ଼ା ଡାଳ ସବୁ କାଟି ବାହାରେ ପକାଇ ଦିଅନ୍ତୁ ଓ ଗଛ ନଇଁ ଯାଇଥିଲେ ମାଟି ଟେକି ଦିଅନ୍ତୁ । ପରିବା ଓ ଖରିଫ ବାଦାମ ଫସଲରେ ମୂଳ ଓ କାଣ୍ଡ ସଢ଼ାରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାରବେଣ୍ଡାଜିମ ଓ ମାଙ୍କୋଜେବ ମିଶାଇ ମାଟି ଏବଂ ମୂଳରେ ସିଞ୍ଚନ କରନ୍ତୁ । ଅଧିକ ବର୍ଷା ତଥା ବାୟୁମଣ୍ଡଳରେ ଆପେକ୍ଷିକ ଆର୍ଦ୍ରତା ହେତୁ ମୁଗ ଓ ବିରି ଫସଲରେ ସରକୋସ୍ପୋରା ପତ୍ର ଚିତା ରୋଗ ବୃଦ୍ଧି ପାଇବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ବର୍ଷା ପରେ ପ୍ରତି ଲିଟର ପାଣିରେ ୧ ଗ୍ରାମ କାରବେଣ୍ଡାଜିମ ଓ ମାଙ୍କୋଜେବ ମିଶାଇ ୮ରୁ ୧୦ ଦିନ ଅନ୍ତରରେ ଅଦଳ ବଦଳ କରି ଦୁଇଥର ସିଞ୍ଚନ କରନ୍ତୁ । କୃଷି ସମୃଦ୍ଧିରେ ପ୍ରସାରିତ ଉପଦେଶ ଗୁଡ଼ିକୁ ବହୁଳ ମାତ୍ରାରେ ବ୍ୟବହାର କରନ୍ତୁ ବୋଲି କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ୫ ରୁ ଅଧିକ ଭିସିଆର କଟିଥିବା ଗାଡ଼ିର ପଞ୍ଜିକରଣ ହେବ ରଦ୍ଦ

# ପ୍ରାୟ ୧୦ ହଜାର ଗାଡି ମାଲିକ ଏବେ ଫସିବେ

କଟକ,(ସବ୍ୟୁ): ଥରେ କି ଦୁଇ ଥର ନୁହେଁ ବାରମ୍ବାର ଗାଡ଼ି ଉପରେ ଭିସିଆର(ଭେଇକିଲ୍ ଚାଲାଣ ରିପୋର୍ଟ) କଟାଗଲା । ନା ଭିସିଆରର କୌଣସି ଜବାବ ଦେଲେ । ଭିସିଆର ଉପରେ ହୋଇଥିବା ଜରିମାନା ଅର୍ଥ ଜମା କଲେ । ବର୍ଷବର୍ଷ ଧରି ଏହି ଭଳି ଭାବେ ନିୟମ ଉଲଂଘନ କରି ହଜାର ହଜାର ଗାଡ଼ି ମାଲିକମାନେ ସଡ଼କରେ ଗାଡ଼ି ଚଲାଇ ଆସୁଛନ୍ତି। ଏହିଭଳି ନିୟମ ଉଲଂଘନକାରୀ ଗାଡ଼ି ମାଲିକଙ୍କୁ ଆଉ ଛଡ଼ାଯିବନି। ଯେଉଁସବୁ ଗାଡ଼ି ଉପରେ ୫ଥରରୁ ଅଧିକ ଭିସିଆର କଟାଯାଇଛି ସେହିସବୁ ଗାଡ଼ିକୁ ପେନାଲଟି କରାଯିବା ପରେ ପଞ୍ଜିକରଣ ରଦ୍ଦ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅର୍ଥାତ ଏହିଭଳି ଗାଡ଼ିଗୁଡ଼ିକ ଆଉ ରାସ୍ତା ଉପରକୁ ଆସିପାରିବ ନାହିଁ । ଏହିଭଳି ପ୍ରାୟ ୧୦ ହଜାର ଗାଡ଼ି ରହିଛି ଯେଉଁମାନଙ୍କ ଉପରେ ୫ଥରରୁ ଅଧିକ ଥର ଭିସିଆର କଟାଯାଇଛି ବୋଲି ଜଣାପଡ଼ିଛି । ଏଥିରୁ ବର୍ତ୍ତମାନ ସୁଦ୍ଧା ୧୭୦ଟି ଗାଡ଼ି ମାଲିକଙ୍କୁ ନୋଟିସ୍ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟସବୁ ଗାଡ଼ିଗୁଡ଼ିକୁ ନୋଟିସ୍ କରାଯିବ । ଯଦି କୌଣସି ଗାଡ଼ି ବିନା ପରମିଟ୍, ବିନା ଫିଟ୍‌ନେସ୍ କିମ୍ବା ଇନସ୍ୟୁରାନ୍ସ, ଟ୍ୟାକ୍ସ ଆଦି ନଦେଇ ଗାଡି ଚଲାଉଥିବେ ସେମାନଙ୍କ ବିରୋଧରେ ଚାଲାଣ ବା ଭିସିଆର କଟାଯାଇଥାଏ । ରାଜ୍ୟରେ ବିଭିନ୍ନ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ଲାଗୁ ହେବାପରେ ଏହିଭଳି ଗାଡ଼ି ଗୁଡ଼ିକ ଅଧିକରୁ ଅଧିକ ପରିବହନ ବିଭାଗ ହାବୁଡ଼ରେ ପଡ଼ିଲେ। ଏହି ଇ-ଡିଟେକ୍ସନ ଜରିଆରେ କୌଣସି ଗାଡ଼ି ଟୋଲ୍‌ଗେଟ୍‌ରେ ଅତିକ୍ରମ କରୁଥିଲାବେଳେ ତାହାର ସବିଶେଷ ସୂଚନା ପରିବହନ ବିଭାଗ ଦ୍ୱାରା

ପରିଚାଳିତ ବାହାନ ପୋର୍ଟାଲକୁ ଚାଲିଆସେ । ବାହାନ ପୋର୍ଟାଲରେ ଉକ୍ତ ଗାଡ଼ିର ନମ୍ବରରୁ ତାହାର ପରମିଟ୍, ଫିଟ୍‌ନେସ୍ ଆଦି ଅଛି କି ନାହିଁ ତାହା ଜଣା ପଡ଼ିଯାଏ । ଯେଉଁ ଗାଡ଼ି ଯେ ନିୟମର ଉଲଂଘନ କରିଥାଏ ସେହି ଆଧାରରେ ଗାଡ଼ି ମାଲିକଙ୍କୁ ବାହାନ ପୋର୍ଟାଲରେ ଥିବା ନମ୍ବରରେ ମେସେଜ୍ ଦିଆଯାଇଥାଏ । ଦିନକୁ ଗୋଟେ ଗାଡ଼ି ଉପରେ ଥରକ ପାଇଁ ନୋଟିସ ପଠାଯାଇଥାଏ । ୨୦୨୨ ମସିହା ଜୁନ୍ ୧୭ ତାରିଖରେ ରାଜ୍ୟର ପ୍ରତ୍ୟେକ ଟୋଲ୍‌ଗେଟ୍‌ରେ ଏହି ଇ-ଡିଟେକ୍ସନ ବ୍ୟବସ୍ଥା କରାଯାଇଛି । ଏହି ଡିଟେକ୍ସନ ଲାଗୁ ହେବାଠାରୁ ଗତ ଜୁନ୍ ଶେ ସୁଦ୍ଧା ମୋଟ୍ ୨ଲକ୍ଷ ୯୧ ହଜାର ୪୭୭ ହଜାର ଗାଡ଼ି ଉପରେ ଚାଲାଣ କଟାଯାଇଛି। ଅର୍ଥାତ ଏତିକି ଗାଡ଼ି ମାଲିକଙ୍କୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ମୋଟର ଭେଇକିଲ୍ ଆଇନ ଉଲଂଘନ କରିଥିବା ଅଭିଯୋଗରେ ନୋଟିସ୍ କରାଯାଇଛି। ଏଥିରୁ ଅଧିକାଂଶ ଗାଡ଼ି ଉପରେ ଏକାଧିକ ଥର ଚାଲାଣ ମଧ୍ୟ କଟା ଯାଇଛି। ଏସ୍‌ଟିଏର ଅତିରିକ୍ତ କମିସନର ଲାଲମୋହନ ସେଠୀଙ୍କ ସୂଚନା ଅନୁଯାୟୀ, ୫ରୁ ଅଧିକ ଥର ଚାଲାଣ ହୋଇଥିବା ଗାଡ଼ି ସଂଖ୍ୟା ୧୦ହଜାରରୁ ଅଧିକ ହେବ । ଏହିସବୁ ଗାଡ଼ି ଗୁଡ଼ିକୁ ବିଭିନ୍ନ ସମୟରେ ନୋଟିସ୍ କରାଯାଉଥିଲେ ମଧ୍ୟ ସେମାନେ ନା ଏସବୁର କୌଣସି ଜବାବ ରଖୁଛନ୍ତି ନା ଜରିମାନା ଅର୍ଥ ଦେଉଛନ୍ତି। କିନ୍ତୁ ବେଆଇନ ଭାବେ ସଡ଼କରେ ଗାଡ଼ି ଚଲାଉଛନ୍ତି।ଏହି ଗାଡ଼ି ଚାଲିବା ଦ୍ୱାରା ସେମାନେ କେବଳ ସରକାରଙ୍କ ଟିକସ ଫାଙ୍କୁ ନାହାନ୍ତି ପରୋକ୍ଷରେ ସାଧାରଣ ଜନତାଙ୍କ କ୍ଷତି ମଧ୍ଯ ପହଞ୍ଚାଉଛନ୍ତି ବୋଲି ଶ୍ରୀ ସେଠୀ କହିଛନ୍ତି। ଯଦି ଗୋଟେ ଗାଡ଼ି ବିନା ଇନସ୍ୟୁରାନ୍ସରେ ଗାଡ଼ି ଚଲାଉଥିବାବେଳେ ଦୁର୍ଘଟଣାର ଶିକାର ହୁଅନ୍ତି ତାହେଲେ କେବଳ ସମ୍ପୃକ୍ତ ଗାଡ଼ି ଚାଳକ ବୀମା ରାଶିରୁ ବଞ୍ଚିତ ହେବେନାହିଁ ଅପରପକ୍ଷ ମଧ୍ଯ ବୀମା ରାଶି ପାଇପାରିବେ ନାହିଁ । ତେଣୁ ଏହିଭଳି ଆଇନ ଉଲଂଘନକାରୀ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ଲାଗି ମୋଟର ଭେଇକିଲ୍ ଆଇନର ଧାରା ୫୩ରେ ନୋଟିସ୍ କରାଯିବ। ଏଥିପାଇଁ ସେମାନଙ୍କୁ ଚାରି ମାସର ସମୟ ଦିଆଯାଇଛି। ଯଦି ଚାରିମାସ ସମୟ ମଧ୍ୟରେ ସେମାନେ ନୋଟିସର କୌଣସି ଜବାବ ନରଖନ୍ତି ତାହେଲେ ପ୍ରଥମେ ୩୦ଦିନ ପାଇଁ ସେମାନଙ୍କର ଗାଡି ପାଞ୍ଜିକରଣ ସାର୍ଟିଫିକେଟ ବାତିଲ କରାଯିବ।

## ଷ୍ଟିଲ ଗରାରେ ଫଶିଗଲା ୩ ବର୍ଷ ପୁଅର ମୁଣ୍ଡ, କଟରରେ କାଟି ଉଦ୍ଧାର

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଗାଁରେ ଖେଳୁ ଖେଳୁ ଗରାରେ ମୁଣ୍ଡ ଫସାଇ ଦେଲା ୩ ବର୍ଷର ଶିଶୁ ପୁତ୍ର । ୨ ଘଣ୍ଟା ଧରି ହଟହଟା ହେବାପରେ ଶେଷରେ କଟରରେ ଗରା କାଟି ଶିଶୁଟିର ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ । କୋରୁକୋଣ୍ଡା ଗାଁର ପ୍ରଦୀପ ବିଶ୍ୱାସ ଶନିବାର ସକାଳୁ ବଜାରରୁ ଗରାଟିଏ କିଣି ଆଣିଥିଲେ । ତେବେ ୩ ବର୍ଷର ପୁଅ ତନ୍ମୟ ଖେଳୁ ଖେଳୁ ଗରାରେ ମୁଣ୍ଡ ପୂରାଇବା ମାତ୍ରେ ଗରାରେ ମୁଣ୍ଡ ଫସି ଯାଇଥିଲା । ପ୍ରଥମେ ଘରେ ଚେଷ୍ଟା କରିବା ପରେ କୋରୁକୋଣ୍ଡା ଦମକଳ କେନ୍ଦ୍ରକୁ ନେଇଥିଲେ ବାପା । ସେଠାରୁ ମାଲକାନଗିରି ଅଗ୍ନିଶମ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ ଅଗ୍ନିଶମ କର୍ମଚାରୀ । ମାଲକାନଗିରି ଠାରେ ଦୀର୍ଘ ସମୟର ଉଦ୍ୟମ ପରେ କଟର୍ ସହାୟତାରେ ଗରା କାଟି ମୁଣ୍ଡରୁ ଗରା ବାହାର କରିଥିଲେ ଅଗ୍ନିଶମ ବିଭାଗର କର୍ମଚାରୀ ।

## କୁଆଖାଇରେ ଭାସିଗଲେ ୫ ଛାତ୍ର, ଜଣେ ମୃତ

ଭୁବନେଶ୍ୱର, (ସବ୍ୟୁ) : ବରାମୁଣ୍ଡ ନିକଟ କୁଆଖାଇ ନଦୀରେ ଗାଧୋଉଥିବା ୫ ଛାତ୍ର ପାଣିରେ ଭାସିଯାଇଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣ ପହଁରିଆସି ଜୀବନ ବଞ୍ଚାଇବାରେ ସମର୍ଥ ହୋଇଥିବାବେଳେ ଅଙ୍କନ ତ୍ରିପାଠୀ ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି ।

ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୫ ଜଣ ଛାତ୍ର ବରାମୁଣ୍ଡ ନିକଟ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବାବେଳେ ପାଣି ସୁଅରେ ୫ ଜଣଯାକ ଛାତ୍ର ଭାସିଯାଇଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣ ପହଁରିଆସି ଜୀବନ ବଞ୍ଚାଇଥିବାବେଳେ ଅଙ୍କନ ବୁଡ଼ିଯାଇ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ୫ ଜଣ ଛାତ୍ରଙ୍କ ମଧ୍ୟରୁ ଦୁଇଜଣ ଓଡ଼ିଆ । ମୃତ ଅଙ୍କନଙ୍କ ଘର ପଶ୍ଚିମବଙ୍ଗରେ ବୋଲି ସୂଚନା ମିଳିଛି ।

ଖବର ପାଇ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ୪ଜଣ ନିଜକୁ ନିଜେ ଉଦ୍ଧାର ହୋଇଥିବାବେଳେ ଅଙ୍କନଙ୍କୁ ମାଛ ଧରୁଥିବା ସ୍ଥାନୀୟ ଲୋକେ ଉଦ୍ଧାର କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ଉଦ୍ଧାର କରିଥିବା ମାଛଧରାଳିଙ୍କ କହିବା ଅନୁଯାୟୀ ଗଭୀର ଜଳରାଶିରୁ ଜାଲ ସାହାଯ୍ୟରେ ସେ ଅଙ୍କନଙ୍କୁ ଉଦ୍ଧାର କରିଥିଲେ । ପିଲାମାନେ ଗାଧୋଉଥିବା ସ୍ଥାନରେ ଗଭୀର ଜଳ ଥିବା ଜାଣିପାରି ନଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ମାଛଧରାଳି କହିଛନ୍ତି ।

## ବାର୍ହା ପଲଙ୍କ ଦୌରାତ୍ମ୍ୟ : ଚିନ୍ତାରେ ଚାଷୀ, ଧାନତଳି ଅସୁରକ୍ଷିତ

ଖୋର୍ଦ୍ଧା,(ସବ୍ୟୁ): ଚଳିତ ବର୍ଷ ସଅଳ ମୌସୁମି ଆସି ପୁଣି ଲୁଚକାଳି ଖେଳିଲା। ଲଘୁଚାପ ବର୍ଷାକୁ ଦେଖି କେତେକ ଜମି ରେ ଚାଷୀ ଧାନ ତଳି ପକାଇଥିଲା। ଆଉ ଯେଉଁ ଚାଷୀ ଧାନ ଫସଲ ଲାଗି ବୁଣିଛନ୍ତି ବା ତଳି ପକାଇଛନ୍ତି, ତା'ର ସୁରକ୍ଷା ଏବେ ଚିନ୍ତାର କାରଣ ପାଲଟିଛି। କାରଣ ଧାନଚାଷ ଆରମ୍ଭରୁ ଜଙ୍ଗଲୀ ବାର୍ହାପଲ ଉତ୍ପାତ ଆରମ୍ଭ କଲେଣି।

ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ଜରିପୁଟ, ଦଳେଇପୁଟ, କୁରାଡମଲ, ଦେଉଳଟାଙ୍ଗୀ, ହଳଦିପଦା, ପାନବରଜ, ବେରୁହାଁ ପ୍ରଭୃତି ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହାତୀ ଉତ୍ପାତ ଲାଗି ରହିଥିବାବେଳେ ଏବେ ପୁଣି ବାର୍ହାପଲ ବୁଣା ଧାନ ଓ ତଳିପକା ଜମିକୁ ନଷ୍ଟ କରିବା ଚାଷୀ ପାଇଁ ବୋଝ ଉପରେ ଲଳିତା ବିଡ଼ା ଭଳି ଅବସ୍ଥା ସୃଷ୍ଟି କରିଛି।ଜରିପୁଟ ଓ ନିକଟସ୍ଥ ଜଙ୍ଗଲରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ବାର୍ହା ରହୁଥିବାବେଳେ ସେମାନେ ଧାନ ଫସଲ ହୋଇଥିବା ଜମିରେ ପଶି ନଷ୍ଟ କରିବା ସହ ବିଭିନ୍ନ ଚାଷୀମାନେ ସେମାନଙ୍କର ବାରିପଟେ କରୁଥିବା ସାରୁ ଓ ପନିପରିବା ଫସଲକୁ ଖାଇଯାଉଥିବା ଅଧିକାଂଶ ଚାଷୀ ଅଭିଯୋଗ



କରିଛନ୍ତି। ତେବେ ବାର୍ହା ପଲ ଧାନ ବିଲ ଦଳା ଚକଟା କରି ରାତିରେ ଫସଲ ନଷ୍ଟ କରୁଥିବାବେଳେ ଦନ୍ତା ବାର୍ହା ଆକ୍ରମଣ ଆଶଙ୍କାରେ ଲୋକେ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସେହିପରି ଉପରୋକ୍ତ ଗାଁ ଗୁଡିକ ଅଂଚଳରେ ଗୋଟିଏ ବଣୁଆ ହାତୀ ଚଳପ୍ରଚଳ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିଳମ୍ବିତ ରାତ୍ରରେ ବାର୍ହାପଲ ଚାଷୀଙ୍କ କ୍ଷେତରେ ଉପଦ୍ରବ କରିବା ସମେତ ସେମାନଙ୍କ ଏକର ଏକର ଧାନତଳି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ତେବେ ବନ ବିଭାଗ ଏ ସଂକ୍ରାନ୍ତରେ ଏଯାବତ୍ କୌଣସି ପଦକ୍ଷେପ ନେଉନଥିବାରୁ ଶିକାରୀମାନଙ୍କ ପାଇଁ ବାର୍ହା ଶିକାର କରିବା ସୁଯୋଗ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏ ସମ୍ପର୍କରେ ଅଦ୍ୟାବଧି ଆମ ପାଖରେ ଅଭିଯୋଗ ପହଁଚିନାହିଁ। ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବୁ ବୋଲି କହିଛନ୍ତି।

## ପୁଣି ମାଓ ଗତିବିଧି ଜଙ୍ଗଲରୁ ମାଓ କ୍ୟାମ୍ପ ଠାବ

ନୂଆପଡ଼ା,(ସବ୍ୟୁ): ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ପୁଣି ମାଓ ଗତିବିଧି ଦେଖାଦେଇଛି । ନୂଆପଡା ଜିଲ୍ଲା ବୋଡ଼େନ ଥାନା କାଠଫାର-ଛତାପାଣି ଜଙ୍ଗଲରୁ ଏକ ମାଓ କ୍ୟାମ୍ପ ଠାବ ହୋଇଛି । କୌଣସି ଏକ ବଡ଼ ଯୋଜନାକୁ ପଣ୍ଡ କରିଛନ୍ତି ଯବାନ । ମାଓକ୍ୟାମ୍ପରୁ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଓଡ଼ିଶା-ଛତିଶଗଡ ସୀମାନ୍ତରେ ମାଓବାଦୀମାନେ ସକ୍ରିୟ ହେଉଥିବା ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା । ପରେ ନୂଆପଡ଼ା ଡିଭିଏଫ ଟିମ ଓ ସିଆରପିଏଫ-୧୯ ଅପରେସନ ଆରମ୍ଭ କରିଥିଲା । ମାଓବାଦୀମାନେ ଖବର ପାଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିଥିଲେ । ସେଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଗୁଳି, ୧୦ଟି ଜିଲୋଟିନ୍ ଷ୍ଟିକ, ଡିଟୋନେଟର ୩ଟି, ବାରୁଦ ୫୦ ଗ୍ରାମ ସମେତ ବହୁ ମାଓ ସାମଗ୍ରୀ କରିଥିଲେ । ଚଳିତ ମାସ ୮ତାରିଖ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରୁ ଏକ ମାଓକ୍ୟାମ୍ପ ଠାବ ହୋଇଥିଲା । ଜିଲ୍ଲାରେ ମାଓବାଦୀମାନେ କ୍ରମାଗତ ଭାବେ ସେମାନଙ୍କ ଉପସ୍ଥିତ ଜାହିର କରୁଥିବାରୁ ଜିଲ୍ଲା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି । ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜଙ୍ଗଲରେ ଯବାନଙ୍କ କମ୍ବିଂ ଅପରେସନ ଚାଲିଥିବା ଏସପି ଜିଆର ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

## ପୁରୀ ଜିଲ୍ଲା ପ୍ରଶାସନ ମହିଳା ଓ ଶିଶୁ ସୁରକ୍ଷା ପାଇଁ

# ବେଟି ବଚାଓ ବେଟି ପଢ଼ାଓ ସଚେତନତା ଶୋଭାଯାତ୍ରା




ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ,ପୁରୀ ପକ୍ଷରୁ ଶନିବାର ଦିନ ସମସ୍ତ ୨୫୯୯ ଗୋଟି ଅଙ୍ଗନବାଡି କେନ୍ଦ୍ରରେ ବେଟି ବଚାଓ ବେଟି ପଢ଼ାଓ ନିମନ୍ତେ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା, ବେଟି ବଚାଓ ବେଟି ପଢାଓର ଆହ୍ୱାନ ଦେଇ ଏହି ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା।ଜିଲ୍ଲା ସ୍ତରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟ ଅଧିକାରୀମାନେ ଏହାର ପରିଚାଳନା କରିଥିଲେ। ସମାଜରେ ଝିଅ ଓ ପୁଅ ଉଭୟଙ୍କର ଅବଦାନ ରହିଛି।ଝିଅକୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପଢାଇଲେ ସେ ମଧ୍ୟ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭା ହେବେ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁ ବିଶେଷ କରି ଝିଅ ମାନଙ୍କ ସୁରକ୍ଷା ଲକ୍ଷ୍ୟରେ ସଚେତନ କରାଇବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ ବୋଲି ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବେଉରା ସୂଚନା ଦେଇଥିଲେ। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟ ରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମରଜେନ୍ସି ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା। ଅପରପକ୍ଷରେ ସମସ୍ୟା ପାଇଁ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟିର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

## ରାଜ୍ୟ କାର୍ଯ୍ୟାଳୟରେ "କାରଗିଲ୍ ବିଜୟ ଦିବସ" ପାଳନ

# ରାଷ୍ଟ୍ରଭକ୍ତି ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଦେବ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): କାରଗିଲ ଯୁଦ୍ଧ ବିଜୟ ଭାରତୀୟ ଇତିହାସର ଏକ ଅବିସ୍ମରଣୀୟ ଦିନ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢିବାର ଶିକ୍ଷା ଦେଇଛି କାରଗିଲ୍ ଯୁଦ୍ଧ। ୬୦ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ଭାରତୀୟ ସୈନ୍ୟମାନେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ଶତ୍ରୁପକ୍ଷକୁ ଧରାଶାୟୀ କରିଥିଲେ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ବିଜୟ ଆଣି ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଥିଲେ। ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ଜୁଲାଇ ୨୬ ତାରିଖକୁ 'କାରଗିଲ ବିଜୟ ଦିବସ' ଭାବେ ପାଳନ କରାଯାଉଛି। ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ କାର୍ଯ୍ୟାଳୟଠାରେ କାରଗିଲ ବିଜୟଦିବସ' ପାଳନ କରାଯାଇଛି। ଏହି ଅବସରରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଆଜିର



ଦିନଟି ଏକ ପ୍ରେରଣା ଓ ଦେଶ ଭକ୍ତି ଭାବନାର ଦିନ ଅଟେ। ପାକିସ୍ତାନ ନିଜ ପରାଜୟ ସୁନିଶ୍ଚିତ ହେବା ପରେ ଚୀନର ପ୍ରରୋଚନାରେ ଆମ ଦେଶକୁ ଆକ୍ରମଣ କରିବାକୁ ପ୍ରୟାସ କରିଥିବାବେଳେ ଆମ ବୀର ସେନାବାହିନୀ ତାକୁ ପଣ୍ଡ କରିଥିଲେ। କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀର ସେନାନୀଙ୍କୁ ତାଙ୍କ ନିଜ ଗାଁକୁ ଆଣି ସମ୍ମାନ ଜଣାଇ ଶେଷକୃତ୍ୟ କରିବାର ନୂତନ ପରମ୍ପରା ଆରମ୍ଭ ହୋଇଥିଲା। ଯାହାକି ଦେଶବାସୀଙ୍କ ଭିତରେ ଦେଶଭକ୍ତର ଭାବ ସୃଷ୍ଟି କରିଥିଲା। ଶକ୍ତିଶାଳୀ ଓ ସାହସୀ ଭାରତୀୟ ସେନା ପାକିସ୍ତାନର ଚକ୍ରାନ୍ତକୁ ପଣ୍ଡ କରି କାରଗିଲ୍ ଯୁଦ୍ଧରେ ପରାସ୍ତ କରିଥିଲା। କାରଗିଲ ଯୁଦ୍ଧ ବିଜୟରେ ଦେଶମାତୃକାର ସେବା କରିବା ପାଇଁ ଆମ ବୀର ଯବାନ ଦେଇଥିବା ଶୌର୍ଯ୍ୟ ଓ ବଳିଦାନକୁ କୋଟି କୋଟି ପ୍ରଣାମ ଜଣାଇ ଏହି ବିଜୟ ବର୍ତ୍ତମାନ ଓ ଭବିଷ୍ୟତ ପିଢିକୁ ରାଷ୍ଟ୍ରଭକ୍ତି, ଦେଶ ସେବା ଓ ସମର୍ପଣ ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମଲ କହିଛନ୍ତି।

ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ କହିଛନ୍ତି ଯେ, ସୈନିକମାନଙ୍କ ପରାକାଷ୍ଠା ପାଇଁ ଆମେ କାରଗିଲ୍ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ବିଜୟ ଲାଭ କରିଛୁ। ଆଜିର ଯୁବପିଢୀ ଦେଶମାତୃକା ପାଇଁ ନିସ୍ୱାର୍ଥପର ଭାବେ କାମ କରିବା ଦରକାର। ଭାରତୀୟ ଜନତା ଯୁବମୋର୍ଚ୍ଚାର ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଭାରତୀୟ ସୈନିକମାନଙ୍କ ମନବଳ ଦୃଢ଼ କରିବ। ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହ ବିଜୟ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନାଧିକାରୀ ହାବିଲଦାର ସୁଶାନ୍ତ ଜେନା, ୱାରେଂଟ ଅଫିସର ଜଗବନ୍ଧୁ ସାହୁ ଯୋଗଦେଇ କାରଗିଲ୍ ଯୁଦ୍ଧ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୨୦ ଜଣ ଅବସରପ୍ରାପ୍ତ ସେନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

ଚୌଦ୍ୱାର,(ସ.ବ୍ୟୁ.): ଚୌଦ୍ୱାର ଥାନା ଅନ୍ତର୍ଗତ ଧୂମାବତୀ ଛକ ନିକଟରୁ ଗୋଟିଏ ଗଂଜେଇ ଗାଡ଼ି ଜବତ ସହ ୨ଜଣଙ୍କୁ ଗିରଫ୍ କରାଯାଇଥିବା ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ପ୍ରେସନ୍ ନୋଟ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ପ୍ରକାଶଥାଉକି, ଫୁଲବାଣୀରୁ ଚୌଦ୍ୱାରକୁ ଏକ ମାରୁତି ସୁଜୁକି ଡିଜାୟାର ଗାଡ଼ିରେ ଗଂଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚୌଦ୍ୱାର ପୁଲିସ୍ ୫୫ନଂ. ଜାତୀୟ ରାଜପଥ ଧୂମାବତୀ ଛକ ନିକଟରେ ଉକ୍ତ ଗାଡ଼ିକୁ ଅଟକ ରଖି ଛାନ୍‌ଭିନ୍ କରିବା ପରେ ଗାଡ଼ିରୁ ଗଂଜେଇ ଭର୍ତ୍ତି ୨ଟି ଜରି ଅଖାକୁ ଜବତ କରିଥିଲେ । ସେହି ଅଖାରେ ୨୪କେଜି ୭୦୦ଗ୍ରାମର ଗଂଜେଇ ଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା




ହେବ ବୋଲି ଜଣାପଡ଼ିଛି । ଏହାସହ ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ଚାରିଛକର ପ୍ରବୀଣ ଭୋଳ (୨୦) ଓ ଯାଜପୁର ଜିଲ୍ଲା ଚମ୍ପାପୁର ଅଂଚଳର କିଶୋର ବିଶ୍ୱାଳ (୪୫)ଙ୍କୁ ଗିରଫ୍ କରିଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଓ ନମ୍ବର ପ୍ଲେଟ୍ ଜବତ କରିବା ସହ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ପୁଲିସ୍ ପକ୍ଷରୁ ସୂଚନା ମିଳିଛି ।

## ରୋଟାରୀ କ୍ଲବର ନିଶନିବାରଣ କେନ୍ଦ୍ରରେ ରୋଗୀଙ୍କୁ କିଟ ବଣ୍ଟନ

ଛତ୍ରପୁର, (ସବ୍ୟୁ):ଛତ୍ରପୁର ରୋଟାରି କ୍ଲବ ର ୧୮ତମ ଅଧିଷ୍ଠାନ ଦିବସ ପାଳନ ଅବସର ରେ କ୍ଲବ ର ନୂତନ ସଭାପତି ତଥା ହାଇକୋର୍ଟ ଆଡଭୋକେଟ ପଦ୍ମ ଚରଣ ସାହୁ,ନୂତନ ସମ୍ପାଦକ ଡମ୍ବରୁଧର ସାହୁ, ଡିଷ୍ଟି ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ବିଭୁ ପ୍ରସାଦ ମହାପାତ୍ର, ଚାର୍ଟର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଚାର୍ଟର ସମ୍ପାଦକ ସୁରଜିତ ସାମନ୍ତରା, ପୂର୍ବତନ ସଭାପତି ଡ଼ଃ ବିମଳ ପ୍ରସାଦ ସାହୁ, ପୂର୍ବତନ ସମ୍ପାଦକ ଦ୍ୱାରକା ପ୍ରସାଦ ପଟ୍ଟନାୟକ, ରୋଟାରିୟନ ନିରଞ୍ଜନ ପାତ୍ର, ଏମ. ଧନଞ୍ଜୟ ରେଡ୍ଡି ଙ୍କ ସମେତ କ୍ଲବ ର ଅନ୍ୟାନ୍ୟ ସଦସ୍ୟ / ସଦସ୍ୟା ମାନେ ସ୍ଥାନୀୟ ପୁରୁଣା ପୋଲିସ ଲାଇନ ସ୍ଥିତ ନିଶାନିବାରଣ କେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କୁ ବିଭିନ୍ନ ସାମଗ୍ରୀ ର କିଟ ବଣ୍ଟନ କରିଥିଲେ ।ଏହି ଅବସର ରେ ଡାକ୍ତର ବିଷ୍ଣୁ ପ୍ରିୟା ସେଠି କ୍ଲବ ର ନୂତନ ସଦସ୍ୟ ଗ୍ରହଣ କରିଥିଲେ, ଆଗାମୀ ଦିନରେ କ୍ଲବ ପକ୍ଷରୁ ଏଭଳି ବିଭିନ୍ନ ଜନ ମଙ୍ଗଳ କାର୍ଯ୍ୟ ଜାରି ରହିବ ବୋଲି ନୂତନ ସଭାପତି ପଦ୍ମ ଚରଣ ସାହୁ ସୂଚନା ଦେଇଛନ୍ତ

## ଚନ୍ଦ୍ରଗିରି ହାଇସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ : ହିନ୍ଦୀ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି, (ସବ୍ୟୁ) :ଗଜପତି ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ହାଇସ୍କୁଲ ରେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଚନ୍ଦ୍ରଗିରି ସରକାରୀ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ନିଲମ୍ବନ କରିଥିବା ସୂଚନା ମିଳିଛି । ଚନ୍ଦ୍ରଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସରୋଜ କୁମାର ଭୂୟାଁ ନିଲମ୍ବିତ ହୋଇଛନ୍ତି । ଏହି ନିଲମ୍ବନ ଆଦେଶ ଜିଲ୍ଲା ଶିକ୍ଷାକାରୀ ଦାରା ହୋଇଥିବା ବେଳେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ରା. ଉଦୟଗିରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ସେହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ହିନ୍ଦୀ ଶିକ୍ଷକ ବାରମ୍ବାର ଅସଦାଚରଣ କରିଥିଲେ । ଏନେଇ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ. ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ରୁତ ପଦକ୍ଷେପ ନେଇ ଅଭିଯୋଗର ତଦନ୍ତ ପାଇଁ ଏକ ଟିମ ଗଠନ କରିଥିଲେ । ଗତ ଜୁନ ୨୪ରେ ତଦନ୍ତ ପାଇଁ ଟିମ ଚନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ । ତଦନ୍ତକାରୀ ଟିମର ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ସରୂପ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ପତ୍ର ସଂଖ୍ୟା ୩୬୯୪ ପ୍ରକାରେ ନିଲମ୍ବନ କରାଯାଇଥିବା ଜିଲ୍ଲା ଶିକ୍ଷାଅଧକାରୀ କହିଛନ୍ତି ।

## ଲଗାଣ ବର୍ଷାରେ ଭାଙ୍ଗିଲା ଜମ୍ବୀରା ନଦୀର ବନ୍ଧ



ବାରିପଦା, (ସବ୍ୟୁ) : ଲଗାଣ ବର୍ଷାରେ ବଢ଼ିଲା ଜମ୍ବୀରା ନଦୀର ଜଳସ୍ତରା ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷାର ପରିଣାମର କରୁଣ ପରିସ୍ଥିତି ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକରେ । ଉକ୍ତ ବ୍ଲକ ଅଧିନ ଜମ୍ବୀରା ନଦୀର ବଡାମପୁର ନଦୀ ବନ୍ଧ ଭାଙ୍ଗି ଯିବାରୁ ରାଘବପୁର, ମାଣିଦା, ତୋଟାପଡା, ଛତନା, ଖୁଣ୍ଟାପାଳ ଆଦି ପଞ୍ଚାୟତର ଦୁଇ ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି । ଏଥିସହିତ ନଦୀକୂଳରେ ବସବାସ କରୁଥିବା ୬୦ ରୁ ୭୦ଘର ମଧ୍ୟ ଏବେ ଜଳବନ୍ଦୀରେ ରହିଛି । ତେବେ ଉପର ମୁଣ୍ଡରେ ଅତ୍ୟଧିକ ବର୍ଷା ହେବା ଫଳରେ ଜମ୍ବୀରା ନଦୀର ଜଳସ୍ତର ବୃଦ୍ଧି ପାଇଥିଲା, ଫଳରେ ମୋରଡ଼ାଠାରେ ଜମ୍ବୀରା ନଦୀ ଉପରେ ରହିଥିବା ଶୀଳଦା ପୋଲ ଉପରେ ଆଣ୍ଠୁଏରୁ ଅଧିକ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ସାନମାଣିଦା ପଞ୍ଚାୟତର ଦହଲିପୁରା, ପିଙ୍ଗୁଳି, ପଦ୍ମତଲିଆ ଆଦି ଗ୍ରାମର ଏକାଧିକ ଘର ଜଳମଗ୍ନ ହୋଇଥିବା ଦେଖାଯାଇଛି । ତେବେ ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି କରିଛି ନଦୀର ବନ୍ଧ ଭାଙ୍ଗିବା ଏବଂ ଚାଷ ପାଇଁ ତଳି ଲଗାଇଥିବା ଚାଷୀ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖା ଦେଇଛି । ଗତ କିଛିଦିନ ତଳେ ହୋଇଥିବା ବନ୍ୟାରେ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିବାବେଳେ ପୁଣି ଧାନ ବୁଣି ତଳି କରିଥିଲେ କିନ୍ତୁ ଉକ୍ତ ବନ୍ୟାରେ ଏହା ମଧ୍ୟ ନଷ୍ଟ ହୋଇଯାଇଥିବାରୁ ଚାଷୀ ହତାଶ ହୋଇ ପଡିଛନ୍ତି । ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ସରକାରଙ୍କ ନିକଟରେ ନିବେଦନ କରାଯାଇଛି। ସେହିପରି ଉକ୍ତ ବ୍ଲକ ଅଧୀନ ସାନମାଣିଦା ପଞ୍ଚାୟତର ଦହଲିପୁରା ପିଙ୍ଗୁଳି, ପଦ୍ମତୋଳିଆ, ହାଣ୍ଡିଧୁଆ ଗ୍ରାମ ପାଣି ଘେରରେ ଥିବାରୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ତେବେ ଶନିବାର ସକାଳୁ ଓଡ୍ରାଫ ଟିମ ବୋଟ ଯୋଗେ ପାଣି ଘେରରେ ଥିବା ଗ୍ରାମବାସୀଙ୍କ ନିକଟକୁ ଯାଇ ପରିସ୍ଥିତି ପରଖିଛନ୍ତି । ସେହିପରି କେତେକ ଲୋକଙ୍କୁ ଉପର ଅଞ୍ଚଳକୁ ସ୍ଥାନାନ୍ତର କରାଯାଇ ଖାଦ୍ୟ, ପାନୀୟର ବ୍ୟବସ୍ଥା କରାଯାଇଥିବା ବେଳେ ପାଣି ଘେରରେ ଥିବା ଲୋକଙ୍କୁ ମଧ୍ୟ ଓଡ୍ରାଫ ଟିମ ଦ୍ୱାରା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଅନ୍ୟପଟେ ନଦୀର ଆଡ଼ିବନ୍ଧ ବା ପଥର ପେକିଂ ନଥିବା କାରଣରୁ ସ୍ଥାନୀୟ ଲୋକେ ବାରମ୍ବାର ଏଭଳି ନଦୀ ବନ୍ଧ ଭାଙ୍ଗିବା ଭଳି ସମସ୍ୟାରେ ଘାଣ୍ଟି ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ତେବେ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ବିଡ଼ିଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟାରେ ପ୍ରଭାବିତ ହୋଇଥିବା ଗାଁ ଗୁଡ଼ିକରେ ଏବେ ସ୍ୱାସ୍ଥ୍ୟବ୍ୟବସ୍ଥା ବିଗିଡି ଯିବାର ସମ୍ଭାବନା ଦେଖା ଦେଇଥିବାବେଳେ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଅଧିକ ଯତ୍ନବାନ ହେବାକୁ ଅଞ୍ଚଳବାସୀ ଦାବି କରାଯାଇଛି।

## ପିପୁଲ୍ସ କଲେଜରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ



ବୁଗୁଡ଼ା ,(ସବ୍ୟୁ):: ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ସମେତ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ୩ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କୁ ସାଗତ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ବିଭାଗୀୟ ଅନୁଶାସନ ସମ୍ପର୍କେ ଅବଗତ କରାଯିବା ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାମାନ ସମ୍ପର୍କେ ଆଲୋଚନା କାଳରେ ଅଭିଭାବକମାନଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା । ପରିଶେଷରେ ବିଭାଗୀୟ ଶେଷ ବର୍ଷ ଛାତ୍ରୀ ରେଶମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସିକା ଏନଏସିରେ ସତନ୍ତ୍ର ସମ୍ବର୍ଦ୍ଧନା ସମାରୋହ

ଆସିକା,(ସବ୍ୟୁ):କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସ୍ୱଚ୍ଛ ସର୍ଭେ କ୍ଷେଣରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ମହାମହିମ ରାଷ୍ଟ୍ରପତି ଙ୍କ ଠାରୁ ପୁରସ୍କୃତ ହୋଇଥିବାରୁ ପରିଚାଳନା ପରିଷଦ,କର୍ମଚାରୀ ବିଶେଷ କରି ସଫେଇ କର୍ମଚାରୀଙ୍କୁ ଶୁକ୍ରବାର ଦିନ ସମ୍ବର୍ଦ୍ଧନା ଜଣାଯାଇଛି । ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ଙ୍କ ସଂଯୋଜନାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ପୌରହିତ୍ୱ କରିଥିଲେ । ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ,ବିଶିଷ୍ଟ ବ୍ୟକ୍ତି ସତ୍ୟନାରାୟଣ ସ୍ୱାଇଁ,ସ୍ୱଚ୍ଛ ବ୍ରାଣ୍ଡ ଆମ୍ବସାଡର ନିରଞ୍ଜନ ମହାନ୍ତିଙ୍କ ସମେତ ୧୮ ଓ୍ୱାର୍ଡ ମଧ୍ୟରୁ ବହୁ ଓ୍ୱାର୍ଡ କାଉନସିଲର ପ୍ରମୁଖ ମଞ୍ଚାସିନ ଥିଲେ ।ଏଦେଶରେ ୨୦୨୪ ବର୍ଷର ସଓ୍ୱଚ୍ଛ ସର୍ଭେ କ୍ଷେଣ ରେ ୨୦ ରୁ ୫୦ ହଜାର ଜନ ସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସାରା ଦେଶ ରେ ଦିତୀୟ ଓ ସାରା ରାଜ୍ୟରେ ପ୍ରଥମ ହୋଇ ବିରଳ କୃତିତ୍ୱ ହାସଲ କରି ଗୌରବ ମୟ ଅଧ୍ୟାୟ ସୃଷ୍ଟି କରି ଥିବାରୁ ସ୍ୱଚ୍ଛ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ ଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା ।ଗତ ୧୭ ଜୁଲାଇ ତାରିଖ ରେ ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦାରା ନଗରପାଳିକା ବିନେତା ସ୍ୱାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ସାନିଟାରୀ ଏକ୍ସପାର୍ଟ ଦୀପ୍ତିମଇ ସାହୁ,ଅଜିତ କୁମାର ପଟ୍ଟନାୟକ ସମେତଏମ ସି ସି,ଏମ ଆର୍ ଏଫ, ଏସିଟିପି , ସଚ୍ଛ ସାଥୀ ଙ୍କ ୧୦ ଜଣିଆ ଟିମ ପୁରସ୍କାର ସହ ମାନ ପାତ୍ର ପ୍ରଦାନ କରାଯାଇଥିଲା ।

## ସାମ୍ବାଦିକ ରାଜକୁମାର ମାହାଣାଙ୍କ ଘାଡ଼ି ଚାପାରେ ମୃତ୍ୟୁ



ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳର ଜଣେ ବରିଷ୍ଠ ସାମ୍ବାଦିକ ରାଜକୁମାର ମାହାଣା(୭୫)ଙ୍କ ଅଜଣା ଗାଡ଼ି ଚାପାରେ ମୃତ୍ୟୁ ହୋଇଛି । ଶନିବାର ସକାଳେ ଏକ ଅଜଣା ଗାଡି ଧକ୍କା ଦୋବରୁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ବଇରାସର ବାସିନ୍ଦା । ରାଜକୁମାର ତରଭା ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଥିଲେ । ସକାଳେ ଶ୍ରୀ ମାହାଣା ତାଙ୍କର ପଡୋଶୀ ପ୍ରଦୀପ ଅଗ୍ରଓ୍ୱାଲଙ୍କ ସହିତ ଚା ପିଇବା ପାଇଁ ପ୍ରଦୀପଙ୍କ ବାଇକ ପଛରେ ବସି ବୈରାସର ବସଷ୍ଟାଣ୍ଡରେ ଥିବା ଏକ ଚା ଦୋକାନକୁ ଆସିଥିଲେ । ଚା ଦୋକାନ ସମ୍ମୁଖରେ ଅଟକି ଶ୍ରୀ ମହାଣା ବାଇକରୁ ଓହ୍ଲାଉ ଥିବା ବେଳେ ବଲାଙ୍ଗିରରୁ ସୋନପୁର ପଟକୁ ଦ୍ରୁତ ଗତିରେ ଆସୁଥିବା ଏକ ମେକ୍ସ ପିକଅପ ବାଇକକୁ ପଛପଟୁ ଧକ୍କା ଦେଇଥିଲା । ଏଥିରେ ଶ୍ରୀ ମାହାଣା ବାଇକରୁ ଛିଟିକି ରାସ୍ତା ଉପରେ ପଡ଼ିଥିଲେ ଏବଂ ତାଙ୍କ ଡାହାଣ ଜଂଘ ଓ ବାମ ଗୋଡ ଉପରେ ମେକ୍ସ ପିକଅପ ଚଢି ଯାଇଥିଲା । ଦୁର୍ଘଟଣା ଘଟାଇ ଗାଡିଟି ସୋନପୁର ପଟକୁ ଦ୍ରୁତ ଗତିରେ ପଳାଇଥିଲା । ଗୁରୁତର ଆହତ ରାଜକୁମାରଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସାମାନ୍ୟ ଆହତ ହୋଇଥିବା ପ୍ରଦୀପଙ୍କ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିଲା । ରାଜକୁମାରଙ୍କ ମରଶରୀର ବ୍ୟବଚ୍ଛେଦ ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା । ପରିବାର ବର୍ଗଙ୍କ ଶେଷ ଦର୍ଶନ ପରେ ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ଜିତେନ୍ଦ୍ର ମାହାଣା ମୁଖାଗ୍ନି ପ୍ରଦାନ କରିଥିଲେ । ରାଜକୁମାରଙ୍କ ପତ୍ନୀ,ଗୋଟିଏ ପୁଅ ଦୁଇ ଝିଅ ଅଛନ୍ତି । ତାଙ୍କର ଅକାଳ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ତରଭା ବ୍ଲକ ସାମ୍ବାଦିକ ସଂଘର ଅଶୋକ ସାହୁ, ମାନଭଞ୍ଜନ ମିଶ୍ର ସମେତ ବଲାଙ୍ଗିର, ତରଭା ଓ ସୋନପୁରର ସାମ୍ବାଦିକ ମାନେ ତାଙ୍କର ଶେଷ ଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥଲେ ।

ରାଜକୁମାର ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ହେଲା ବିଭିନ୍ନ ଓଡ଼ିଆ ଖବରକାଗଜରେ ସାମ୍ବାଦିକତା କରି ତରଭା ଅଞ୍ଚଳର ବିଭିନ୍ନ ସମସ୍ୟା ଲୋକ ଲୋଚନକୁ ଆଣିବାରେ ସକ୍ଷମ ହୋଇଥିଲେ । ଜଣେ ସ୍ୱଷ୍ଟବାଦୀ ଓ ନିର୍ଭୀକ ସାମ୍ବାଦିକ ଭାବେ ପରିଚିତ ଥିଲେ । ତାଙ୍କର ବିୟୋଗରେ ସୋନପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଗୋରେଖ ନାଥ ସାହୁ,ସମ୍ପାଦକ ବ୍ୟୋମକେଶ ଦାଶ,ରବୀନ୍ଦ୍ର ହୋତା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସରକାର ଯଥାଶୀଘ୍ର ରାଜକୁମାର ମାହାଣାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କାରିବାକୁ ତରଭା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି ।

## ବାଇକରୁ ଖସି ମହିଳାଙ୍କ ମୃତ୍ୟୁ

ବୁଗୁଡା ,(ସବ୍ୟୁ): ବୁଗୁଡ଼ା-ବାଲିପଦର ମୁଖ୍ୟରାସ୍ତାରେ ବାଇକରୁ ଖସିପଡି ଜନୈକା ଅବିବାହିତା ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ହଂସରାଳି ଗ୍ରାମର ଆରତୀ ମହାରଣା(୪୨) । ଏ ନେଇ ବୁଗୁଡା ଥାନାରେ କେସ କେସ ନଂ ୪୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଏସଆଇ ଜେଯାତିଶ୍ରୀ ସାହୁଙ୍କଠାରୁ ପ୍ରକାଶ ପାଇଛି । ଘଟଣାରୁ ପ୍ରକାଶ ଯେ, ଆରତୀଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇ ସେଠାରୁ ତାଙ୍କର ପୁତୁରା ବୁନା ମହାରଣାଙ୍କ ବାଇକରେ ବସି ବଡ ଭଉଣୀଙ୍କ ଘର ଭୋଗଡା ଗ୍ରାମକୁ ଆସୁଥିଲେ । ବାଲିପଦର-ବୁଗୁଡା ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ପଙ୍କଲବାଡି ଗାଁ ନିକଟରେ ବାଇକ ଆଗକୁ କୁକୁରଟିଏ ଦୌଡି ଆସିବାରୁ ବୁନା ବ୍ରେକ ମାରିଥିଲେ । ଏହି ସମୟରେ ପଛରେ ବସିଥିବା ଆରତୀ ଗାଡିରୁ ଖସି ପଡିଥିଲେ ଏବଂ ତାଙ୍କର ମୁଣ୍ଡ ରୋଡରେ ପିଟି ହୋଇଯିବା ଫଳରେ କାନପଟୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏକ ଡାଲା ଅଟୋରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ।ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି

## ଓଡ଼ିଆ ସୋସାଇଟି ଅଫ୍ ଆମେରିକାସ୍ ଆନୁକୂଲ୍ୟରେ ସିପିଆର ଉପରେ ଟ୍ରେନିଂ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ସଂଯୋଜନାରେ ଓଡ଼ିଆ ସୋସାଇଟି ଅଫ ଆମେରିକାସ୍ ସ୍ୱାସ୍ଥ୍ୟ ଓ ଜନମଙ୍ଗଳ ଶାଖା ଦ୍ୱାରା ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ କାର୍ଡିଓ ପଲମୋନାରୀ ରିସାସେଟେସନ ଟ୍ରେନିଂ ଓ ଜନସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫୋରମର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣରେ ଏନ୍‌ଡିଆରଫ୍ କମାଣ୍ଡେଡ ପ୍ରଶାନ୍ତ କୁମାର ନାୟକ ହୃଦକ୍ରିୟା ବନ୍ଦ ହୋଇଗଲେ କାହିଁକି କିପରି କେଉଁ ପରିସ୍ଥିତିରେ ହୃଦକ୍ରିୟା ସକ୍ରିୟ କରିବାପାଇଁ ପ୍ରୟାସ କରାଯିବ ସେ ସମ୍ପର୍କରେ ବିସ୍ତୃତ ସଚେତନ ତଥ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ସିଡିଏମଓ ଡାଃ କରୁଣାକର ମହାପାତ୍ର ସିପିଆର ଟେନିଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ, ଉପସଭାପତି ଡଃ ସୁଶାନ୍ତ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଆମେରିକା ଓଡ଼ିଆ ସୋସାଇଟିର ସୁଶ୍ରୀ ପ୍ରିଶା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଓସିଏ ଆନୁକୂଲ୍ୟରେ ଏପରି କାର୍ଯ୍ୟକ୍ରମ ମୟୂରଭଞ୍ଜ ପ୍ରଥମ ଆୟୋଜିତ ହୋଇଥିଲା।

## ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା

## ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ ଗିରଫ

କୋରାପୁଟ,(ସବ୍ୟୁ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଭିଜିଲାନ୍ସ ଗିରଫ କରିଛି । ଶୁକ୍ରବାର ଡେପୁଟି ରେଞ୍ଜର ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୫ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍ । ଘରେ ଥିବା ସାମଗ୍ରୀର ଦାମ ୧୫.୫୦ ଲକ୍ଷ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି । ତେବେ ଭୁବନେଶ୍ୱର ଫ୍ଲାଟ୍, ନେପାକଙ୍କ ସମ୍ପର୍କୀୟ ଓ ଶ୍ୱଶୁର ଘରେ ଚଢ ହୋଇଥିଲେ ମଧ୍ୟ ସେଠାରୁ କ'ଣ ସମ୍ପତ୍ତି ମିଳିଛି ତାହା ସ୍ପଷ୍ଟ କରିନାହିଁ ଭିଜିଲାନ୍ସ । ୬ଟି ସ୍ଥାନରେ ହୋଇଥିବା ଚଢ଼ଉରେ ଜୟପୁର,ନବରଙ୍ଗପୁର,ମାଲକାନଗିରି ଭିଜିଲାନ୍ସ କାର୍ଯ୍ୟାଳୟର ୬ ଡିଏସପି, ୫ ଇନ୍ସପେକଟର, ୯ ଏଏସଆଇ ଏବଂ ଏକାଧିକ କର୍ମଚାରୀ ସାମିଲ୍ ହୋଇଥିଲେ ।

## କୁକୁର କାମୁଡାରେ ୧୩ ଆହତ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଦୁଇ ଦିନ ମଧ୍ୟରେ କୁକୁର କାମୁଡାରେ ୯ ଜଣ ମହିଳାଙ୍କ ସମେତ ୧୩ ଜଣ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି । ଗତ ଶୁକ୍ରବାର ଓ ଶନିବାର ଏହି ଦୁଇ ଦିନରେ କୁକୁର କାମୁଡାର ଶିକାର ହୋଇଥିବା ଆହତମାନେ ହେଲେ ସଙ୍କୁରୁ ଗ୍ରାମର ମାଳତୀ ଗୌଡ, ରୋଜା ସାମଲ , ତନୁ ନାଇକ ଓ ଅର୍ଚ୍ଚିତା ନାଇକ, ଘୋଳପୁର ଗ୍ରାମର ଆରତୀ ପ୍ରଧାନ, ଶଙ୍କର ଡାକୁଆ, ପ୍ରୀତି ସେଠୀ ଓ ଗନ୍ଧିଆ ପ୍ରଧାନ, କାନକୁଟୁରୁ ଗ୍ରାମର ଝିଲ୍ଲୀ ବେହେରା , ବାଲିପଦର ଗ୍ରାମର ଲିପି ବେହେରା, କାନସାରଲା ଗ୍ରାମର ଅନ୍ତର୍ଯ୍ୟାମୀ ନାଇକ, ମୋଟାବାଡି ଗ୍ରାମର ବାଲା ଆରୁଖ ଓ ମହୁଲପଲ୍ଲୀ ଗ୍ରାମର ଅଞ୍ଜଳୀ ବିଷୋୟୀ । ଏ ସମସ୍ତ ଆହତଙ୍କୁ ମେଡିକାଲରେ ଆଣ୍ଟି ରେବିଜ ଭେକସିନ ପ୍ରଦାନ ପୂର୍ବକ ଚିକିତ୍ସା କରାଯାଇଛି । ଅନ୍ୟପକ୍ଷରେ ଆତଙ୍କ ସୃଷ୍ଟି କରିଥିବା ଘୋଳପୁର ଗାଁର ଏକ ପାଗଳା କୁକୁରକୁ ଶନିବାର ସକାଳେ ସଙ୍କୁରୁ ଗ୍ରାମରେ ଲୋକେ ପିଟିପିଟି ମାରିଦେଇଥିବା ଜଣାଯାଇଛି ।

## ମଡେଲ ଗ୍ରାମ ପଞ୍ଚାୟତ ପଦକ୍ଷେପକୁ ବ୍ୟାପକ କରିଛି ଟିପିଏସଓଡିଏଲ




ବ୍ରହ୍ମପୁର,(ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ଏହାର ମଡେଲ ଗ୍ରାମ ପଞ୍ଚାୟତ (ମଡେଲ ଜିପି) ପଦକ୍ଷେପ ଅଧୀନରେ ଆଉ ୧୪ ଟି ଗ୍ରାମ ପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସଶକ୍ତିକରଣ ଦିଗରେ ପ୍ରୟାସ ଜାରି ରଖିଛି । ପୂର୍ବରୁ କମ୍ପାନୀ ସମଗ୍ର ଦକ୍ଷିଣ ଓଡିଶାରେ ସଫଳତାର ସହ ୧୧୩ ଟି ମଡେଲ ଗ୍ରାମ ପଞ୍ଚାୟତ ବିକଶିତ କରିଛି, ଯାହା ଦାରା ପ୍ରାୟ ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇପାରିଛନ୍ତି । ଏହି ପଦକ୍ଷେପ ଉନ୍ନତ ବିଜୁଳି ସେବା ପ୍ରଦାନ ଦିଗରେ ଟିପିଏସଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ବେଳେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ, ସମୟାନୁସାରେ ମିଟର ରିଡିଂ ଏବଂ ବିଲିଂ, ନୂତନ ସଂଯୋଗ, ଅଭିଯୋଗ ପ୍ରତିକାର ଓ ଉତ୍ତମ ଗ୍ରାହକ ସେବା ସୁନିଶ୍ଚିତ କରେ । ଏହାସହ ବୈଦ୍ୟୁତିକ ସୁରକ୍ଷା, ଗୋଷ୍ଠୀ ସଚେତନତା ଏବଂ ଡିଜିଟାଲ ସଶକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବିଶେଷ କରି ଭିତ୍ତିଭୂମି ବିକାଶ ଏବଂ ସୁରକ୍ଷା ସଚେତନତା ଆବଶ୍ୟକ କରୁଥିବା ଗ୍ରାମ ପଞ୍ଚାୟତ ପାଇଁ ଏହି ମଡେଲ ଜିପି ଅଭିଯାନ ପ୍ରସ୍ତୁତ କରାଯାଇଛି । ଟିପିଏସଓଡିଏଲ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ୮ ଟି ଜିଲ୍ଲାରୁ ଗ୍ରାମ ପଞ୍ଚାୟତଗୁଡ଼ିକୁ ଚିହ୍ନଟ କରାଯାଉଛି, ଯାହା ଫଳରେ ଏସବୁ ଅଞ୍ଚଳରେ ସେବାର ଗୁଣବତ୍ତାରେ ଉନ୍ନତି ଘଟିଛି । ଗତ ଆର୍ଥିକ ବର୍ଷରେ ଏହି ପଦକ୍ଷେପ ଅଧୀନରେ ଅନେକ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ପୋରେଟ ସାମାଜିକ ଦାୟିତ୍ୱର ଅଂଶ ଭାବେ ଟିପିଏସଓଡିଏଲ ପକ୍ଷରୁ ଇ-ପେମେଣ୍ଟ ପ୍ଲାଟଫର୍ମ ବ୍ୟବହାରକୁ ବଢ଼ାଇବା ପାଇଁ ଡିଜିଟାଲ ସାକ୍ଷରତା ଶିବିର ଆୟୋଜନ କରାଯାଇଥିଲା । ଏହାସହ ମଡେଲ ଗ୍ରାମ ପଞ୍ଚାୟତଗୁଡ଼ିକରେ ମହିଳା ସଓ୍ୱଙ୍ଗ ସହାୟକ ଗୋଷ୍ଠୀଙ୍କ ପାଇଁ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏବଂ ଶକ୍ତି ସଂରକ୍ଷଣ ସଚେତନତା ପାଇଁ କ୍ଲବ ଏନର୍ଜି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହାସହ ଗ୍ରାମାଞ୍ଚଳରେ ଅଧିକ ସ୍ଥାୟୀ ଏବଂ ଉନ୍ନତ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଏସଓଡିଏଲ ପକ୍ଷରୁ ନୂତନ ବିଦ୍ୟୁତ ଖୁଣ୍ଟ ସ୍ଥାପନ, ନୂଆ କେବୁଲ ସଂଯୋଗ, ବିତରଣ ଟ୍ରାନ୍ସଫର୍ମର କ୍ଷମତା ବୃଦ୍ଧି ଇତ୍ୟାଦି ପଦକ୍ଷେପ ମାଧ୍ୟମରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରାଯାଉଛି । ମଡେଲ ଗ୍ରାମ ପଞ୍ଚାୟତ ପଦକ୍ଷେପର ଲକ୍ଷ୍ୟ କେବଳ ବିଦ୍ୟୁତ ଯୋଗାଣରେ ସୀମିତ ନୁହେଁ । ବରଂ ଏହା ସୁରକ୍ଷା ସଚେତନତା, ଭରସାଯୋଗ୍ୟ ବିଜୁଳି ସେବା ଏବଂ ଫ୍ୟୁଜ କଲ ଅଭିଯୋଗ କେନ୍ଦ୍ର (ସମ୍ପର୍କ କେନ୍ଦ୍ର) ମାଧ୍ୟମରେ ଗ୍ରାମୀଣ ଉପଭୋକ୍ତାଙ୍କୁ ସଶକ୍ତ କରୁଅଛି । ଉପଭୋକ୍ତାଙ୍କୁ ଇ-ବିଲ ଏବଂ ଇ-ପେମେଣ୍ଟ ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଉଛି, ଯାହା ଫଳରେ ସେମାନେ ଆର୍ଥିକ ରିହାତି ପାଇବା ସହ ପରିବେଶ ସୁରକ୍ଷା ଦିଗରେ ଯୋଗଦାନ କରିପାରିବେ । ଏହି ପଦକ୍ଷେପ ସମ୍ପର୍କରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ମଡେଲ ଜିପି ପଦକ୍ଷେପ ମାଧ୍ୟମରେ ଏକ ସମାବେଶୀ ବିକାଶକୁ ଆଗେଇ ନେବା ଦିଗରେ ଆମେ ପ୍ରତିବଦ୍ଧ । ଏହା କେବଳ ଉନ୍ନତ ବିଜୁଳି ଯୋଗାଣରେ ସୀମିତ ନୁହେଁ, ବରଂ ଜନସାଧାରଣଙ୍କୁ ସଶକ୍ତ କରିବା ପାଇଁ ମଧ୍ୟ ଏଥିରେ ଲକ୍ଷ୍ୟ ରହିଛି । ଡିଜିଟାଲ ଟେକ୍ନୋଲଜି, ସୁରକ୍ଷା ଏବଂ ଗୁଣାତ୍ମକ ସେବାକୁ ସମନ୍ୱୟ କରି ଆମେ ଗ୍ରାମାଞ୍ଚଳରେ ଏକ ସୁଦୃଢ଼ ଏବଂ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ କରୁଅଛୁ ।ନୂତନ ଭାବେ ୧୪ ଟି ଗ୍ରାମ ପଞ୍ଚାୟତ ଯୋଡ଼ି ହେବା ପରେ ବର୍ତ୍ତମାନ ମୋଟ ୧୨୭ ଟି ମଡେଲ ଗ୍ରାମ ପଞ୍ଚାୟତ ରହିଛି । ଦକ୍ଷିଣ ଓଡ଼ିଶାର ୮ ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ, ଏବଂ ଟିପିଏସଓଡିଏଲର ସମସ୍ତ ୧୯ ଟି ଡିଭିଜନରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହୋଇଛି । ଆଗାମୀ ଦିନରେ କମ୍ପାନୀ ଆହୁରି ଅନେକ ମଡେଲ ଗ୍ରାମ ପଞ୍ଚାୟତ ବିକାଶ କରିବାକୁ ଯୋଜନା ରଖିଛି । ଏହି ପଦକ୍ଷେପ ମାଧ୍ୟମରେ ଟିପିଏସଓଡିଏଲ ଗ୍ରାମାଞ୍ଚଳରେ ଗୋଷ୍ଠୀ ସଶକ୍ତିକରଣ ସହ ଉନ୍ନତ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି ।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO-PADHUANPADA, BALASORE
CONTACT NO : 06782262045
E-Mail ID : ee_blsrb@yahoo.co.in
B-345

BID INVITATION NO. SE (R and B) BLS-Divn-I-15/2025-26

Letter No 5076 Date : 23.07.2025

| | | | |
|---|---|---|---|
| 1. | The Superintending Enginer, Balasore (R & B) Division-I, Balasore on behalf of the Governor of Odisha invites Percentage rate bids to be received in ONLINE MODE only for road and Building works. | | |
| 2. | No. of Works | : | 2 Nos. |
| 3. | Nature of work | : | Building, Roads & Electrical work of Balasore (R&B) Division-I |
| 4. | Class of Contractor | : | "D", "C" & "HT" Class Contractor |
| 5. | Approx. value of work | : | Rs. 5.72 Lakh to 14.58 Lakh |
| 6. | Tender Cost | : | Rs. 4000/- & 6000/- |
| 7. | Availability of Bid Documents in the website | : | From 10.00 Hours of dt. 30.07.2025 to 16.00 hours of dt. 08.08.2025. |
| 8. | Date of Opening of Bid | : | Dt. 11.08.2025 at 10.00 Hours. |
| 9. | Other details can be seen in the Bidding documents from the website : https://tendersorissa.gov.in. | | |

Sd/- Superintending Engineer,
Balasore (R&B) Division-I

OIPR : 34157/11/0004/2526

# ପୁଣି ଚର୍ଚ୍ଚାରେ ଚଣ୍ଡିଖୋଲର ମିଡଇଷ୍ଟ ହୋଟେଲ

## ଯୁବକଙ୍କ ମୃତଦେହ ଉଦ୍ଧାର : ହତ୍ୟାସନ୍ଦେହ

ଚଣ୍ଡିଖୋଲ ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲରେ ଥିବା ମିଡଇଷ୍ଟ ହୋଟେଲ ପୁଣି ଚର୍ଚ୍ଚାକୁ ଆସିଛି । ହୋଟେଲରେ ବାସୀ ଓ ନିମ୍ନ ମାନର ଖାଦ୍ୟ ପରସା,କଠିନ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିଯୁକ୍ତ ଓ ଦୂଷିତ ଜଳ ବ୍ୟବହାର କରି ହଇଜା ସଂକ୍ରମଣ ବୃଦ୍ଧି କରିବା ପରି ସଂଗିନ ଅଭିଯୋଗରେ ହୋଟେଲରେ ତାଲା ପଡିବା ନେଇ ପୂର୍ବରୁ ଉକ୍ତ ହୋଟେଲ ଚର୍ଚ୍ଚାରେ ରହିଥିଲା ବେଳେ ଏବେ ହୋଟେଲ ଭିତରୁ ଜଣେ ଯୁବକର ମୃତଦେହ ମିଳିବା ପରେ ପୁଣି ଏହି ମିଡଇଷ୍ଟ ହୋଟେଲ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଦୀର୍ଘ ପ୍ରାୟ ଦେଢବର୍ଷ ଧରି ଉକ୍ତ ହୋଟେଲରେ ରହିଆସୁଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ଦିନ କୋଠରି ଭିତରୁ ମିଳିଥିଲା । ତେବେ ଏହି ଘଟଣାକୁ ହୋଟେଲ କର୍ତ୍ତୃପକ୍ଷ ଆତ୍ମହତ୍ୟା ବୋଲି ସଫେଇ ଦେଉଥିଲା ବେଳେ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛ । ଯାହାକୁ ନେଇ ସାଧାରଣରେ ହଇଚଇ ସୃଷ୍ଟି ହୋଇଛି । ଜବତ ହୋଇଥିବା ମୃତଦେହ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ବାଳକାଟି ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ପୁଅ ଆଲିପ ସାହୁ (୩୫)ଙ୍କର ବୋଲି ଜଣାପଡିଛି । ସେ ଦୀର୍ଘ ପ୍ରାୟ ଦେଢବର୍ଷ ହେବ ହୋଟେଲର ୧୦୧ ସହ ଅନ୍ୟ କେତେକ ରୁମରେ ରହି ଆସୁଥିଥିଲା ବେଳେ ହୋଟେଲ କର୍ତ୍ତୃପକ୍ଷ କିନ୍ତୁ ଏହାକୁ ଲୁଚାଉଥିବା ଜଣାପଡିଛି । ମୃତ ଯୁବକ ଗତ ୫/୬ ମାସ ହେବ ହୋଟେଲରେ ରହୁଥିବା ହୋଟେଲ ପକ୍ଷରୁ ପୋଲିକୁ ସୂଚନା ଦିଆଯାଇଛି । ତେବେ ହୋଟେଲ କର୍ତ୍ତୃପକ୍ଷ କାହିଁକି ଯୁବକଙ୍କର ରହଣୀ ଅବଧିକୁ ଯାଣିସୁଣି କମାଇ ପୋଲିସକୁ ମିଛ ସୂଚନା ଦେଇଛନ୍ତି ତାକୁନେଇ ସଂନ୍ଦେହ ଘନିଭୁତ ହୋଇଛି । ଗତକାଲି ସନ୍ଧ୍ୟାରେ ହୋଟେଲ ୱେଟର ଚା ନେଇ ଅଲିପ ରହୁଥିବା ୧୦୧କୁ ଯାଇଥିଲେ । ହେଲେ ଦୀର୍ଘ ସମୟ ଧରି ତାଙ୍କୁ ଡାକିଲେ ମଧ ଆଲିପ୍ କବାଟ ଖୋଲି ନଥିବା କୁହାଯାଇଛ । ଫଳରେ ହୋଟେଲ ପରିଚାଳକ ବଡଚଣା ଥାନାରେ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କୋଠରୀ ଭିତରୁ ଫ୍ୟାନରେ ଝୁଲୁଥିବା ଅଲିପଙ୍କର ମୃତଦେହ ଉଦ୍ଧାର କରିଥିଲେ । ଅଲିପ୍ ନିଜ ବେଳରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ହୋଟେଲ କର୍ତ୍ତୃପକ୍ଷ କହୁଥିଲା ବେଳେ ପ୍ରତ୍ୟକ୍ଷଦର୍ଶୀ ଏହାକୁ ହତ୍ୟାକାଣ୍ଡ ବୋଲି ସଂନ୍ଦେହ କରିଛନ୍ତି । ପରେ ଅଲିପଙ୍କ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ତେବେ ମୃତ ଯୁବକଙ୍କ ଭାଇ ଦିଲ୍ଲିପ କୁମାର ସାହୁ ଅଲିପଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି ମାନି ନାହାନ୍ତି । ବାଳକାଟି ନୁଆପାଟଣା ଗ୍ରାମର ଜଗନ୍ନାଥ ସାହୁଙ୍କ ପୁଅ ବିକ୍ରମ ସାହୁ ତାଙ୍କ ମୋବାଇଲ୍ ନମ୍ବର୍ ୯୨୩୭୦୭୨୪୪୯ରୁ ଅଲିପଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିଲେ । ତେଣୁ ଏହି ଘଟଣା ପାଇଁ ସେହିଁ ଦାୟୀ ବୋଲି ଅଲିପଙ୍କ ଭାଇ ପୋଲିରେ ଅଭିଯୋଗ କରିଛନ୍ତି । ବଡଚଣା ଥାନା କେଶ୍ ନମ୍ବର ୧୬/୨୫ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି । ଏହିଘଟଣାରେ ହୋଟେଲ କର୍ତ୍ତୃପକ୍ଷଙ୍କ ସଂପୃକ୍ତି ନେଇ ଚର୍ଚ୍ଚା ହେଉଥିବାରୁ ଉପଯୁକ୍ତ ଅନୁସଂଧାନ ପାଇଁ ପୋଲିସ ନିକଟରେ ଦାବି ହୋଇଛି ।

# ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ନୂତନ ଜିଲ୍ଲାପାଳ

ରାଜକନିକା,(ସବ୍ୟୁ) :ଶନିବାର ଦିନ ଅଚାନକ କେନ୍ଦ୍ରାପଡ଼ା ଜିଲ୍ଲାର ନବନିଯୁକ୍ତ ଜିଲ୍ଲାପାଳ ରଘୁରାମ ଆର. ଆୟାର ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ଏହା ସହିତ ମିଶନ ଶକ୍ତି କ୍ୟାଫେର ସ୍ୱଛତା ଓ ମାନ କେମିତି ଅଛି ଏବଂ ମେଡିକାଲର ପରିଷ୍କାର ପରିଚ୍ଛନତା କେମିତି ଅଛି ଦେଖିବା ସହିତ ରୋଗୀ ମାନଙ୍କୁ ସୁବିଧା ଓ ଅସୁବିଧା ବିଷୟରେ ପଚାରି ବୁଝିବା ସହିତ ଗର୍ଭବତୀ ରୋଗୀ ମାନେ କିପରି ସୁସ୍ଥ ପରିବେଶରେ



ରହି ଚିକିତ୍ସା ହୋଇପାରିବେ ସେ ବିଷୟରେ ମେଡିକାଲ ଅଧିକାରୀଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହିତ ଆଗକୁ ସମ୍ଭାବୀୟ ବନ୍ୟା ଆସିବାର ଆଶଙ୍କା ଥିବାରୁ ମେଡିକାଲକୁ ସଜାଗ ରଖିବାକୁ କହିଥିଲେଏବଂ ରାଜକନିକା ବ୍ଲକ କାର୍ଯ୍ୟାଳୟ ରେ ଏକ ପ୍ରାଗ ପ୍ରସ୍ତୁତି ବୈଠକ କରି ସମ୍ଭାବୀୟ ବନ୍ୟା ଆସିବାର ଆଶଙ୍କା ଥିବାରୁ କେମିତି ବନ୍ୟାର ସମ୍ମୁଖୀନ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧରେ ଏଡି.ଏମ ଜେନେରାଲ,ଏଡି.ଏମ ରାଜସ, କନିକା ତହସିଲଦାର କମ ବିଡ଼ିଓ ଭାନୁମତି ମାଝୀ, ମେଡିକାଲ ଅଧିକାରୀ ବାଦଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଦେଶୀମଦ ସହ ସ୍କୁଟି ଜବତ

ଚଣ୍ଡିଖୋଲ ,(ସବ୍ୟୁ) :ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁରରୁ ଧାନମଣ୍ଡଳକୁ ଆସୁଥିବା ଚୋରମଦକୁ ଲୋକେ ଜବ୍ କରି ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦେଇଥିବା ବେଳେ ମଦବେପାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ବାଲିଚନ୍ଦ୍ରପୁରରୁ ଓଡି୦୪ପି ୭୩୪୪ ନମ୍ବରଥିବା ଏକ ସ୍କୁଟିରେ ୭ପେଟି ଦେଶୀ ମଦ ( ଆସ୍କା ଫର୍ଟି ) ଲୋଡକରି ଜଣେ ବ୍ୟକ୍ତି ଧାନମଣ୍ଡଳ ଆସୁଥିଲେ । ଚଣ୍ଡିଖୋଲ ସିନେମା ହଲ ନିକଟରେ କିଛିଲୋକ ସନ୍ଦେହରେ ସ୍କୁଟିକୁ ଅଟକାଇ ଥିଲେ । ତେବେ ସ୍କୁଟିଛାଡି ଚାଳକ ଫେରାର ହୋଇ ଯାଇଥିଲା । ଲୋକ ମାନେ ସ୍କୁଟି ସହିତ ମଦ ପେଟିଗୁଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦେଇଥିଲେ । !ଚଣ୍ଡିଖୋଲ ଫାଣ୍ଡି ପୋଲିସ ଏହି ଚୋରା ମଦ ଜବ୍ କରି ଫେରାର ମଦ ବେପାରୀକୁ ଧରିବାକୁ ଉଦ୍ୟମ ଜାରି ରଖିଥିବା କହିଛି ।

# ଏକାଦଶରୁଦ୍ର ବୋଲବମ୍ ଟିମ୍‌ର କପିଳାସ ଯାତ୍ରା



ମାହାଙ୍ଗା ,(ସବ୍ୟୁ) :ଏକାଦଶରୁଦ୍ର ବୋଲବମ୍ ଟିମ୍ ମାହାଙ୍ଗା ପକ୍ଷରୁ ୨୫ତାରିଖ ଦିନ ଶତାଧିକ କାଉଡିଆଙ୍କୁ ନେଇ କପିଳାସ ଯାତ୍ରା ଶୁଭାରମ୍ଭ କରାଯାଇଛି। ମାହାଙ୍ଗାର ପବିତ୍ର ଜରିଆଝିଲିର ଲଙ୍ଗଳେଶ୍ୱର ମହାଦେବ ପୀଠରୁ କାଉଡିଆମାନେ ପାଣିଭାର ନେଇ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ଛତିଆ ନିକଟସ୍ଥ ସୋଲର ମଙ୍ଗଳା ନିକଟରେ ରାତ୍ରଯାପନ ପରେ ୨୬ତାରିଖ ଠାରୁ ୨୮ତାରିଖ ପର୍ଯ୍ୟନ୍ତ ପାଣିଭାର ନେଇ କାଉଡିଆମାନେ କପିଳାସର ଚନ୍ଦ୍ରଶେଖର ପୀଠକୁ ଯାତ୍ରା ଆରମ୍ଭ କରିବେ। ବୋଲବମ୍ ଟିମ୍‌ର ମୁଖ୍ୟ ପରିଚାଳକ ତ୍ରିଲୋଚନ ମିଶ୍ର, ତପନ କୁମାର ଶତପଥୀ, ଆରତ କିଶୋର ରାଉତ,ଶୁଭେନ୍ଦୁ ମହାନ୍ତି, ନିରଂଜନ ମହାନ୍ତି, ବିନୋଦ ପରିଡା, ମିଲୁ ସାର, ବେନୁ ଚରଣ ପ୍ରଧାନ,ବେଣୁଧର ଦଳେଇ, ବୈକୁଣ୍ଠ ଦାସ, ନିହାର ରଂଜନ ମହାନ୍ତି ପ୍ରମୁଖ ଏହି ଟିମ୍ ପରିଚାଳନାରେ ସହଯୋଗ କରିଛନ୍ତି। ୨ଶହରୁ ଉର୍ଦ୍ଧ୍ୱ କାଉଡିଆ ଜଳ ଉଠାଇ କପିଳାସ ଯାତ୍ରା କରୁଥିବା ଏକାଦଶବୋଲବମ୍ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଭଙ୍ଗା ସ୍ଲୁଇସ ଗେଟ ପାଇଁ ନଷ୍ଟ ହେଉଛି ଶହ ଶହ ଏକର ଧାନଚାଷ

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ସାଲାଇନ ଉପଖଣ୍ଡ ଅଧୀନ ଗୋଜାବନ୍ଧ ସେକ୍ସନ ଅନ୍ତର୍ଗତ ପେଟଛେଲା ଛକ ପାଖ ଜୋର ସ୍ଲୁଇସ ଗେଟଟି ଦୀର୍ଘ ଦିନ ହେବ ନଷ୍ଟ ହୋଇଯାଇଛି । ପେଟଛେଲା ପାଖ ନଦୀ କୁ ସଂଯୁକ୍ତ ଜୋରରେ ପ୍ରବାହିତ ଲୁଣା ପାଣି ଦାଉରୁ ଚାଷ ଜମିକୁ ସୁରକ୍ଷା ନେଇ ସାଲାଇନ କର୍ତ୍ତୃପକ୍ଷ ମନ୍ତ୍ରୀ ଘେରି ନିକଟରେ ସ୍ଲୁଇସ ଗେଟ ନିର୍ମାଣ କରିଥିଲେ । ମାତ୍ର ସ୍ଲୁଇସ ଗେଟ ଅବସ୍ଥାନ ପରଠୁ ଖୋଲା ନ ହୋଇବି ବର୍ଷାଧିକ ହେବ ନଷ୍ଟ ହୋଇଗଲାଣି । ଯାହା ଫଳରେ ପେଟ ଛେଲା ରାଜସ୍ୱ ସର୍କଲ ଅଧୀନ, ସଦର ପେଟଛେଲା, ବିବି କଲୋନୀ, ନଳଗୋଠ, ପଲ୍ଲୀଗଡ଼, ବରଜ ବାହାକୁଦ, ରାମନଗର ଆଦି ଅଞ୍ଚଳର ଚାଷୀଙ୍କ ଜମିକୁ ଅବାଧରେ ଲୁଣା ଜଳ ପ୍ଲାବିତ ହେଉଛି । ଏପରିକି ଗତ ଖରିଫ ଋତୁରେ ଲୁଣା ଜଳ ମାଡିଯିବାରୁ ମନ୍ତ୍ରୀଘେରି ପାଖ ଶହ ଶହ ଏକର ଚାଷଜମିରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ସ୍ଥାନୀୟ ଚାଷୀ ସ୍ଲୁଇସ ଗେଟ ମରାମତି ପାଇଁ ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ବର୍ଷାଧିକ ହେବ ଅବଗତ କରାଇଥିଲେ ବି ସୁଫଳ ମିଳିପାରିନାହିଁ । ଗତ ବର୍ଷ ଲୁଣା ଜଳ ପ୍ଲାବନ ହେତୁ ଖରିଫ ଧାନ ଚାଷ ଉଜୁଡା ଯାଇଥିବାରୁ ଚଳିତ ଖରିଫ ଋତୁ ପୂର୍ବରୁ ଚାଷୀ ଚେତିଛନ୍ତି । ପ୍ରଶାସନ ତରଫରୁ ନ ହେଲା ନାହିଁ ଲୁଣା ଜଳ ମାଡି ଯିବା ଆଶଙ୍କାରେ ଅସୁରକ୍ଷିତ ସ୍ଲୁଇସ ଗେଟ ସମ୍ମୁଖରେ ବନ୍ଧ ବନ୍ଧାଇଛନ୍ତି । ବନ୍ଧ ହେବାରୁ ଲୁଣା ପାଣି ଦାଉରୁ ଜମି କୁ ସିନା ସୁରକ୍ଷା ମିଳିଲା ମାତ୍ର ଉଦବୃତ୍ତ ବର୍ଷାଜଳ ନିଷ୍କାସିତ ନ ହେବାରୁ ମନ୍ତ୍ରୀଘେରି ପାଖ ୩୦୦ ଏକରରୁ ଅଧିକ ଚାଷ ଜମି ରୁଆ ପରେ ଜଳମଗ୍ନ ହୋଇ ରହିଛି । ଜଳମଗ୍ନ ଜମିରେ ଧାର କରଜ କରି ଚଢ଼ା ମଜୁରୀ ଦେଇ ରୁଆ ଥିବା ଧାନଗଛ ପଚିଯିବାକୁ ବସିଲାଣି । ଏପଟେ ବନ୍ଧ ହାଣିଲେ ଲୁଣା ପାଣି କ୍ଷତି କରିବ, ବନ୍ଧ ରହିଲେ ଧାନଗଛ ଧୋଇଯିବାର ଆଶଙ୍କା । ଏଭଳି ସ୍ଥିତିରେ ଏକାଧିକ ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ଚାଷୀ ଅଶାନ୍ତି ପ୍ରକଟ କରି ନୂତନ ସ୍ଲୁଇସ ଗେଟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବହୁ ଚାଷୀ କହିଛନ୍ତି ।

# ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

ଧର୍ମଶାଳା,(ସବ୍ୟୁ) :ଓଡିଶାର ଦ୍ୱିତୀୟ ବୃହତମ ବ୍ରାହ୍ମଣୀ ନଦୀରେ ଚଳିତ ବର୍ଷ ଦ୍ୱିତୀୟ ବନ୍ୟା ଆସିଛି । ଫଳରେ ପୁର୍ବପରି ଆନେକ ଅଂଚଳ ମ୍ନଗନ ହେବାର ଆଶଙ୍କା ପ୍ରକାଶ ପାଇଛି । ଗତ ଥର ଉପରମୁଣ୍ଡରେ ବର୍ଷା ହେବା ଫଳରେ ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ ଖୋଲାଯାଇଥିଲା । ଫଳରେ ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୪. ୮୦ ଫୁଟରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଏଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ପାଖାପାଖି ୨ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଏବେ ଜେନାପୁର ଠାରେ ବ୍ରାହ୍ମଣୀର ଜଳସ୍ତର ୬୧.୮୦ ରହିଥିବା ବେଳେ ଏହା ଧିରେ ଧିରେ ବୃଦ୍ଧି ପାଇବରେ ଲାଗିଛି । ତେବେ ପରମୁଣ୍ଡରେ ବର୍ଷା କମିଯାଇଥିବାରୁ ରେଙ୍ଗାଲି ଡ୍ୟାମର ଆଉ ଗେଟ ଖୋଲାଯିବାର ନାହିଁ ବୋଲି ଜାରକା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି । ତେବେ ୩ଟି ଗେଟ ଦେଇ ବ୍ରାହ୍ମଣୀ ନଦୀରେ ଆସୁଥିବା ବନ୍ୟା ଜଳ ତଳିଆ ଅଂଚଳ ପାଇଁ ବିପଡଦ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଗତ ଥର ବନ୍ୟାରେ କୋଟପୁର ପଂଚାୟତର ଅନେକ ଅଂଚଳ ପ୍ରଭାବିତ ହୋଇଥିଲା । ଏବେ ମଧ୍ୟ ସମାନସ୍ଥିତି ଉପୁଯିବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି । ଅନ୍ୟପଟେ ସମଲ ବ୍ୟରେଜର ୮ ଗୋଟି ଗେଟ ଖୋଲାଯାଇଥିବାରୁ ବନ୍ୟାଜଳ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି । ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ବଡ ବନ୍ୟା ଆସୁଥିବାରୁ ନଦୀ କୁଳିଆ ଲୋକେ ଭୟଭିତ ହୋପଡିଛନ୍ତି । ତେବେ ବନ୍ୟାପାଣି ବିପଦ ସଙ୍କେତ ତଳେ ପ୍ରବାହିତ ହେବା ସହ ନଦୀ କୁଳିଆ ଅଂଚଳବାସୀ ଭୟଭିତ ନହେବା ପାଇଁ ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି ।

# ୬୦ ପରିବାର ଜଳବନ୍ଦୀ : ୧୫ ଦିନରେ ସମାଧାନ ନ ହେଲେ ଧାରଣା

ରାଜକନିକା ,(ସବ୍ୟୁ) :ରାଜକନିକା ବ୍ଲକ କଣ୍ଟପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋକର୍ଣେଶ୍ୱର୍ ଗ୍ରାମରେ ପ୍ରାୟ ୬୦ ପରିବାର ଆଜକୁ ୧ ମାସ ହେଲାଣି ବର୍ଷା ପାଣିରେ ସମ୍ପୂର୍ଣ ଜଳବନ୍ଦୀ ରେ ଅଛନ୍ତି । ସୂଚନା ମୁତାବକ ରାଜକନିକା ବ୍ଲକରୁ ମାତ୍ର ୫ଶହ ମିଟର ଦୂରେ ଗୋକର୍ଣେଶ୍ୱର୍ ଗାଁ ଅବସ୍ଥିତ । ବର୍ଷା ଦିନେ ବର୍ଷା ଜଳ ନିଷ୍କାସନ ନହେବାରୁ ଜଳ ବନ୍ଦୀରେ ଗ୍ରାମବାସୀ ଅଛନ୍ତି । ଏ ସମ୍ପର୍କରେ ବିଡ଼ିଓ ଏବଂ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ଗ୍ରାମରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ କୁନି କୁନି ପିଲାମାନଙ୍କ ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଇଛି । ପାଣି ନିଷ୍କାସନ ବାଟ ନ ଥିବାରୁ ପୋକ ଜନ୍ମି ନେଳି ଲାଗିବାରୁ ବୟସ୍କ ବୃଦ୍ଧବୃଦ୍ଧାମାନେ ଏହି ପାଣିରେ ଯାଇ ଆସି ପାରୁନାହାନ୍ତି । ବଡ ଦୁଃଖର କଥା ଏହିକି ଯେ ବ୍ଲକ ସଦର ମହକୁମାରୁ ମାତ୍ର ୫୦୦ ମିଟର ଦୂରତା ମଧରେ ଏହି ଗ୍ରାମ ଅବସ୍ଥିତ । ତେଣୁ ଉକ୍ତ ଗ୍ରାମର ଲକ୍ଷ୍ମୀଧର ରାଉତ, ବାବୁଲି ମାଝୀ, ଚନ୍ଦ୍ରମଣି ମଲ୍ଲିକ, ଅଭୟ ନାୟକ, ସୁମିତ୍ରା ନାଥ, ଅଶୋକ ସାମଲ, ଶରତ ଚନ୍ଦ୍ର ବାରିକ, ନାରଣ ଦଳାଇ, ଦାଶରଥି ନାୟକ, ଲଛମନ ଦାଶ, ପୂରେନ୍ଦ୍ର କୁମାର ଦାଶ, ରବିନାରାୟଣ ମହାନ୍ତି, କୀର୍ତ୍ତି ରାୟ ପ୍ରମୁଖ ଅଧିବାସୀ ମାନେ ଦାବୀ କରିଛନ୍ତି ଯେ ଉକ୍ତ ସମସ୍ୟା ୧୫ ଦିନ ମଧରେ ସମାଧାନ ନହୁଏ, ତେବେ କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ।

# ଅବସରପ୍ରାପ୍ତ ସେନିକ ସଂଘ ପକ୍ଷରୁ ସହିଦ ଦିବସ ପାଳିତ

ସାଲେପୁର,(ସବ୍ୟୁ) :କାର୍ଗିଲ ସହିଦ ବିଜୟ ଦିବସ ପାଳନ ଅବସରରେ ସାଲେପୁର ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ଓଡ଼ିଶାର ପ୍ରଥମ କାର୍ଗିଲ ସହିଦ ଗୋପୀନାଥ ମହାରଣାଙ୍କର ପୈତୃକ ଗ୍ରାମ ଜନାର୍ଦ୍ଦନପୁରରେ ଅବସ୍ଥିତ ଥିବା ସହିଦଙ୍କ ମୂର୍ତ୍ତିରେ



ସଂଘର ଉପସଭାପତି ଡ଼ଃ ଚିତ୍ତରଞ୍ଜନ ପଣ୍ଡା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ସୈନିକ ମାନେ ସହିଦ ଗୋପୀନାଥ ମହାରଣା ଅମର ରହେ ଓ ଭାରତ ମାତାକୀ ଜୟ ନାରା ଲଗାଇ ମଟର ସାଇକେଲ ରାଲି କରିଥିଲେ । ଡ଼ଃ ପଣ୍ଡା ସହିଦଙ୍କର ସ୍ମୃତି ଚାରଣ କରିବା ସହିତ ସେ ଆମ ଅଞ୍ଚଳର ଗର୍ବ ଓ ଗୌରବ ବୋଲି ନିଜର ବକ୍ତବ୍ୟ ମାଧମରେ ପ୍ରକାଶ କରିଥିଲେ । ରାଲିରେ ଗୌରାଙ୍ଗ ଚରଣ ହୋତା, ଆର୍ତ୍ତତ୍ରାଣ ନନ୍ଦ, ଅଜୟ କୁମାର ବିଶ୍ୱାଳ, ପ୍ରିୟନାଥ ପରିଡ଼ା, ଶୁଭେନ୍ଦୁ କୁମାର ରଣା,ବିଜୟ କୁମାର ବରାଳ, ଶଶିକାନ୍ତ ଦାଶ, ଉମାକାନ୍ତ ଦାଶ, ପ୍ରସନ୍ନ କୁମାର ମିଶ୍ର, ପ୍ରମୋଦ ସାହୁ,ଦିପକ ଦାଶ, ଅଜିତ ନାଥଶର୍ମା ଓ ଧନେଶ୍ୱର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବଳଦେବଜୀଉ ପାୱାରଲୁମ୍ ପୁନଃ କର୍ଯ୍ୟକ୍ଷମ ପାଇଁ ଦାବି

କେନ୍ଦ୍ରାପଡା,(ସବ୍ୟୁ) :ରାଜ୍ୟ ସରକାର ରାଜ୍ୟରେ ୮ଟି ସ୍ଥାନରେ ବୟନ ଶିଳ୍ପର ପ୍ରସାର ପାଇଁ ନୀତିଗତ ନିଷ୍ପତି ଗ୍ରହଣ କରିଛନ୍ତି। ଏହାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ ସ୍ୱାଗତ ଜଣାଉଛି। ମାତ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକମାତ୍ର ଶିଳ୍ପ ବଳଦେବଜୀଉ ପାୱାରଲୁମ୍ ରାଜ୍ୟରେ ଗାମୁଛା, ଲୁଙ୍ଗି, ଧୋତି ଆଦି ତିଆରି କରି ଲୋକମାନଙ୍କୁ ନିଯୁକ୍ତି ଦେବା ସହ କପଡା ଶିଳ୍ପର ଚାହିଦା ମେଣ୍ଟାଉଥିଲା। ଦୀର୍ଘଦିନ ଧରି ତାହା ଅଚଳ ହୋଇ ପଡିରହିଛି। ଜଗତସିଂହପୁର ଜିଲ୍ଲାର ସାରଳା ସୁତା ମିଲ୍‌କୁ ପୁନଃ ଉଦ୍ଧାର କରିବା ପାଇଁ ସରକାର ଯୋଜନା କରୁଛନ୍ତି। କେନ୍ଦ୍ରାପଡାର ବଳଦେବଜୀଉ ପାୱାରଲୁମ୍‌କୁ ପୁନଃ ଉଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଆପକ ଅଜୟ ସାମଲ, ସଭାପତି ଡଃ. ଅଲେଖ ଚନ୍ଦ୍ର ପଢିଆରୀ, ଉପଦେଷ୍ଟା ଆପକ ନନ୍ଦ କିଶୋର ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ଆଦିକନ୍ଦ ରାଉଳ, ରାଜକୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଆପକ ପ୍ରଭାକର ସାମଲ, ଦିଲ୍ଲୀପ ମିଶ୍ର ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ଅଧିକାରୀ

ମାହାଙ୍ଗା ,(ସବ୍ୟୁ) :ଜିଲ୍ଲାପାଳ କଟକ ଅଫିସ ନିର୍ଦ୍ଦେଶ ନାମା ନଂ ୨୮୧୪/ଇ.ଏମ୍.ଜି.ୱାଇ ତା ୨୫.୦୭.୨୦୨୫ରିଖରେ କଟକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ତା ୨୬.୭.୨୦୨୫ରିଖ ଶନିବାର ଦିନ ଖୋଲା ରହିବା ପାଇଁ ନିର୍ଦ୍ଦେଶନାମା ଜାରି ରହିଥିଲା। ପ୍ରବଳ ବର୍ଷା ଯୋଗୁ କଟକର ବିଭିନ୍ନ ଅଂଚଳର ଜଳମଗ୍ନ ହେବା ଆଶାଙ୍କୁ ନେଇ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଥିଲା। ଯାହାକୁ କି ମାହାଙ୍ଗା ବ୍ଲକରେ ପାଳନ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗରୁ ଶୁଣାଯାଉଛି ଯେ ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରିଣୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିଲେ। ପୂର୍ବରୁ ୪ଦିନ ମଧ୍ୟ ସେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବା ଅଭିଯୋଗ ହେଉଛି। ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଏହାର ପ୍ରମାଣ ମିଳିବ ବୋଲି ଦାବି ହେଉଛି। ଏପରିକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମାନିନଥିବା ଚର୍ଚ୍ଚା ସାଧାରଣରେ ହେଉଛି। ଅପରପକ୍ଷରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍, ପିଏଚ୍‌ଇଓ ଏବଂ ଜନ୍ମମୃତ୍ୟୁ ପଞ୍ଜିକରଣ ଦାୟିତ୍ୱରେ ଥିବା ଅଧିକାରୀ ଅନୁପସ୍ଥିତ ରହିଛନ୍ତି। ଏ ସଂପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ସୂଚନା ଦେଇଥିଲେ ଯେ ଡାକ୍ତରଖାନା କାର୍ଯ୍ୟରେ ସେ ବାହାରେ ରହିଥିବାରୁ ଅଫିସ୍‌ରେ ଅନୁପସ୍ଥିତ ରହିଥିଲେ। ଏପରିକି ତହିସିଲ କାର୍ଯ୍ୟାଳୟରେ ବିଭିନ୍ନ ରାଜସ୍ୱନିରିକ୍ଷକ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ କେତେ ପାଳନ କରୁଛନ୍ତି। ଏଣୁ କଟକ ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଦୁଇ ବଉଳା କୁମ୍ଭୀର ଉଦ୍ଧାର

ରାଜନଗର ,(ସବ୍ୟୁ) :ରାଜନଗର ବ୍ଲକ ଅନ୍ତର୍ଗତ ଏଣ୍ଣୁଳାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ଓ ଭିତର କନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗାମାଳ ପୃଥକ ପୃଥକ ଭାବେ ଦୁଇ ବଉଳା କୁମ୍ଭୀରଙ୍କୁ ଉଦ୍ଧାର କରାଯାଇଛି। ଦିବାକର ସେଠୀଙ୍କ ପୋଖରୀରୁ ୬ଫୁଟ ୬ଇଞ୍ଚ ଲମ୍ବ ଏକ ମାଈ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି । ଏହି କୁମ୍ଭୀରକୁ ଗୁପ୍ତି ନିକଟସ୍ଥ ହବଲ କ୍ରିକରେ ଛଡାଯାଇଛି । କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ସବିତା ବେହେରା, ଦୋଳଗୋବିନ୍ଦ ନାୟକ, ସଂଗୀତାସ୍ୱାଇଁ ଏବଂ ସ୍କ୍ୱାର୍ଡ ମନୋରଞ୍ଜନ ସାହୁ,ଚନ୍ଦନ ମଲିକ,ସୁବାସ ମାଝୀ, ରତ୍ନାକର ବିଶ୍ୱାଳ, ଅକ୍ଷୟ ଜେନା,ଦୁର୍ଯ୍ୟୋଧନ ଦାସ, ଅଞ୍ଜନ ମହାନ୍ତି,ରଞ୍ଜନ ସେଠୀ ପ୍ରମୁଖ ବନ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରି କୁମ୍ଭୀରଟିକୁ ଉଦ୍ଧାର କରିଥିଲେ । ସୂଚନାଯୋଗ୍ୟ ଯେ ବର୍ଷା ଦିନ ଯୋଗୁ ନଦୀ,ନାଳ ଓ ପୋଖରୀ ରେ ପାଣି ଅଧିକ ହେବାରୁ କୁମ୍ଭୀର ମାନେ ବାଡ଼ି ପୋଖରୀ ମଧ୍ୟକୁ ପସି ଆସୁଛନ୍ତି । ଏଥି ପ୍ରତି ଲୋକମାନେ ସତର୍କତା ଅବଲମ୍ବନ କରିବା ପାଇଁ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ ଲମ୍ବର ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସକାଳ ୧୧ଟା ବେଳେ ଡାଙ୍ଗମାଳ ସେକ୍ସନ ଷ୍ଟାଫ୍‌ଙ୍କଙ୍କ ଦ୍ୱାରା କୁମ୍ଭୀରକୁ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ସ୍ଥିତ ଭିତରକନିକା ନଦୀରେ ଛାଡ଼ି ଦିଆଯାଇଛି । ଉକ୍ତ ଉଦ୍ଧାର କାର୍ଯ୍ୟରେ ବନପାଳ ପ୍ରଶାନ୍ତ କୁମାର ସିଂ, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, ଯଶବନ୍ତ ବେହେରା, ଅର୍ଜୁନ ଦଳାଇ, ସଞ୍ଜୟ ଦଳାଇ, ପ୍ରମୁଖ କୁମ୍ଭୀର ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

# ବିଭିନ୍ନ ବିଭାଗ ଓ ଶିଳ୍ପସଂସ୍ଥାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ

ଜଗତସିଂହପୁର,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୭୯ ତମ **ସ୍ୱାଧୀନତା** ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ **ସ୍ୱାଧୀନତା** ଦିବସ କୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୫ ଦିନ ପ୍ରାତଃ ଘ. ୪.୩୦ ମି ରେ ରାମଧୁନ, ପ୍ରଭାତ ଫେରି ସକାଳ ୬ ଘଟିକା ,ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ଘ.୩୦ ମି ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୯.୧୫ ମି ସମୟରେ ଅନୁଷ୍ଠିତ ହେବ । ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ସକାଳ ୭ଘ.୩୦ ମି ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ । ପ୍ୟାରେଡ ରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବେ । ପ୍ରଥମ ରୁ ତୃତୀୟ, ୪ର୍ଥ ରୁ ୫ମ, ୬ଷ୍ଠ ରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମକ ବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧରେ ୦୮.୦୮.୨୦୨୫ ରିଖ ଓ ଜିଲ୍ଲାସ୍ତରରେ ତା ୧୧.୦୮.୨୦୨୫ ରିଖରେ ଅନୁଷ୍ଠିତ ହେବ । ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ । ବିଭିନ୍ନ ବିଭାଗ ଓ ପାରାଦ୍ୱୀପ ର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ । ଚଳିତ ବର୍ଷ ପୌର ପରିଷଦ,ଜଗତସିଂହପୁର ଓ ଅଳକା ଆଶ୍ରମ ପରିଚାଳନା କମିଟି ପକ୍ଷରୁ ମଧ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ କରାଯିବା ନେଇ ବୈଠକ ରେ ଆଲୋଚନା କରାଯାଇଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଜିଲ୍ଲାର ମାଟ୍ରିକ ଟପର ଙ୍କୁ ପୁରସ୍କୃତ କରାଯିବ । ଏହି ବୈଠକରେ ସଭାପତି,ଜିଲ୍ଲା ପରିଷଦ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ମିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ,ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ, ପୌରପରିଷଦ ର ଅଧକ୍ଷା ଅର୍ଚ୍ଚନା ସିଂହ,ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତି ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ,ଜିଲ୍ଲା ସଂସ୍କୃତିଅଧିକାରିଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଘଟଣାରେ ଶଳା, ଭିଣୋଇଙ୍କ ମୃତ୍ୟୁ

ରାଜନଗର ,(ସବ୍ୟୁ) : ରାଜନଗର ପଟାମୁଣ୍ଡାଇ ରାସ୍ତାର ମଦନପୁର ଠାରୁ କିଛି ଦୂରରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଶଳା ଭିଣୋଇଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ଭିଣୋଇଙ୍କର ମୃତ୍ୟୁ ଘଟିଥିବା ବେଳେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଶଳାର ମୃତ୍ୟୁ ଘଟିଛି । ଦୁର୍ଘଟଣା ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ଘଟାଇଥିବାରୁ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି । ପ୍ରତିବାଦରେ ଲୋକେ ମଦନପୁର ନିକଟରେ ରାଜନଗର - ପଟାମୁଣ୍ଡାଇ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ । ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି

# ୧୫ ଛାତ୍ରୀଙ୍କୁ ଅସଦାଚରଣ : ଶିକ୍ଷକଙ୍କୁ ସ୍କୁଲରୁ ଉଠାଇନେଲା ପୋଲିସ

ରାଜନଗର, (ସବ୍ୟୁ) :ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ନେଇ ଗୁରୁତର ଅଭିଯୋଗ ଆସିଛି । ୧୫ ଜଣ ଛାତ୍ରୀ ଶିକ୍ଷକଙ୍କ ଅସଦାଚରଣ ନେଇ ଲିଖିତ ଅଭିଯୋଗ କରିଛନ୍ତି । ତାଳଚୁଆ ମେରାଇନ ଥାନା ପୋଲିସ ଏହି ଘଟଣାରେ ବିଜ୍ଞାନ ଶିକ୍ଷକଙ୍କୁ ବିଦ୍ୟାଳୟରୁ ଉଠାଇ ନେଇଛ । ସୂଚନା ଯୋଗ୍ୟ ବିଜ୍ଞାନ ଶିକ୍ଷକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ଦୀର୍ଘଦିନ ହେଲା ଅସଦାଚରଣ କରି ଆସୁଥିଲେ । ଗତକାଲି ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ସହିତ ଅଶାଳୀନ କଥା କହିଥିଲେ । ଜଣେ ଛାତ୍ରୀ କାନ୍ଦି କାନ୍ଦି ଏନେଇ ଶିକ୍ଷୟତ୍ରୀଙ୍କୁ ଜଣାଇଥିଲେ । ଆଜି ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ , ବିଦ୍ୟାଳୟ ପରିଚାଳନା କମିଟି , ଦୁଇଟି ପଞ୍ଚାୟତର ସରପଞ୍ଚଙ୍କ ସମୁଖରେ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକ ଉପସ୍ଥିତରେ ଛାତ୍ରୀମାନଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରାଯାଇଥିଲା । ଛାତ୍ରୀମାନେ ବିଜ୍ଞାନ ଶିକ୍ଷକ ସେମାନଙ୍କ ସହିତ ଗତକାଲି ଓ ପୂର୍ବରୁ କିପରି ଅସଦାଚରଣ କରିଆସୁଥିଲେ , ତାଙ୍କ ସହିତ ତାଙ୍କ ଘରକୁ ଡାକୁଥିଲେ ଆଜି ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ । ଛାତ୍ରୀଙ୍କ ଅଭିଭାବକମାନେ ମଧ ଏ ନେଇ ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହି ପଚରାଉଚରା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ । ଆଇଆଇସି ବିମଳ କୁମାର ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ , ଅଭିଭାବକ , ପୀଡିତା ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇ ଯାଇଥିଲେ । ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି ।

# କାର୍ଗିଲ ବିଜୟ ଦିବସରେ ସହିଦ ଯବାନ ଗୋପିନାଥ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲ ,(ସବ୍ୟୁ) :କାର୍ଗିଲ ଯୁଦ୍ଧକୁ ପୁରିଲାଣି ୨୫ବର୍ଷ । ଦେଶ ମାତୃକାର ରକ୍ଷା ପାଇଁ ଯିଏ ନିଜ ଜୀବନକୁ ତୁଚ୍ଛ ମନେକରି ଉତ୍ସର୍ଗୀକୃତ ଭାବେ ନିଜକୁ ବଳିଦାନ ଦେଇ ସହିଦ୍ ହୋଇଥିଲେ ସେମାନଙ୍କ ମଧରେ ବୀର ଯବାନ୍ ଗୋପିନାଥ ମହାରଣା ହେଉଛନ୍ତି ଅନ୍ୟତମ । ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜନାର୍ଦ୍ଦନପୁର ଗ୍ରାମରେ ଗୋପିନାଥ ଜନ୍ମଗ୍ରହଣ କରିଥିଲେ ମଧ କାର୍ଗିଲ ଯୁଦ୍ଧରେ ଉତ୍ସର୍ଗୀକୃତ ସେବା ଦେଇ ଓଡ଼ିଶାର ପ୍ରଥମ ସହିଦ୍ ହେବା ପରେ ତାଙ୍କୁ ନେଇ ଜନ୍ମମାଟି ଅଞ୍ଚଳ ଗୌରବାନ୍ୱିତ



ହୋଇଥିଲା । ଗୋପିନାଥ ୧୮ବର୍ଷ ବୟସରେ ସେନାବାହିନୀରେ ଯୋଗ ଦେଇ ୫୨୮ ବାଟାଲିୟନରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ୧୯୯୯ ମସିହା ମେ ମାସରେ ହୋଇଥିବା ଭାରତ ଓ ପାକିସ୍ତାନ ମଧରେ କାର୍ଗିଲ ଯୁଦ୍ଧ ସମୟରେ ଗାଡ଼ିରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ନେଇ ଯାଉଥିଲା ବେଳେ ଶତ୍ରୁଙ୍କ ଗୁଳିରେ ସହିଦ୍ ହୋଇଥିଲେ । ମାତ୍ର ୨୩ବର୍ଷ ବୟସରେ ଦେଶ ମାତୃକାର ପାଇଁ ଜୀବନ ଦେଇ ଯୁବ ସମାଜକୁ ଦେଶପ୍ରେମ ଭାବର ପ୍ରେରଣା ସାଜିଥିଲେ । ସେତେବେଳେ ପୁଅକୁ ହରାଇ ପିତା ଯଦୁମଣୀ ମହାରଣା ଓ ମାତା ଝୁମୁରୀ ମହାରଣା ଦୁଃଖରେ ମ୍ରିୟମାଣ ହୋଇଥିଲେ ମଧ ପୁଅର ଏଭଳି ବୀରତ୍ୱ ପାଇଁ କାଳ କାଳ ପାଇଁ ଇତିହାର ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଯିବାରୁ ପରିବାର ଲୋକେ ଗର୍ବ ଅନୁଭବ କରିଥିଲେ । ଆଜି ଜୁଲାଇ ୨୬ ତାରିଖ କାର୍ଗିଲ ବିଜୟ ଦିବସ ଅବସରରେ ସହିଦ୍ ବୀର ଯବାନ୍ ଗୋପିନାଥଙ୍କୁ ତାଙ୍କ ଜନ୍ମମାଟି ଝୁରୁଛି । ଏହି ଅବସରରେ ଜନ୍ମମାଟିରେ ହୋଇଥିବା ଗୋପିନାଥଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ,ରାଜନେତା ,ଗଣମାଧମ ପ୍ରତିନିଧି ଓ ଜନସାଧାରଣ ମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ତାଙ୍କ କଥା ମନେ ପକାଇଛନ୍ତି ।

# ଆଠଦିନ ବିତିଗଲା: ଖିଅ ପାଉନାହିଁ ପୋଲିସ

ବଳଙ୍ଗା ,(ସବ୍ୟୁ):ବଳଙ୍ଗା ଘଟଣା ରେ ମୁହଁ ଖୋଲିଲେ ଏସପି,ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ତଦନ୍ତ କରୁଥିବା ଅଧିକାରୀ କରୁଛନ୍ତି ଆହୁରି ଅଧିକ ତଦନ୍ତ।ଏ ଘଟଣା ର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁଟିକେ ସମୟ ଲାଗୁଛି! ତଦନ୍ତ ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି। ତଦନ୍ତ ରେ କୌଣସି ପ୍ରକାର ର କ୍ଷୀୟ ଯେମିତି ନ ଛାଡୁ ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିସ୍କର୍ଷ ଭିତରେ ଆମେ ପହଂଚି ପାରିନୁ, ମୂଲ୍ୟବାନ ପ୍ରମାଣ ଆମେ ହସ୍ତ ଗତ କରିଛୁ, ଆମେ ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି।ଏପଟେ ଗତ କାଲି ବଳଙ୍ଗା ପୋଲିସ ଏବଂ କ୍ରାଇମ ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍ସ ରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକଡ କରିଥିବା ବେଳେ ଆଜି ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ଚର୍ଚ୍ଚା ଚାଲିଥିବା ବେଳେ ପୁଣି ପୁରୀ ଏସପିଙ୍କ ବୟାନ ଦ୍ୱନ୍ଦ ସୃଷ୍ଟି କରିଛି।ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳ ମେଳ ଖାଉନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି।ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନା କୁ ଆସିଛି ପୋଲିସ ନିଷ୍କ୍ରିୟତା।ତେବେ କେବେ ସରିବ ପୋଲିସର ତଦନ୍ତ ଆଉ କେବେ ଧରା ହେବେ ଘଟଣା ପଛର ଦୁର୍ବୃତ୍ତ ତାହା ଏବେ ସମ୍ପୂର୍ଣ୍ଣ ରହସ୍ୟ ମୟ।

# ନାବାଳକର ଆତ୍ମହତ୍ୟା

ପିପିଲି ,(ସବ୍ୟୁ) :ଶନିବାର ଅପରାହ୍ନ ରେ ପିପିଲି ଥାନା ଅନ୍ତର୍ଗତ କାକୁଡି କୋସାଙ୍ଗ ଗ୍ରାମ ସ୍ଥିତ ଏକ ଇଟା କାରଖାନାରେ ଜଣେ ବାରବର୍ଷର ନାବାଳକ ରସି ଲଗାଇ ଆତ୍ମ ହତ୍ୟା କରିଥିବାର କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି।.ଜଣାଯାଏ ମୃତ ନାବାଳକ ମା ପୁଅକୁ ଅନିରୁଦ୍ଧ ରାଉତ ନାମକ ବ୍ୟକ୍ତିଙ୍କ ଇଟା କାରଖାନାରେ ଛାଡି ଦେଇ ଥିଲେ. ଦୀର୍ଘ ଦିନ ଧରି ମା ପୁଅ ପାଖକୁ ନଆସିବାରୁ ଶିଶୁପୁତ୍ରଟି ମାନସିକ ଚାପଗ୍ରସ୍ତ ହେତୁ ଆତ୍ମହତ୍ୟା କରିଥାଇପାରେ ବୋଲି ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି।ତେବେ ମୃତ୍ୟୁ ଖବର ପାଇ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସ ଏବଂ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣା ସ୍ଥଳରେ ପହଂଚି ମୃତ ନାବାଳକର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ପଠାଇଛନ୍ତି ଏବଂ ଏକ ମାମଲା ରୁଜୁକରି ତଦନ୍ତ ଜାରିରଖିଛନ୍ତି।ତେବେ ଏକ ନାବାଳକଙ୍କୁ କାହିଁକି କେଉଁ ଉଦେଶ୍ୟରେ ଇଟା ଭାଟିରେ ରଖା ଯାଇଥିଲା ତାହା ତଦନ୍ତ ସାପେକ୍ଷ।ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ପିଲାଟିର ଘର ଏବଂ ଠିକଣା ପୁଲିସ ର ହସ୍ତଗତ ହୋଇନଥିବା ଜାଣିବାକୁ ମିଳିଛି।

# ବିଚାର ବିଭାଗୀୟ ଅଦାଲତ ଉଦ୍‌ଘାଟିତ

ଅସ୍ତରଙ୍ଗ,(ସବ୍ୟୁ): ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ତହସିଲ ନିକଟରେ, ଓଡିଶା ହାଇକୋର୍ଟ ମୁଖ୍ୟ ବିଚାର ପତି ହରିଶ ଟଣ୍ଡନ, ଓ ହାଇକୋର୍ଟ ବିଚାରପତି, ତଥା ପୁରୀ ଜିଲ୍ଲା ଜଜ ସେକସନ ରପ୍ରଶାସନିକ ଅଧିକାରୀ କେ, ଆର,ମହାପାତ୍ରଙ୍କ ଦ୍ୱାରା ଆଭାସି ମାଧ୍ୟମ ରେ ଦେଓ୍ୱାନି ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଉଦ୍ଘାଟିତ ହୋଇ ଯାଇଛି । ଏଥିରେ ସିଭିଲ କୋର୍ଟ ପୁରୀ ରେଜିଷ୍ଟର ସୌମରଞ୍ଜନ ସାହୁ,ଏ ଡ଼ି, ଜେ-ନିମାପଡା ର ବିଚାରପତି ସୌମକାନ୍ତ ମହାପାତ୍ର,ଓଡିଶା ହାଇ କୋର୍ଟ ର ମୁଖ୍ୟ ବିଚାରପତିଙ୍କ ଏଲ ସ ଡ଼ି ମାଧାମରେ ଉଦଘାଟନୀ ବ୍ୟକ୍ତବ୍ୟ ଆରମ୍ଭ ହେବା ମାତ୍ରେ, ଫଳକକୁ ଲୋକାର୍ପଣ କରିଥିଲେ। ଅସ୍ତରଙ୍ଗ କୋର୍ଟ ବିଚାରପତି ସୁଧାବାଇ ଅଗ୍ରଓ୍ୱାଲା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଙ୍କ ସମେତ, ଜିଲ୍ଲାର ଅତିରିକ୍ତ ଏ ପି, ବିଭାଗୀୟ କର୍ମଚାରି, ଓକିଲ, ଗଣ ମାଧ୍ୟମ ପ୍ରତିନିଧି ପୋଲିସ କର୍ମଚାରୀ ପ୍ରଭୃତି ଉପସ୍ଥିତ ଥିଲେ । ଏହି କୋର୍ଟ ଅଧୀନରେ ଅସ୍ତରଙ୍ଗ ଥାନା ଓ ମେରାଇନ ଥାନା ନୂଆଗଡ଼, କାର୍ଯ୍ୟ କରିବା।

# ସମସ୍ୟା ଘେରରେ ଶଙ୍କତ୍ରାସ ଉଚ୍ଚ ବିଦ୍ୟାଳୟ: ରାସ୍ତାରେ ବସିଲେ ଛାତ୍ରଛାତ୍ରୀ



ଫୁଲନଖରା ,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ବହୁ ପୁରାତନ ଶଙ୍ଖତ୍ରାସ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଲା ଅଭିନବ ଦୃଶ୍ୟ । ବିଜ୍ଞାନ ଶିକ୍ଷକ ସୁଦର୍ଶନ କେରେଇଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ସମସ୍ତ ଛାତ୍ରଛାତ୍ରୀମାନେ ପ୍ରତିବାଦ କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ମହିଧରପଡା - ଶଙ୍ଖତ୍ରାସ ମୁଖ୍ୟ ରାସ୍ତାରେ ଧାରଣା ଦେଇଥିଲେ । ପ୍ରକାଶ ଥାଉ କି,ବିଦ୍ୟାଳୟରେ ଜଣେ ବିଜ୍ଞାନ ଶିକ୍ଷକ ଓ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ଥିଲାବେଳେ ବିଗତ ୦୬ ମାସ ହେବ ଶିକ୍ଷୟିତ୍ରୀ ଜଣଙ୍କ ମାତୃଜନିତ ଛୁଟିରେ ଅଛନ୍ତି । କେଉଁ ପରିସ୍ଥିତିରେ କୌଣସି ବିଜ୍ଞାନ ଶିକ୍ଷକ/ଶଶିକ୍ଷୟିତ୍ରୀଙ୍କୁ ଅଣା ନ ଯାଇ ବର୍ତ୍ତମାନର ଏକମାତ୍ର ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଗଲା ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପରେ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଆଗାମୀ ୨-୩ ଦିନ ମଧ୍ୟରେ ଯଥା ସମ୍ଭବ ଚେଷ୍ଟା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ଛାତ୍ରଛାତ୍ରୀ ପ୍ରତିବାଦରୁ ବିରତ ହୋଇଥିଲେ । ପୂର୍ବରୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ମନୋଜ କୁମାର ମହାନ୍ତିଙ୍କୁ ଅବ୍ୟାହତି ଦିଆଯାଇ ସୁଦର୍ଶନ କେରେଇଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା । ଅଞ୍ଚଳର ବହୁ ପୁରାତନ ବିଦ୍ୟାଳୟର ଆଖ୍ୟା ପାଇଥିବା ଶଙ୍ଖତ୍ରାସ ବିଦ୍ୟାଳୟର ପରିବେଶ ଓ ଭିତ୍ତିଭୂମି ପୁରା ଭୁଶୁଡ଼ି ଗଲାଣି । ବିପଦ ସଙ୍କୁଳ ଆଜବେଷ୍ଟସ ଘରେ ପାଠ ପଢା ଚାଲୁଥିବାରୁ ବର୍ଷା ଦିନେ ପାଣିର ସମସ୍ୟା ସହିତ ବିଷାକ୍ତ ଜନ୍ତୁଙ୍କ ଦାରା ଆଘାତ ପାଇବାର ଡର,ଖେଳପଡିଆ କ୍ରମଶଃ ଗାଡ଼ିଆରେ ପରିଣତ ହୋଇଥିବାବେଳେ,ବିଦ୍ୟାଳୟର ପରିବେଶରେ ସ୍ୱଚ୍ଛତାର ଅଭାବ ଦେଖିବାକୁ ମିଳୁଛି । ପ୍ରଶାସନ ତଥା ସ୍ଥାନୀୟ ବିଧାୟକ ବିଦ୍ୟାଳୟ ଉନ୍ନତି ଓ କାର୍ଯ୍ୟକ୍ରମ ଉପରେ ସତନ୍ତ୍ର ଦୃଷ୍ଟି ଦେବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ଅଭିଭାବକ ଓ ଅଞ୍ଚଳବାସିଙ୍କ ତରଫରୁ ଦାବି ଜୋର୍ ଧରିଛି ।

# କୁଶଭଦ୍ରା ନଦୀରେ ବୁଡ଼ିଗଲା ବିଡ଼ିଓଙ୍କ କାର



କୋଣାର୍କ,(ସବ୍ୟୁ):ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ମେରାଇନ ଥାନା ଅନ୍ତର୍ଗତ ଲୋଟସ ରିସର୍ଟ ନିକଟ ରାମଚଣ୍ଡୀ ମୁହାଣ କୁଶଭଦ୍ରା ନଦୀରେ କାର ବୁଡି ଯାଇଥିଲା। କଟକ ସଦର ବିଡ଼ିଓ ପ୍ରତିକ ସାହୁ (୩୩)ଓ ତାଙ୍କ ପତ୍ନୀ ରଶ୍ମି ସାହୁଙ୍କ ସହ ଶନିବାର କୋଣାର୍କ ବୁଲିବାକୁ ଆସିଥିଲେ। ରାମଚଣ୍ଡୀ ନିକଟ ଲୋଟସ ରିସର୍ଟରେ କାର ଯାହାର ନମ୍ବର ଓ ବି ୨୩୫୭ ପାର୍କିଂ ସମୟରେ ଭାରସାମ୍ୟ ହରାଇ କୁଶଭଦ୍ରାନଦୀକୁ ଖସି ପଡିଥିଲା। ନଦୀରେ ଜୁଆର ଥିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବାହିନୀ କାରକୁ ଉଦ୍ଧାର କରିଥିଲେ। ଏଥିରେ ବିଡ଼ିଓ ସାମାନ୍ୟ ଆହତ ହୋଇ ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ଯାଇଥିବା ଜଣାପଡିଛି। ଘଟଣା ସ୍ଥଳରେ ମେରାଇନ ପୋଲିସ ପହଞ୍ଚି ତଦନ୍ତ କରୁଥିବା ଥାନାଧିକାରିଣୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

# ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବାଲୁଗାଁ ,(ସବ୍ୟୁ):ବାଲୁଗାଁ ମହାବିଦ୍ୟାଳୟ ଅନ୍ତର୍ଗତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ତିନି ଛାତ୍ରଛାତ୍ରୀ ମାନେ ପ୍ରଥମେ ଚନ୍ଦନ ପୁଷ୍ପ ଓ ଅରୁଆ ଚାଉଳ ମାଧ୍ୟମରେ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସଭାଗୃହକୁ ପାଛୋଟି ନେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସେମାନଙ୍କୁ ସ୍ୱାଗତ ଜଣାଇବା ସହିତ ଅନୁଷ୍ଠାନର ଇତିହାସ, ଶୈକ୍ଷିକ ପରମ୍ପରା ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ପରୀକ୍ଷା ପରିଚାଳକ ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ଶୈକ୍ଷିକ ସଂଯୋଜକ ଡକ୍ଟର ସନ୍ତୋଷ କୁମାର ରଥ, ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଇଂରାଜୀ ବିଭାଗ ମୁଖ୍ୟ ଡକ୍ଟର ମୋନାଲିସା ମାନସିଂହ, ଓଡ଼ିଆ ବିଭାଗ ମୁଖ୍ୟ ଝରଣା ନାଥ, ମନୋବିଜ୍ଞାନ ମୁଖ୍ୟ କ୍ରିଷ୍ଣା ସେଠୀ, ଅର୍ଥନୀତି ବିଭାଗ ମୁଖ୍ୟ ବାଳକୃଷ୍ଣ ପାଢ଼ୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ହିମାଂଶୁ କୁମାର ଦାଶ, ପ୍ରାଣୀବିଜ୍ଞାନ ମୁଖ୍ୟ ବିଦ୍ୟାଧର ଜୁଝାରସିଂହ, ଗଣିତ ବିଭାଗ ମୁଖ୍ୟ ଶିବରାମ ସିଂ,ଗ୍ରନ୍ଥାଗାରିକ କଳ୍ପନା ଗୁମାନସିଂ, କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଓ କ୍ଷୀରୋଦ ନାଥ ନାୟକ ପ୍ରମୁଖ ଶିକ୍ଷାର୍ଥୀ ମାନଙ୍କୁ ମହାବିଦ୍ୟାଳୟର କୀର୍ତ୍ତି, ସମସ୍ତ ସୁବିଧା, ଓ ଶୃଙ୍ଖଳାଜ୍ଞାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ସୌମ୍ୟଝଶ୍ରୀ ବିଶ୍ୱାଳ ଓ ପୂଜା ପ୍ରଧାନ ଅନୁଷ୍ଠାନରେ ପ୍ରଥମ ଦିନର ଅନୁଭୂତି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିମଳ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶାକୁ ନା ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,(ସବ୍ୟୁ) : ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ବୀର ଗୋବିନ୍ଦ ପୁର,ସତ୍ୟବାଦୀ ରେ ନିଶାକୁ ନା ସଚେତନତା ଧର୍ମୀ ଆଲୋଚନା ଚକ୍ର ରମେଶ ଚନ୍ଦ୍ର ପଣ୍ଡା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ଶେଖର ସାହୁ, ଉପସଭାପତି ଓଡ଼ିଶା ସଓ୍ୱାସ୍ଥ୍ୟ ସେବା ସଂଘ ଭୁବନେଶ୍ୱର, ବିଜୟ କୁମାର ପରିଡ଼ା , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂପାଦକ ଭାରତ ବିକାଶ ପରିଷଦ , ସତ୍ୟବାଦୀ , ନବଘନ ଶତପଥି, ସଭାପତି ଭାରତ ବିକାଶ ପରିଷଦ ସତ୍ୟବାଦୀ , ଜ୍ୟୋତି ରଞ୍ଜନ ଭାରତୀ, ନିର୍ଦ୍ଦେଶକ ଆସ୍ଥା ,ତୁଳସୀ ଚଉରା ,ଚନ୍ଦନପୁର , ସୁଶ୍ରୀ ହରପ୍ରିୟା କର ,ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ , ମନୋରଞ୍ଜନ ମିଶ୍ର , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ , ଯୋଗେଶ ଚନ୍ଦ୍ର ନାୟକ ପ୍ରଧାନଶିକ୍ଷକ ,ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟ ପ୍ରମୁଖ ଯୋଗ ଦେଇ ମଦ ନିଶାର କୁପ୍ରଭାବ ବିଷୟରେ ପିଲାମାନଙ୍କୁ ସଚେତନ କରାଇବା ସହ ନିଶାଠାରୁ ଦୁରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ । ବିଦ୍ୟାର୍ଥୀମାନେ ମଦ ନିଶାର କୁପରିଣତି ଆଧାରିତ କୁଇଜ୍ରେ ଭାଗନେଇ ଅତିଥିମାନଙ୍କ ଦାରା ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଦିବ୍ୟଜ୍ୟୋତି ବରାଳ ଓ ଛାତ୍ର ବିଭୁପ୍ରସାଦ ଭୋଇ ପ୍ରମୁଖ ଆଲୋଚନା ଚକ୍ରଟି ବିଦ୍ୟାର୍ଥୀମାନଙ୍କୁ ମଦ ନିଶାର ଉଦ ବେଗ ଜନକ କୁପ୍ରଭାବରୁ ରକ୍ଷା କରିବାରେ ସହାୟକ ହୋଇପାରିବ ବୋଲି ଅଭିମତ ପ୍ରଦାନ କରିଥିଲେ । ଶେଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହଯୋଗରେ ଆଲୋଚନା ଚକ୍ରଟି ସଫଳ ହୋଇଥିଲା । ଅତିଥିମାନେ ପିଲାମାନଙ୍କୁ ମଦ ନିଶା ଶରୀରର ବିଭିନ୍ନ ଅଙ୍ଗକୁ କିପରି ରୋଗାକ୍ରାନ୍ତ କରେ ତାହା ବିଜ୍ଞାନ ଆଧାରରେ ବୁଝାଇଥିଲେ ।ନିଜ ପାଇଁ ହସିବା ପାଇଁ ପିଲାମାନଙ୍କ ସହ ପ୍ରାୟ ୫ ପ୍ରକାର ହସ ହସି ହସାଇ ପିଲାମାନଙ୍କ ହୃଦୟ ଜିତିଥିଲେ । ଏହା ଡୋପାମାଇନ ଝରାଇ ମନ ଖୁସି କରାଏ ।କୃତ୍ରିମ ଉପାୟରେ ଏହା ନିଶା ଦାରା ଝରିଲେ ନ୍ୟୁରନ କୁ ସାମୟିକ ଉତ୍ତେଜିତ କରି ଅପ୍ରାକୃତିକ ଖୁସି ଦେଇ ମଣିଷକୁ ନିଶାଗ୍ରସ୍ତ କରାଏ । ମଣିଷ ଶେଷରେ ମଦ ନିଶାର ଚକ୍ରରେ ପଡ଼ି ରୋଗୀ ହୋଇ ଯାଏ ।ନିଶାର ସାମାଜିକ ମନ୍ଦ ପ୍ରଭାବ , ଆର୍ଥିକ ଖରାପପ୍ରଭାବ , ଆଇନ ଶୃଙ୍ଖଳା ପ୍ରଭାବ , ଚାରିତ୍ରିକ କୁପ୍ରଭାବ ଓ ସାସ୍ଥ୍ୟଗତ କୁ ପ୍ରଭାବ ଉପରେ ବିଭିନ୍ନ ଦିଗରୁ ଆଲୋଚନା ହୋଇଥିଲା ।ପାରିବା ଲୋକେ ଚୁପ ହେବାରୁ , ନିଷ୍କ୍ରିୟ ସଜ୍ଜନ ଧୃତରାଷ୍ଟ୍ର ଦ୍ରୋଣଙ୍କ ପରି ଚୁପ ରହିବାରୁ , ଦୁର୍ଜ୍ଜନ ସକ୍ରିୟହୋଇ ନିଶାର ସାମ୍ରାଜ୍ୟ ବଢ଼ି ଚାଲିଛି । ମଦ ନିଶା ବଳୟରେ ସମାଜ ଭୁଷୁଡ଼ି ପଡ଼ିଲେଣି । ପରିବାର ଉଜୁଡି ଗଲେଣି । ପିଲାଏ ବାଟବଣା ହେଲେଣି ।ମନ୍ଦ ନିଶାର ପ୍ରଭାବରୁ ଆମ କୋମଳମତି ବିଦ୍ୟାର୍ଥୀ ତଥା ତରୁଣମାନଙ୍କୁ ରକ୍ଷାକରିବା ପାଇଁ ମିଳିମିଶି ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଖଣ୍ଡପଡା,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏନ ଏ ସି ଅନ୍ତର୍ଗତ ଦୁଇ ନମ୍ବର ଓ୍ୱାର୍ଡ ବାସିନ୍ଦା ହାରାମଣୀ ପ୍ରଧାନ (୭୨)ଶନିବାର ଦିନ ଭୁବନେଶ୍ୱର ସରକାରୀ ଡାକ୍ତରଖାନରେ ମୃତ୍ୟୁ ବରଣ କରିଛନ୍ତି। ସେ ଜଣେ ପରୋପକାରୀ ମିଷ୍ଟଭାସୀ ମହିଳା ଥିଲେ। ମୃତ୍ୟୁ ଖବରପାଇ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଡ଼କ୍ଟର ଉମେଶ ଚନ୍ଦ୍ର ପାଣିଗ୍ରାହି, ଖଣ୍ଡପଡା ବ୍ଲକ ଉପାଧ୍ୟକ ଶିଶିର କୁମାର ସାହୁ, ବରିଷ୍ଠ ସାମ୍ବାଦିକ ଦୀପକ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତ୍ୟରେ ଖଣ୍ଡପଡା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।ବରିଷ୍ଠ ସାମ୍ବାଦିକ ମନୋଜ ଦାସ ରାଜ କିଶୋର ସ୍ୱାଇଁ ରାମେଶ୍ୱର ସତପଥି ପ୍ରମୁଖ ଶୋକ ସନ୍ତପ୍ତଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆତ୍ମାର ସଦ୍ଗତି ନିମନ୍ତେ ଈଶ୍ୱର ଙ୍କ ନିକଟରେ ପାର୍ଥନା କରିଥିଲେ।ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତେଷ୍ଟିକ୍ରିୟା ସମ୍ପର୍ଣ୍ଣ କରାଯାଇଛି। ବଡ଼ ପୁଅ ସୂର୍ଯ୍ୟ ନାରାୟଣ ପ୍ରଧାନ ମୁଖାଗ୍ନୀ ଦେଇଥିଲେ ।

# କାଶ୍ମୀର ଘାଟିରେ ପ୍ରଶିକ୍ଷଣ ନେଉଛି ସିଆଇଏସଏଫ

ବାରଙ୍ଗ ,(ସବ୍ୟୁ) :ଭାରତୀୟ ସେନା ସହିତ ମିଶି ଯୁଦ୍ଧପାଇଁ ପ୍ରସ୍ତୁତ ନିମନ୍ତେ ଏକ ତାଲିମ ଆରମ୍ଭ କରିଛି ସିଆଇଏସଏଫ ।କାଶ୍ମୀର ଘାଟିରେ ପ୍ରଥମଥର ପାଇଁ ଉଚ୍ଚମାନର ଭାରତୀୟ ସେନା ସହିତ ମିଶି କାଶ୍ମୀର ଉପତ୍ୟକାରେ ସିଆଇଏସଏଫ ସ୍ୱତନ୍ତ୍ର ତାଲିମ ନେଉଛି।କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ଭାରତୀୟ ସେନା ସହିତ ମିଶି ତାଲିମ ଅଭ୍ୟାସ ଆରମ୍ଭ କରିଛି।ବଢୁଥିବା ସୁରକ୍ଷା ଚ୍ୟାଲେଞ୍ଜ ଓ ଏହାର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ସ୍ୱତନ୍ତ୍ର ଦୃଷ୍ଟିକୋଣ ପାଇଁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ସିଆଇଏସଏଫ ପାଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।ସିଆଇଏସ ଏଫ ଯବାନମାନଙ୍କ ପାଇଁ ଉଚ୍ଚ-ମୂଲ୍ୟ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ପ୍ରତିଷ୍ଠାନ ଯେପରିକି ବିମାନବନ୍ଦର, ପରମାଣୁ ପ୍ରତିଷ୍ଠାନ, ସରକାରୀ କୋଠା ଏବଂ ସଂସଦରେ ଘଟୁଥିବା ସଙ୍କଟର ତୁରନ୍ତ କାର୍ଯ୍ୟନୁଷ୍ଠାନରେ ସହାୟକ ହୋଇପାରିବ।ଏହାସହ ଡ୍ରୋନ ଅନୁପ୍ରବେଶ, ସମନ୍ୱିତ ଆତଙ୍କବାଦୀ ଆକ୍ରମଣ, ଆଭ୍ୟନ୍ତରୀଣ ଧମକ ଏବଂ ଅନ୍ତର୍ଘାତୀ କାର୍ଯ୍ୟ ଭଳି ଜଟିଳ ପରିସ୍ଥିତିକୁ ସଠିକତା ଏବଂ ଶାନ୍ତ ଭାବରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଛି।ଏହାସହ ରାତି ଅପରେସନ, ଜଙ୍ଗଲ ଯୁଦ୍ଧ, ଯୁଦ୍ଧ ରଣନୀତି ଉପରେ ଯବାନ ମାନେ ଅଭ୍ୟାସ ନେଉଥିବାର ସିଆଇଏସଏଫ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଶାଗୁଆନ କାଠ ସହିତ ଗାଡ଼ି ଜବତ

ଆଠଗଡ ,(ସବ୍ୟୁ): ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ରେଞ୍ଜ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ଟାଟା ଏସି ଗାଡ଼ି ସହିତ ଶାଗୁଆନ କାଠ ଜବତ କରା ଯାଇଛି। ବନବିଭାଗ କର୍ମଚାରୀ କୌଣସି ସୁତ୍ରରୁ ଖବର ପାଇ ଏକ ଟାଟା ଏସି ଗାଡ଼ିରେ ୧୬ ଖଣ୍ଡ ଶାଗୁଆନ କାଠ ଯାଉଥିବା ବେଳେ ଏହାକୁ ପିଛା କରିଥିଲେ। ଟାଟା ଏସି ଗାଡ଼ିଟି ଦୃତ ଗତିରେ ଯାଇ ଗୁରୁଡିଝାଟିଆ ଠାରେ ଗାଡ଼ିଟି ରଖି ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରୁ ଖସି ଯାଇଥିବା ବେଳେ ଟାଟା ଏସି ଗାଡ଼ି ଓଆର - ୦୫- ଏ,ଆର-୪୨୫୩ ରେ ବୋଝେଇ ହୋଇ ଥିବା ୧୬ ଖଣ୍ଡ ଶାଗୁଆନ କାଠ ଜବତ କରା ଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବିଭାଗୀୟ ସୁତ୍ରରୁ ଜଣାପଡିଛି। ଏହି ଚଢାଉ ରେ ଖୁଣ୍ଟୁଣୀ ଫରେଷ୍ଟର ରବି ନାଏକ,ବିଜୟ ମଙ୍ଗରାଜ ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ଦ୍ୱାରବତୀପୁର ମୃତ୍ୟୁ ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଆଠଗଡ଼ ,(ସବ୍ୟୁ): ଗତ ୮ ତାରିଖରେ ଖୁଣ୍ଟୁଣୀ ଥାନା ଅଧୀନରେ ଥିବା ମହାକାଳବସ୍ତ ପଞ୍ଚାୟତ ଦ୍ୱାରବତୀପୁର ଗ୍ରାମର କାହ୍ନୁଚରଣ ରାଉତଙ୍କୁ ବାଡେଇ ବାଡେଇ ଗାଡ଼ି ଆଗକୁ ଠେଲିଦେଇ ମାରିଦେବା ଘଟଣାରେ ଖୁଣ୍ଟୁଣୀ ପୋଲିସ ଆଉ ଜଣେ ଅଭିଯୁକ୍ତକୁ ବାଲେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ମହାକାଳବସ୍ତ ଗ୍ରାମର ବାସୁ ବେହେରାଙ୍କ ପୁଅ ଅଶୋକ ବେହେରା (୨୬) ।ସେବେଠାରୁ ଅଶୋକ ଫେରାର ଥିବା ବେଳେ ଆଜି ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୬ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ଆଗାମୀ ଦିନରେ ଫେରାର ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ



ନିରାକାରପୁର (ସବ୍ୟୁ) , ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର, ଖୋର୍ଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭି. କେ. ଗ୍ଲୋବାଲ, ନୂତନ ଦିଲ୍ଲୀ ଦ୍ୱାରା ପ୍ରକାଶିତ ଓ ଅଧ୍ୟାପକ ଜନ୍ମେଜୟ ଚୌଧୁରୀଙ୍କ ଦ୍ୱାରା ରଚିତ ଜାତୀୟ ଶିକ୍ଷାନୀତି ଏନଇପି ଅନୁସାରେ ଯୁକ୍ତ ୩ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ଭାରତ ଇତିହାସ ୩ (ଖ୍ରୀ. ପୂ. ୭୫୦ ରୁ ୧୨୦୬) ପୁସ୍ତକଟି ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ କରକମଳରେ ଲୋକାର୍ପିତ ହୋଇଅଛି । ଏହି ଅବସରରେ ପ୍ରକାଶକ ଅଧିକାରୀ ସୁଦର୍ଶନ ବେହେରା, ଲେଖକ ଡଃ. ଜନ୍ମେଜୟ ଚୌଧୁରୀ , ଉପାଧ୍ୟକ୍ଷା ଶ୍ରୀମତୀ ସଚଳା ସାମନ୍ତରାୟ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ଡଃ. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡଃ. ସୁମନ୍ତ ଦେହେରୀ, ଅଧ୍ୟାପକ ମନ ସତନାମୀ ସମେତ ଅନେକ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଏହି ଉପାଦେୟ ପୁସ୍ତକଟି ପ୍ରତି ମହାବିଦ୍ୟାଳୟରେ ଗ୍ରହଣୀୟ ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ମହିଳା ଓ ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା



କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଦିନ ସମସ୍ତ ୨୮୫ ଅଙ୍ଗନବାଡି କେନ୍ଦ୍ରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଚଛି।।ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା, ବେଟୀ ବଚାଓ ବେଟୀ ପଢାଓର ଆହ୍ୱାନ ଦେଇ ଏହି ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା। ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପାଣ୍ଡିଆକେରା ଅଙ୍ଗନୱାଡ଼ିରୁ ଶୁଭ ଉଦ୍ଘାଟନ ହୋଇଥିଲା । ସମାଜରେ ଝିଅ ଓ ପୁଅ ଉଭୟଙ୍କର ଅବଦାନ ରହିଛି।ଝିଅକୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପାଠ ପଢାଇଲେ ସେ ମଧ୍ୟ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭା ହେବେ।ତେଣୁ ପ୍ରତ୍ୟେକ ବ୍ୟକ୍ତିବିଶେଷ ଝିଅ ମାନଙ୍କ ସୁରକ୍ଷା ଲକ୍ଷ୍ୟରେ ସଚେତନ କରାଇବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ ବୋଲି ଶ୍ରୀମତୀ ମହାନ୍ତି ସୂଚନା ଦେଇଥିଲେ।ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧,ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମରଜେନ୍ସି ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା।ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

# କାର୍ଗିଲ ବିଜୟ ଦିବସ ପାଳିତ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବିଜେପି ପକ୍ଷରୁ ୨୬ ତମ କାର୍ଗିଲ ଦିବସ ପାଳିତ ହୋଇଯାଇଛି । ଏହି ଯୁଦ୍ଧ ରେ ପ୍ରାଣବଳି ଦେଇ ସହିଦ ହୋଇଥିବା ବିର ଯବାନ ଙ୍କ ଉଦ୍ଦେଶ୍ୟରେ , ବିଜେପି ନେତା ରାଘବ ମଲ୍ଲିକ ଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ସ୍ଥାନୀୟ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ଙ୍କ ନିକଟ ରେ ଦୀପଦାନ କରିବା ସହ ସହିଦ ବୀର ଯବାନ ଙ୍କ ସ୍ମୃତି ଚାରଣ କରିଥିଲେ । ସୂଚନା ଯୋଗ୍ୟଯେ, ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ପାକିସ୍ଥାନ ସେନା ମାନେ କାର୍ଗିଲ କୁ ଅକ୍ତିଆର କରିବାକୁ ଉଦ୍ୟମ କରୁଥିବା ବେଳେ ଭାରତ ର ବୀର ଯବାନ ମାନେ ଏହାର ଦୃଢ ଜବାବ ଦେଇ ବିଜୟ ଲାଭ କରିଥଲେ । ସହିଦ ବିର ଯବାନ ଙ୍କ ଅଦ୍ୟମ ସାହସ ଓ ବଳିଦାନ କୁ ସ୍ମରଣ କରିବାକୁ ଯାଇ ପ୍ରତ୍ୟକ ବର୍ଷ ଜୁଲାଇ ୨୬ ତାରିଖ କୁ କାର୍ଗିଲ ବିଜୟ ଦିବସ ଭାବେ ଆମ ଦେଶ ରେ ପାଳନ କରାଯାଇଥାଏ ।

# ଟିପିସିଓଡିଏଲ ପକ୍ଷରୁ ପିପିଲି-ଡେଲାଙ୍ଗ ଅଞ୍ଚଳରେ ବିଦ୍ୟୁତ ନେଟୱର୍କର ସୁଦୃଢ଼ୀକରଣ ଭିତ୍ତିଭୂମି ଉଦ୍‌ଘାଟିତ



ଡେ଼ଲାଙ୍ଗ,(ସବ୍ୟୁ): ପିପିଲି-ଡେଲାଙ୍ଗ ଅଂଚଳରେ ବିଦ୍ୟୁ ଯୋଗାଣରେ ଉନ୍ନତି ଆଣିବା ଦିଗରେ ଟିପି ସେଣ୍ଟ୍ରାଲ ଓ ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ପକ୍ଷରୁ ଓଡିଏସଏସ୍ପି ଫେଜ-୪ ଅଭିଯାନ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡିଏସଏସ୍ପି ଫେଜ-୪ ହେଉଛି ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ଏକ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ଓ ଗ୍ରାମାଚଂଳରେ ବିଦ୍ୟୁ ବଣ୍ଟନ ର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉନ୍ନତି ଆଣିବା ।ଟିପିସିଓଡିଏଲ ପକ୍ଷରୁ ଦୁଇଟି ୩୩ କେଭି ଫିଡର୍ ଲାଇନ୍କୁ କାର୍ଯ୍ୟକ୍ଷମ କରାଯାଇଛି । ଏହାକୁ ପିପିଲି-ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଯଥାକ୍ରମେ ୬.୬ କୋଟି ଟଙ୍କା ଓ ୬.୧୩୫ କୋଟି ଟଙ୍କାର ନିବେଶ ସହିତ ଏହି ନୂଆ ଲାଇନ ସାତଶଙ୍ଖ ଗ୍ରିଡ ସବ୍‌ଷ୍ଟେସନ (ଜିଏସଏସ)କୁ କୁମାରେଶ୍ୱର ପ୍ରାଥମିକ ସବ୍‌ଷ୍ଟେସନ (ପିଏସଏସ) ଓ ପଟ୍ଟନାୟକ ଛକ ସହ ଯୋ । ସମୁଦାୟ ୧୦.୨ ସିକେଏମ ଫିଡର୍ ଲମ୍ବ ସହିତ ଭିତ୍ତିଭୂମିରେ ଏହି ଉନ୍ନତି ଏହି ଅଂଚଳରେ ବିଦ୍ୟୁ ଯୋଗାଣର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ।ଏହି ଉନ୍ନତ ନେଟୱର୍କ ଦ୍ୱାରା ସାକ୍ଷୀଗୋପାଳର ପ୍ରାୟ ୧୪,୦୦୦ ଗ୍ରାହକ ଏବଂ ସାତଶଙ୍ଖର ୧୨,୦୦୦ ଗ୍ରାହକ ଉପକୃତ ହେବା ଆଶା କରାଯାଉଛି । ଏହା ଏହି ଅଂଚଳର ଦୀର୍ଘଦୀନର ଭୋଲଟେଜ ସମସ୍ୟା ଏବଂ ନିୟମିତ ବ୍ୟବଧାନରେ ହେଉଥିବା ବିଦ୍ୟୁ ବିଭ୍ରାଟ ସମସ୍ୟାର ସମାଧାନ କରିବା ସହ ଭବିଷ୍ୟତର ଲୋଡ ବୃଦ୍ଧିର ମୁକାବିଲାରେ ସହାୟକ ହେବ ।ଉଦ୍ଘାଟନୀ ସମାରୋହରେ ବିଧାୟକ ଆଶ୍ରିତ ପଟ୍ଟାନୟକ ଏହି ଅଭିଯାନକୁ ପ୍ରଶଂସା କରି କହିଛନ୍ତି ଯେ, ଏହି ପ୍ରକଳ୍ପ ପିପିଲି, ସାକ୍ଷୀଗୋପାଳ ଓ ସାତଶଙ୍ଖର ଲୋକମାନଙ୍କୁ ଭରସାଯୋଗ୍ୟ ଓ ଦୃଢ଼ ବିଦ୍ୟୁ ଭିତ୍ତିଭୂମି ପ୍ରଦାନ କରିବା ପାଇଁ ସରକାର ଏବଂ ଟିପିସିଓଡିଏଲ୍ର ପ୍ରତିବଦ୍ଧତାକୁ ଦୋହରାଉଛି ।''ଏହି ନିବେଶ ଓ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଆଧୁନିକରଣ କରିବା ଏବଂ ଲାଇସେନ୍ସପ୍ରାପ୍ତ ଅଂଚଳରେ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବା ପାଇଁ ରହିଥିବା ବ୍ୟାପକ ମିଶନର ଅଂଶ ବୋଲି ଟିପିସିଓଡିଏଲ ଅଧିକାରୀମାନେ ଆଲୋକପାତ କରିଥିଲେ।

# ଉଡେନ ରେଷ୍ଟୁରାଣ୍ଟ ଘରୋଇକରଣ ଟେଣ୍ଡରକୁ ଜନଅସନ୍ତୋଷ

କୋଣାର୍କ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୩ କିମି ଦୂରରେ ଅବସ୍ଥିତ ଚନ୍ଦ୍ରଭାଗା ଠାରେ ଥିବା ଉଡେନ ରେଷ୍ଟୁରାଣ୍ଟ ଭିତ୍ତିଭୂମି ବିକାଶ ଓ ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବା ବେଳେ ଗତ ସାମୁଦ୍ରିକ ଝଡ ଫନିରେ ଧ୍ୱଂସ ବିଧ୍ୱସ୍ତ ରେଷ୍ଟୁରାଣ୍ଟକୁ ଘରୋଇକରଣ କରିବା ପାଇଁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବା ଘଟଣାକୁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ, ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବିଭାଗୀୟ ଦିଶାହୀନ ନୀତିକୁ ନାପସନ୍ଦ କରାଯାଇଛି ।ଖବରରୁ ପ୍ରକାଶ ଯେ ଗତ ୨୦୧୮ ମସିହାରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଫନିରେ ଚନ୍ଦ୍ରଭାଗା ଠାରେ ଥିବା ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଉଡେନ ରେଷ୍ଟୁରାଣ୍ଟ ଟି ଧ୍ୱଂସ ବିଧ୍ୱସ୍ତ ହୋଇଥିଲା। ଫନି ମହାବାତ୍ୟା ହେବାର ୭ବର୍ଷ ବିତିଯାଇଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଲାଭଦାୟକ ଉଡେନ ରେଷ୍ଟୁରାଣ୍ଟ ଭିତ୍ତିଭୂମି ବିକାଶ ଓ ପୁନରୁଦ୍ଧାର କାର୍ଯ୍ୟ କରି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଧାରାବାହିକ ଭାବେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବର ପ୍ରସାରଣ ହେବା ପରେ ଏହାର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବର୍ତ୍ତମାନର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ମାନସୀ ନିମ୍ଭାଲ କୋଣାର୍କ ଗସ୍ତରେ ଆସି ଫନିରେ ଧ୍ୱଂସ ବିଧ୍ୱସ୍ତ ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟ ପରିଦର୍ଶନ କରିବା ସହ ରେଷ୍ଟୁରାଣ୍ଟର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏଷ୍ଟିମେଣ୍ଟ ପ୍ରସ୍ତୁତ କରିବା ପାଇଁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ସହକାରୀ ଯନ୍ତ୍ରୀ ଓ ଏଷ୍ଟିମେଣ୍ଟର ପ୍ରମୁଖଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଉଡେନ ରେଷ୍ଟୁରାଣ୍ଟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ୫କୋଟି ଟଙ୍କାର ଆର୍ଥିକ ଅନୁଦାନ ମଂଜର ପାଇଁ ଏଷ୍ଟିମେଣ୍ଟ ପ୍ରସ୍ତୁତ କରାଯାଇଥିଲା ।ମାତ୍ର ଏହି ରେଷ୍ଟୁରାଣ୍ଟର ଭିତ୍ତିଭୂମି ବିକାଶ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ପର୍ଯ୍ୟଟକ ବିଭାଗ ନିର୍ଦ୍ଦେଶ କ୍ରମେ ଉଜୁଡି ଯାଇଥିବା ଉଡେନ ରେଷ୍ଟୁରାଣ୍ଟକୁ ଘରୋଇକରଣ କରିବା ପାଇଁ ପର୍ଯ୍ୟଟନ ଉନ୍ନୟନ ନିଗମ ଅଫିସ ଚିଠି ନଂ-୪୪୯୪ ତା ୫-୦୭-୨୫ ଅନୁଯାୟୀ ଟେଣ୍ଡର ଆହ୍ୱାନ କରିବା ପାଇଁ ବିଜ୍ଞାପନ ପ୍ରକାଶ କରିଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟା ନିମନ୍ତେ ପେପର ବିକ୍ରିର ଶେଷ ତାରିଖ ଜୁଲାଇ ୧୪ ତାରିଖ ଥିଲା ବେଳେ ଟେଣ୍ଡର ପ୍ରକ୍ରିୟା ଖୋଲା ଯିବାର ଜୁଲାଇ ୩୦ ତାରିଖ ରହିଥିବା ଜଣାପଡ଼ିଛି। ଉଡେନ ରେଷ୍ଟୁରାଣ୍ଟର ଭିତ୍ତିଭୂମିକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରା ନ ଯାଇ କେଉଁ ନିୟମ ଅଧାରରେ ଧ୍ୱଂସ ବିଧ୍ୱସ୍ତ ରେଷ୍ଟୁରାଣ୍ଟକୁ ଘରୋଇକରଣ କରିବା ପାଇଁ ବିଜ୍ଞାପନ ପ୍ରକାଶ କରିବା ଘଟଣାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ପର୍ଯ୍ୟଟନ ପ୍ରେମୀ, ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ନାପସନ୍ଦ କରାଯାଇଛି ।

ଅପରାହ୍ନ ସମୟ

# ଜାତିର ମହାନାୟକ କର୍ମବୀର ଗୌରୀଶଙ୍କର



ଡ. ବିଜୟ କୁମାର ରାଉତ


ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜନ୍ମଲାଭ କରି ଯେଉଁ କେତେଜଣ ବରେଣ୍ୟ ସାଧକ ଓଡ଼ିଆ ଜନଜୀବନକୁ ସଂଜୀବିତ କରି ରଖିଥିଲେ, ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ । ସେ ଥିଲେ ଓଡ଼ିଆ ଭାଷା ସୁରକ୍ଷା, ଓଡ଼ିଆ ଭାଷା ଆନ୍ଦୋଳନ ଓ ନବଜାଗରଣର ମହାନାୟକ । ସେ ଏ ଜାତିର ଚିରନମସ୍ୟ । ଓଡ଼ିଆ ଜାତିକୁ ରକ୍ଷା କରି ପ୍ରଗତି ପଥରେ ଆଗେଇ ନେବାରେ ସେ ଯେଉଁ ମହାନ୍ ତ୍ୟାଗ ଓ ଦାନ କରି ଯାଇଛନ୍ତି, ତାହା କେବେ ଏ ଜାତି ଭୁଲି ପାରିବ ନାହିଁ । ସେହି ମହାନ୍ ଯୋଗଜନ୍ମା ସାଧକ, ଅନ୍ତଃହୀନ ତ୍ୟାଗ, ଓଡ଼ିଆ ଜାତିର ପ୍ରାଣ କର୍ମବୀର ଗୌରୀଶଙ୍କର ରାୟଙ୍କ ଜନ୍ମ କଟକ ଜିଲ୍ଲାର ଅସୁରେଶ୍ୱର ପ୍ରଗଣାସ୍ଥ ସଂସ୍କୃତି ସଂପନ୍ନ ମାଟି ଦୀକ୍ଷିତପଡ଼ାରେ ୧୮୩୮ ମସିହା ଜୁଲାଇ ୧୩ ତାରିଖ ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହୋଇଥିଲା । ତାଙ୍କ ମୂଳ ବାସସ୍ଥାନ ଥିଲା ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଚମ୍ପାପୁର । ତାଙ୍କ ମୂଳ କୌଳିକ ସାଙ୍ଗିଆ ଥିଲା ବୋଷ । ସମୟକ୍ରମେ ବୋଷରୁ ରାୟ ଉପାଧିରେ ଭୂଷିତ ହୋଇଥିଲେ । ଠାଏ କୁହାଯାଇଛି ଷୋଡ଼ଶ ଶତାବ୍ଦୀରେ ତାଙ୍କ ବଂଶଧର ବଙ୍ଗଳାରୁ ଓଡ଼ିଶାକୁ ଆସିଥିଲେ । ମୋଗଲ ସମ୍ରାଟ ହୁ୍ୟମାୟୁନ ଓ ଶେରଶାରିଙ୍କ ମଧ୍ୟରେ ଯେଉଁ ସଂଘର୍ଷ ଲାଗିଥିଲା ତାହାର ପ୍ରଭାବ ବର୍ଦ୍ଧମାନର ଜନଜୀବନକୁ ବିପର୍ଯ୍ୟସ୍ତ କରି ପକାଇଥିଲା । ସେଠାକାର ଜନସାଧାରଣ ନିଜକୁ ଆଦୌ ନିରାପଦ ମନେ କରୁନଥିଲେ । ତେଣୁ ଅନେକ ନିଜ ଭିଟାମାଟି ଛାଡ଼ି ଅନ୍ୟ ଅଞ୍ଚଳକୁ ଚାଲି ଯାଉଥିଲେ । ସେହି ସମୟରେ ଏହି ରାୟ ପରିବାର ବିପଦ ଆଶଙ୍କାରେ ନିଜର ନିରାପତ୍ତା ପାଇଁ ଚମ୍ପାପୁର ଛାଡ଼ି ଓଡ଼ିଶାକୁ ଚାଲି ଆସିଥିଲେ । ଗୌରୀଶଙ୍କରଙ୍କ ପିତାଙ୍କ ନାମ ସଦାଶିବ ରାୟ ଏବଂ ମାତାଙ୍କ ନାମ ଅନ୍ନପୂର୍ଣ୍ଣା ଦେବୀ । ସଦାଶିବ ରାୟଙ୍କର ଚାରୋଟି ପୁତ୍ର ସନ୍ତାନ ଥିଲେ । ଗୌରୀଶଙ୍କର ରାୟ, ଗଂଗାଶଙ୍କର ରାୟ, ହରିଶଙ୍କର ରାୟ ଏବଂ ରାମଶଙ୍କର ରାୟ । ବଡ଼ପୁଅ ଗୌରୀଶଙ୍କର ଏବଂ କନିଷ୍ଠ ପୁତ୍ର ରାମଶଙ୍କର ବହୁଦିନ ଧରି ରହି ଉତ୍କଳ ମାଟିର ଶିକ୍ଷା, ସାହିତ୍ୟ, ସଂସ୍କୃତି, ସମାଜସେବା, ସମାଜ ସଂସ୍କାର ତଥା ସାମ୍ବାଦିକତା ଦିଗରେ ନିୟୋଜିତ ହୋଇ ନିଜ ନିଜର ବ୍ୟକ୍ତିତ୍ୱର ପରାକାଷ୍ଠାକୁ ପ୍ରମାଣ କରିଯାଇଛନ୍ତି ।

ଗୌରୀଶଙ୍କର ଚାଟଶାଳୀରୁ ଅକ୍ଷର ଶିକ୍ଷା, ଓଡ଼ାଙ୍କ ପଳାଂକ ଯୁକ୍ତାକ୍ଷର ଶ୍ଳୋକ, ସ୍ତବ, ଛାନ୍ଦ ଆଦି ଶିକ୍ଷା ଲାଭ କରି ଉପେନ୍ଦ୍ରଭଞ୍ଜ, ଭକ୍ତଚରଣ ଆଦି ରୀତିଯୁଗୀୟ କାବ୍ୟ କବିତାକୁ ପାଠ କରି ଯଥେଷ୍ଟ ଜ୍ଞାନ ଅର୍ଜନ କରିଥିଲେ । ଗ୍ରାମ୍ୟ ଚାଟଶାଳୀରୁ ପାଠ ଶେଷ କରି କଟକ ସହରକୁ ଆସି ବାପଟିଷ୍ଟ ମିସ୍‌ନାରୀ ସୋସାଇଟ ଦ୍ୱାରା ପ୍ରତିଷ୍ଠିତ କଟକ ଇଂରାଜୀ ସ୍କୁଲ (୧୮୪୧)ରେ ଶିକ୍ଷା ଲାଭ କଲେ । ଆଠବର୍ଷ ଶିକ୍ଷା ଲାଭ କରି କୃତିତ୍ୱର ସହ ଆଇ.ଏ. ପାସ୍ କଲେ । ଜୁନିଅର ବୃତ୍ତି ପାଇ ସେ ଉଚ୍ଚଶିକ୍ଷା ନିମିତ୍ତ କଲିକତାର ହୁଗୁଳି ମହାବିଦ୍ୟାଳୟକୁ ଗଲେ । ସେଠାରେ ସେ ଗୋଟିଏ ବର୍ଷ ପାଠ ପଢ଼ି ପିତାଙ୍କ ନିର୍ଦ୍ଦେଶରେ ୧୮୫୮ ମସିହାରେ ସ୍ୱଦେଶକୁ ଫେରି ନିଜର ପିତୃବ୍ୟ ଭବାନୀ ପ୍ରସାଦ ରାୟଙ୍କ ସହାୟତାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅଳ୍ପଦିନ ଶିକ୍ଷକତା କରି କଟକ କଲେକ୍ଟରଙ୍କ କଚେରୀରେ କିରାଣୀ ଚାକିରିରେ ଯୋଗ ଦେଲେ । ପରେ କିଛିଦିନ ସେ ଅନୁବାଦକ ବା ଟ୍ରାନ୍‌ସଲେଟର ଭାବେ କାର୍ଯ୍ୟ କରି ନିଜ ପଦବୀରୁ ଇସ୍ତଫା ଦେଲେ । ସେ ଚାକିରି କରୁଥିବା ସମୟରେ ମଧ୍ୟ ସ୍ୱାଧୀନଚେତା, ସ୍ୱାଭିମାନ, ସତ୍ୟ ଏବଂ ନ୍ୟାୟ ପଥରେ ଚାଲୁଥିଲେ । ଗୌରୀଶଙ୍କର ସ୍ୱାଧୀନଚେତା ହୋଇଥିବାରୁ ସରକାରଙ୍କ ଅଧିନରେ ଚାକିରି କରିବାପାଇଁ ତାଙ୍କ ମନ ବଳିଲା ନାହିଁ ।

ଗୌରୀଶଙ୍କର ଜଣେ ବଙ୍ଗୀୟ କାୟସ୍ଥ ହୋଇଥିଲେ ମଧ ସେ ମାତୃଭୂମି ଉତ୍କଳର ଉନ୍ନତି ପାଇଁ ଉଦ୍ୟମ କରିଛନ୍ତି । ସେ ସମୟରେ ଖ୍ରୀଷ୍ଟିୟାନମାନଙ୍କର ଧର୍ମ ପୁସ୍ତକ ଓ ପାଠ୍ୟ ପୁସ୍ତକ ମିସ୍‌ନାରୀମାନଙ୍କ ଦ୍ୱାରା ସ୍ଥାପିତ ଛାପାଖାନାରେ ପ୍ରକାଶ ପାଉଥିଲା । କିନ୍ତୁ ଓଡ଼ିଆ ଭାଷାରେ କାବ୍ୟ, କବିତା ଆଦି ପ୍ରକାଶ ନ ହେବାରୁ ଗୌରୀଶଙ୍କର ଅସହ୍ୟ ହୋଇ ପଡୁଥିଲେ । ବିଶେଷ କରି ଓଡ଼ିଆ ଭାଷା ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ ପାଇଁ ପ୍ରସ୍ତାବ ଦେବା ସହ ନିଜେ ଆନ୍ଦୋଳନର ନେତୃତ୍ୱ ନେଲେ । ୧୮୭୩ ବେଳକୁ ସ୍କୁଲମାନଙ୍କରେ ଓଡ଼ିଆ ଭାଷାରେ ପାଠପଢ଼ା ହେଲା । ଏହାକୁ ସହଜରେ ଗ୍ରହଣ କରି ପାରୁନଥିଲେ ବଙ୍ଗଳାର ପ୍ରମୁଖ କତିପୟ ବ୍ୟକ୍ତି । ସେମାନଙ୍କର ମତ ଥିଲା ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବାକୁ ପଡ଼ିବ । ଏହି ସମୟରେ ବଙ୍ଗୀୟ ପଣ୍ଡିତ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟେ ପୁସ୍ତକଟି ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନକୁ ଅଧିକ ତେଜିଆନ କଲା । ଓଡ଼ିଆ ଭାଷା ସୁରକ୍ଷା ଓ ପ୍ରସାର ନିମନ୍ତେ ସେ କଟକର ଦରଘାବଜାର ଠାରେ କଟକ ପ୍ରିଣ୍ଟିଂ କମ୍ପାନୀ ନାମରେ ଏକ ଛାପାଖାନା ପକାଇଲେ । ଏହି ଛାପାଖାନାରେ ବହୁ ପ୍ରାଚୀନ କାବ୍ୟ, କବିତା, ଧର୍ମପୁସ୍ତକ ଆଦି ଓଡ଼ିଆ ଭାଷାରେ ଛାପା ହେଲା । ପ୍ରତ୍ୟେକ ସ୍କୁଲରେ ମାତୃଭାଷାରେ ସିଲାବସ ରଖାଯାଇ ପିଲାମାନଙ୍କ ପାଇଁ ପାଠ୍ୟଦାନର ବ୍ୟବସ୍ଥା ରହିଲା । କଟକ ପ୍ରିଣ୍ଟିଂ କମ୍ପାନୀ ଥିଲା ସେ ସମୟରେ ଓଡ଼ିଶାରେ ପ୍ରଥମ ମୁଦ୍ରଣାଳୟ ।

ଗୌରୀଶଙ୍କର ଥିଲେ ଓଡ଼ିଆ ସାମ୍ବାଦିକତାର ଜନକ । ଓଡ଼ିଶାରେ ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା (୧୮୬୬)ର ସେ ଥିଲେ ପ୍ରତିଷ୍ଠାତା, ପରିଚାଳନା ସଂପାଦକ । 'କଟକ ପ୍ରିଣ୍ଟିଂ କମ୍ପାନୀ' ପ୍ରତିଷ୍ଠା ଦ୍ୱାରା 'ଉତ୍କଳ ଦୀପିକା' ପ୍ରକାଶ ପାଇଲା । ଉତ୍କଳ ଦୀପିକା ପ୍ରକାଶ ହେବା ଦ୍ୱାରା ସେ ସମୟରେ ଓଡ଼ିଆ ଭାଷା ବିରୁଦ୍ଧରେ ଆନ୍ଦୋଳନକୁ ତେଜୁଥିବା ମୁଖାପିନ୍ଧା ବଙ୍ଗାଳୀ କୁଚକ୍ରୀ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ପ୍ରକାଶ ପାଇବା ସହ ସରକାରଙ୍କ ନିକଟରେ ଜନସାଧାରଣଙ୍କ ଅର୍ଥନୈତିକ ସଂକଟ ଦାବି ଓ ଅଧିକାରକୁ ଉପସ୍ଥାପନା କରିବା ଥିଲା ଉତ୍କଳ ଦୀପିକାର ପ୍ରଧାନ ଲକ୍ଷ୍ୟ ।

ଉତ୍କଳ ମାଟିର ଆଉ ଜଣେ ସଂଗ୍ରାମୀ, ନବଜାଗରଣର ସୂତ୍ରଧର, ଓଡ଼ିଆ ଭାଷା ଆନ୍ଦୋଳନର ମହାନ ସ୍ରଷ୍ଟା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । କର୍ମବୀର ଗୌରୀଶଙ୍କର ରାୟ ଓ ଉତ୍କଳ ଗୌରବ ମଧୁସୂଦନ ଥିଲେ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ । ଦେଶ, ଜାତିର ମଙ୍ଗଳ ତଥା ଜନକଲ୍ୟାଣ ସାଧନ ପାଇଁ ଗୌରୀଶଙ୍କରଙ୍କ ସହକର୍ମୀ ଭାବେ କାର୍ଯ୍ୟ କରିଥିଲେ ମଧୁବାବୁ । ସେ କେବେ ଗୌରୀଶଙ୍କରଙ୍କୁ ହତାଦର କରିନାହାଁନ୍ତି ବରଂ ଗୁରୁଙ୍କ ଉପଦେଶ ପରି ଜୀବନସାରା ମଧୁବାବୁ ସମ୍ମାନ ଦେଇଛନ୍ତି । କର୍ମବୀରଙ୍କ ସମ୍ପର୍କରେ ମଧୁବାବୁ ଠାଏ ଲେଖିଛନ୍ତି –'ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି ନିର୍ଭୀକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବି ।'



ଗୌରୀଶଙ୍କର ଓ ମଧୁବାବୁଙ୍କ ମିଳିତ ନେତୃତ୍ୱରେ ଓଡ଼ିଶାରେ ସାମାଜିକ, ଅର୍ଥନୈତିକ ଓ ଶିକ୍ଷାର ଅଭିବୃଦ୍ଧି ଘଟିଥିଲା । ଓଡ଼ିଶାରେ ଉଚ୍ଚଶିକ୍ଷାର ଆବଶ୍ୟକତାକୁ ମନେ କରି ଗୌରୀଶଙ୍କର ରାଜାମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସାହାଯ୍ୟ ସହଯୋଗ ତଥା ନିଜ ଦାୟିତ୍ୱରେ କଟକରେ ରାଜକୁମାର କଲେଜ ନାମରେ ଏକ କଲେଜ ସ୍ଥାପନ କଲେ । ଏହା ଇଂରେଜମାନଙ୍କ ରୋଷର କାରଣ ହେତୁ କଲେଜ ବନ୍ଦ ହୋଇଗଲା । ଗୌରୀଶଙ୍କର ନିର୍ଭୀକ ଭାବେ ଇଂରେଜ ସରକାରଙ୍କ ଏଭଳି ଅସହଯୋଗ ତଥା ହୀନମନ୍ୟତାର କଟୁ ସମାଲୋଚନା ଉତ୍କଳ ଦୀପିକାରେ ପ୍ରକାଶ କରିଥିଲେ । ଫକୀରମୋହନଙ୍କ ଭାଷାରେ–

*'ହେ ଗୌରୀଶଙ୍କର ଧନ୍ୟ ତୁମ୍ଭର ସାହସ*
*ଦୀପିକା ଲେଖୁଛ ବସି ତିରିଶ ବରଷ*
*ନ ମାନି ବିପଦ ବାଧା ନ ଚାହିଁ ଦେହକୁ*
*ମନ ପ୍ରାଣ ସମରପି ପାଳିଛ ବ୍ରତକୁ ।'*

କର୍ମବୀର ଗୌରୀଶଙ୍କର ୧୮୮୨ରେ ଉତ୍କଳ ସଭା ପ୍ରତିଷ୍ଠା କରି ଓଡ଼ିଶାର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଉତ୍କଳସଭା ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଓଡ଼ିଆ ଭାବରେ ପ୍ରତିନିଧିତ୍ୱ କରି ଓଡ଼ିଶାର ମାନ ରଖିଥିଲେ । ଓଡ଼ିଶାର ପ୍ରାଚୀନ ସହର କଟକଠାରେ ଏକ କଲେଜ ପ୍ରତିଷ୍ଠା ପାଇଁ ଗୌରୀଶଙ୍କର ନିଜ ଉଦ୍ୟମରୁ କେବେ ଓହରି ନଥିଲେ । ସେ ବିଶେଷ ସୂତ୍ରରୁ ଜାଣିବାକୁ ପାଇଲେ ବଙ୍ଗୀୟମାନେ ବିଶ୍ୱବିଦ୍ୟାଳୟରେ ୩୦ ହଜାର ଦାଖଲ କରି କଲେଜକୁ ସ୍ଥାୟୀ କରେଇ ନେଉଛନ୍ତି । ଗୌରୀଶଙ୍କର କୌଣସି ଉପାୟରେ ୩୦ ହଜାର ଟଙ୍କା ସଂଗ୍ରହ କରି ବଙ୍ଗଳା ବିଶ୍ୱବିଦ୍ୟାଳୟରେ ଦାଖଲ କଲେ । ସେ ସମୟରେ କମିଶନର ଥାନ୍ତି ଟି.ରେଭେନ୍‌ସା ସାହେବ । **ଓଡ଼ିଶାରେ ଶିକ୍ଷାର ପ୍ରସାର ନିମନ୍ତେ କଟକ ସହରରେ ଏକ ମହାବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ଦେଲେ । ମହାବିଦ୍ୟାଳୟର ନାମ ରହିଲା କଟକ କଲେଜ । ପରେ କଲେଜର ନାମ ପରିବର୍ତ୍ତନ ହୋଇ ରେଭେନ୍‌ସା କଲେଜ ନାମ ରହିଲା । ଆଜି ରେଭେନ୍‌ସା କଲେଜ ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମରେ ନାମିତ ।** ଏହାହିଁ କେବଳ କର୍ମବୀର ଗୌରୀଶଙ୍କରଙ୍କ ନିଷ୍ଠା, ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ସମ୍ଭବ ହୋଇଥିଲା ।

ନାରୀ ଶିକ୍ଷା, ସମାଜ ସେବା, ସାମ୍ବାଦିକତା ତଥା ଓଡ଼ିଶାରେ ସମବାୟ ଆନ୍ଦୋଳନ ପ୍ରଭୃତି କ୍ଷେତ୍ରରେ କର୍ମବୀର ଗୌରୀଶଙ୍କରଙ୍କର ଅବଦାନ ଚିରସ୍ମରଣୀୟ ।

**ସଭାସମିତି ପାଇଁ ୧୯୦୯ ମସିହାରେ ନିଜସ୍ୱ ପାଣ୍ଠିରେ ୧୧ ହଜାର ଟଙ୍କା ପ୍ରଦାନ କରି ସେ ପ୍ରତିଷ୍ଠା କଲେ କଟକ ଟାଉନ ହଲ । ଗାଁ ଗହଳିରୁ ଆସୁଥିବା ଗରିବ ସାଧାରଣ ଛାତ୍ରଛାତ୍ରୀଙ୍କ ପାଇଁ କଟକ କାଠଗଡ଼ା ସାହିରେ 'କାୟସ୍ଥ ବୋର୍ଡ଼ିଂ' ନାମରେ ଏକ ଛାତ୍ରାବାସ ସ୍ଥାପନ କରିଥିଲେ ।** ଏହାର ନିର୍ମାଣ ଏବଂ ବୃତ୍ତି ପ୍ରଦାନ ନିମନ୍ତେ ସେ ସମୟରେ ୧୪ ହଜାର ଟଙ୍କା ବ୍ୟୟ କରିଥିଲେ । ପରେ ପୁଣ୍ୟାତ୍ମା ପ୍ୟାରୀମୋହନଙ୍କ ଉଦ୍ୟମ କ୍ରମେ କଟକ ସହରରେ ପ୍ରତିଷ୍ଠା ହୋଇଥିବା ଶିକ୍ଷାନୁଷ୍ଠାନ ପ୍ୟାରୀମୋହନ ଏକାଡ଼େମୀ ଠାରେ ଏକ ଛାତ୍ରାବାସ ସ୍ଥାପନ କରିଥିଲେ । ଯାହାକି ପରବର୍ତ୍ତୀ ସମୟରେ ଏହା ଗୌରୀଶଙ୍କର ଛାତ୍ରାବାସ ନାମରେ ନାମିତ ହୋଇଥିଲା । ଗୌରୀଶଙ୍କରଙ୍କ ଜନ୍ମମାଟି ଅସୁରେଶ୍ୱର ଦୀକ୍ଷିତପଡ଼ା, କିନ୍ତୁ ତାଙ୍କ କର୍ମମୟ ଜୀବନ ଥିଲା କଟକ ସହର । ସେ କେବେ ନିଜ ଜନ୍ମ ମାଟିକୁ ଭୁଲି ନଥିଲେ । ୧୯୧୩ ମସିହାରେ ସେ ଅସୁରେଶ୍ୱର ଠାରେ ଏକ ଦାତବ୍ୟ ଚିକିତ୍ସାଳୟ ଏବଂ ଦୀକ୍ଷିତପଡ଼ାଠାରେ ନାରୀ ଶିକ୍ଷାର ପ୍ରସାର ପାଇଁ ଏକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ।

ଓଡ଼ିଆ ଜାତିର ଚିରନମସ୍ୟ, ମହାନ ଆତ୍ମା ଗୌରୀଶଙ୍କରଙ୍କ ଦେହାନ୍ତ ହୁଏ ୧୯୧୭ ମସିହା ମାର୍ଚ୍ଚ ୭ ତାରିଖ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ, ମାତ୍ର ୭୯ ବର୍ଷ ବୟସରେ କଟକ ଦରଘା ବଜାରସ୍ଥିତ କଟକ ପ୍ରିଣ୍ଟିଂ କମ୍ପାନୀ ଭବନରେ । କଟକ ସହର ଚୌଧୁରୀ ବଜାର ଠାରେ ଗୌରୀଶଙ୍କରଙ୍କ ନାମରେ ଏକ ପାର୍କ, ପ୍ରତିମୂର୍ତ୍ତି ନିର୍ମିତ ହୋଇଥିବାବେଳେ ତାଙ୍କ ଗ୍ରାମ୍ୟ ଜନ୍ମମାଟି ଅସୁରେଶ୍ୱର ପୁବଂଶ 'ଲୁଣା ନଦୀ' ଠାରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସହିତ ଏକ ସୁଦୃଶ୍ୟ ପାର୍କ ନିର୍ମାଣ କରାଯାଇଛି । ସ୍ମୃତିରକ୍ଷା ପାଇଁ ତାଙ୍କ ନାମରେ ଅନେକ ଅନୁଷ୍ଠାନ ଗଢ଼ାଯାଇ ପୂଜ୍ୟପୂଜାର ସମ୍ମାନ ଦିଆଯାଉଛି । କର୍ମବୀର ଗୌରୀଶଙ୍କର ଏ ଜାତିର ଚିରନମସ୍ୟ । ଓଡ଼ିଆ ଜାତି ଭାଷା ଥିବା ପର୍ଯ୍ୟନ୍ତ ଗୌରୀଶଙ୍କର ଜୀବିତ ଥିବେ କାଳକାଳକୁ । ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ–

*'ଶୁଭକ୍ଷଣେ ଜନ୍ମତବ ଉତ୍କଳ–ଉତ୍ସଙ୍ଗେ*
*କର୍ମଯୁଗେ କର୍ମଯୋଗୀ କେତେ ବିଘ୍ନ ସଙ୍ଗେ*
*ଜୁଝି ନିତ୍ୟ ସୁସାହସେ ବିଶ୍ୱାସେ ବିକ୍ରମେ*
*ସାଧି ଅଛ ସୁସଂକଳ୍ପ ପୁଣ୍ୟ ପରିଶ୍ରମେ ।'*

**ଅଧ୍ୟାପକ ଜୁନିୟର କଲେଜ,ଉତ୍ତରକୂଳ,**
**କଟକ,ମୋ–୯୯୩୭୫୪୨୦୧୭**

# କବିତା

## ରୁଦ୍ରାକ୍ଷରେ ଶିବତ୍ୱର ପରମ ସ୍ପନ୍ଦନ...

ମନୋଜ କୁମାର ବେହେରା

ରୁଦ୍ରଶୀର୍ଷଉପାସନା ପରିଣାମ
ନୟନ ଆନନ୍ଦ ରଙ୍ଗଭାବ ବିଭୋର ।
ଅଶ୍ରୁବୁନ୍ଦା ଧରା ଅଲୌକିକ ସ୍ପର୍ଶ
ଭୂଉତ୍ସୃଙ୍ଗ ରୁଦ୍ରାକ୍ଷ ବୃକ୍ଷ ସରୋବର ।
ପବିତ୍ର ପାବନ ଅଦ୍ୱୈତ ଅନୁପମା
ସ୍ନେହିଲ ଧାରଣ ଖୁସିର ମଣ୍ଡନ..
ରୁଦ୍ରାକ୍ଷରେ ଶିବତ୍ୱର ପରମ ସ୍ପନ୍ଦନ...
ସକାରାତ୍ମକ ଉର୍ଜା ଅନନ୍ତ ଶ୍ରୋତ
ଶୁଦ୍ଧ ସାତ୍ତ୍ୱିକ ଆଚରଣ ନିର୍ବାହନ
ସଂଘର୍ଷ କଷ୍ଟ ବାଧା ସୁରକ୍ଷା କବଚ ।
ମାନବତା କଲ୍ୟାଣ ଧେୟ ଧର୍ମ,
ସଶକ୍ତ ପ୍ରହରୀ ଆସ୍ଥା ନ୍ୟାୟସତ୍ୟ ।
ସହଜ ସରସ ସମ୍ପର୍କ ଦିବ୍ୟସତ୍ତା,
ଅଷ୍ଟ ସମୟ ହର ହର ମହାଦେବ ରନ
ରୁଦ୍ରାକ୍ଷରେ ଶିବତ୍ୱର ପରମ ସ୍ପନ୍ଦନ...
ଆଧ୍ୟାତ୍ମ ଆତ୍ମଜ୍ଞାନ ପଥ ପ୍ରଶସ୍ତ
ଅନ୍ତଃକରଣ ହସପ୍ରେମର ସରୋବର
ଅବସାଦ ରହିତ ଦିନଚର୍ଯ୍ୟା ସେତୁ,
ଜୀବନ ଅନୁଭବ ଶଙ୍କର ଉତ୍ତରାଧିକାରୀ ।
ସର୍ବୋତ୍ତମ ବିନ୍ଦୁ କଟଟି କଣ୍ଠ ହୃଦୟ,
ମାଳାରୂପ ଆଦି ଆଦର ଅଭିନନ୍ଦନ
ରୁଦ୍ରାକ୍ଷରେ ଶିବତ୍ୱର ପରମ ସ୍ପନ୍ଦନ...
ଶୁଦ୍ଧ ସାତ୍ତ୍ୱିକ ଆଚରଣ ନିର୍ବାହନ
ଅସଲି ନକଲି ଜ୍ଞାନ ଚିହ୍ନଟ ।
ତ୍ୟାଗ,ଅନ୍ଧ ଭକ୍ତି ଉପରେ ଅନୁସରଣ
ଅନ୍ତିମ ନିର୍ଣ୍ଣୟ ସ୍ୱ ବିବେକସନ୍ଧାନ ପ୍ରକାର,
ଏକ ଶହ ଏକୋଇଶିମୁଖୀ ପ୍ରକାର
ଏଗାରମୁଖୀ ଶୀଘ୍ର ଶୁଭଫଳ ବନ୍ଦନ
ରୁଦ୍ରାକ୍ଷରେ ଶିବତ୍ୱର ପରମ ସ୍ପନ୍ଦନ...

**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

## ଶ୍ରାବଣୀ ଗୋ...

ସୁହଂସ ଭୋଇ

ଶ୍ରାବଣୀ ଗୋ ତୁମ ସ୍ନେହ ପଣତରେ
ବାନ୍ଧିଦିଅ ମତେ ଥରେ
ବିରହର ତାତି ସହିଛି ଏ ଦେହ
ଭିଜିଯାଉ ପ୍ରୀତିଧାରେ ।
କହିଥିଲ ତୁମେ ସଅଳ ଆସିବ
ଆଷାଢ଼ ସରିଲା ପରେ
ମିଳନର ମିଠା ଆଶା ନେଇ ତହୁଁ
ମନ ଘୂରେ ସପନରେ
ଭାବନାରେ ଟିକେ ଛୁଇଁବା ଆଗରୁ
ଲୁଚିଯାଅ ବାଦଲରେ ।
ନଈକୂଳ ବିଲ କେତେ ଯେ ବୁଲିଛି
ହାତ ଧରି ତୁମ ସାଥେ
ଅତୀତର ସେଇ ଅନୁଭବ ସବୁ
ଭୁଲିଗଲ କି'ବା ସତେ
ଆସ ବଧୂବେଶେ ମେଘ ପାଲିଙ୍କିରେ
ଅଭିମାନ ଛାଡି ଦୂରେ ।
କାଗଜଡଙ୍ଗାରେ ବୁଲିବା ମଜାରେ
ଆମ ଗାଆଁ ସାଙ୍ଗ ମେଳେ
ଥକିଗଲେ ଟିକେ ବସିପଡି ଯିବା
ବାଲିଘର ଛାତ ତଳେ
କଥାଦେଲି ଆଜି କରିବିନି କେବେ
ଉଣା ଭଲପାଇବାରେ ।

**ପହଣ୍ଡି, ବିଜେପୁର, ବରଗଡ଼**
**ମୋ–୯୪୩୭୫୨୨୪୫୫**



## ଶ୍ରାବଣ ଲାଗଇ ଶିବମୟ

ଜଗଦୀଶ ସାହୁ

ଧାରା ଶିରାବଣ ମାସ
ବୋଲବମ୍ ଯିବା ଆସ
ପ୍ରଦେଶ ଉତ୍କଳ ଜିଲ୍ଲା ଢେଙ୍କାନାଳ
ପୁଣ୍ୟ ପୀଠ କପିଳାସ ।
ପାହାଡ଼ ଶିଖରେ ଘର
ବାବା ଶ୍ରୀଚନ୍ଦ୍ରଶେଖର
ଅଳପକେ ତୋଷ ନାମ ଆଶୁତୋଷ
ଯାଚିକି ଦିଅନ୍ତି ବର ।
ଭୋଳାବାବା ପରା ସେଇ
ପାଣି ଭାର କାନ୍ଧେ ନେଇ
ଶିବ ଶିବ ଶିବ ତୁଣ୍ଡ ଜପୁଥିବ
ଯିବା ବାରବାଙ୍କ ଦେଇ ।
ଶିବ ପାଦେ ଥିଲେ ଲୟ
ଦୂରେ ଯାଏ ମନ ଭୟ
ଭକତ ଆଖିରେ ଶ୍ରାବଣ ଲାଗଇ
ଶିବମୟ ଶିବମୟ ।

**ସଂଜପଡା, ହିନ୍ଦୋଳ**
**ଢେଙ୍କାନାଳ, ମୋ–୯୦୭୮୧୮୫୬୧୬**

# କବିତା ମହାକୁମ୍ଭ



ଅନନ୍ତ କୁମାର ଗିରି

ଗଲା ମେ ୩୧ ଓ ଜୁନ୍ ୧ ରେ ବାଲେଶ୍ୱରର 'ଅପରାହ୍ନ' ଦୈନିକ ସମ୍ବାଦପତ୍ର ତରଫରୁ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ଓ କବିତା ମହାକୁମ୍ଭ ଅନୁଷ୍ଠିତ ହୋଇଥିଲା । ଏଠାକୁ ଆମ ରାଜ୍ୟର ତିରିଶଟି ଜିଲ୍ଲାରୁ ସାହିତ୍ୟିକ, ସାହିତ୍ୟିକା, କବି ଓ କବୟିତ୍ରୀମାନେ ଆସିଥିଲେ । ଏହା ସହିତ ରାଜ୍ୟ ବାହାରୁ ମଧ୍ୟ ।

ଅପରାହ୍ନ ଏକ ଅଭିନବ ଦୈନିକ ଖବରକାଗଜ ଯାହା ଅପରାହ୍ନରେ ବାହାରେ । ଏହାକୁ ବଂଶୀଧର ଜେନା ଓ ତାଙ୍କର ସହଧର୍ମିଣୀ ଓ ସହ–ସାଧିକା ଲକ୍ଷ୍ମୀ ଦାସ ଲାଳନପାଳନ କରନ୍ତି । ବଂଶୀଧର ଓ ଲକ୍ଷ୍ମୀ କିଛିବର୍ଷ ତଳେ ଆପଣାର ଏକମାତ୍ର କନ୍ୟା ଶ୍ରୀଲିପ୍ତାକୁ ହରାଇଛନ୍ତି । ଏହି କ୍ଷତ ବାପା–ମାଙ୍କୁ ସବୁଦିନ ପାଇଁ ଅଶ୍ରୁମୟ କରିଦେଇଛି । ଭାଙ୍ଗି ପଡିଥିବାବେଳେ କବିତା, ସାହିତ୍ୟ ଓ ସୃଜନଶୀଳତା ସେମାନଙ୍କୁ ବଞ୍ଚିବାର ନୂତନ ରାହା ଦେବା ସହିତ ସାଧନାର ନୂଆକେତେ ପଥ । ଏହି ନୂତନ ସାଧନାପଥରେ ବଂଶୀଧର ଓ ଲକ୍ଷ୍ମୀ ଅପରାହ୍ନ ଓ ତାଙ୍କର କନ୍ୟା ନାମରେ ପ୍ରତିଷ୍ଠିତ ଶ୍ରୀଲିପ୍ତା ମେଡିଆ ମାଧ୍ୟମରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ସୃଜନ ସାହିତ୍ୟିକ ନେତୃତ୍ୱ ସୃଷ୍ଟି କରିଛନ୍ତି । ଅପରାହ୍ନ ଦୈନିକ ସମ୍ବାଦପତ୍ରର ପ୍ରତ୍ୟେକ ଦିନ ଓଡ଼ିଶାର ଗୋଟିଏ ଜିଲ୍ଲାକୁ ନେଇ ଗୋଟିଏ ଜିଲ୍ଲା ସାହିତ୍ୟ ପୃଷ୍ଠା ବାହାରେ । ଜିଲ୍ଲାର ସଂଯୋଜକ–ସଂଯୋଜିକାମାନେ ଏଥିପାଇଁ ଲେଖା ସଂଗ୍ରହ କରନ୍ତି । ଏହି ପ୍ରକ୍ରିୟାରେ ନୂତନ ଲେଖକ–ଲେଖିକା ସୃଷ୍ଟି କରନ୍ତି ଓ ପୁରୁଣା ଲେଖକ–ଲେଖିକାମାନଙ୍କୁ ପ୍ରେରଣା ଦିଅନ୍ତି ।

ମେ ୩୧ ତାରିଖରେ ଅନୁଷ୍ଠିତ କବିତା ମହାକୁମ୍ଭ ଓ ସାହିତ୍ୟ ଉତ୍ସବରେ ଓଡିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାର ସଂଯୋଜକ–ସଂଯୋଜିକାମାନେ ଯୋଗ ଦେଇଥିଲେ ଓ ଏହା ସହିତ ଆଗ୍ରହୀ କବି, ସାହିତ୍ୟିକ ଓ ସାହିତ୍ୟିକାମାନେ । ଏହି ସାହିତ୍ୟ ଉତ୍ସବ ଓ କବିତା ମହାକୁମ୍ଭର ଉଦ୍ଘାଟନ ଉତ୍ସବରେ ଉପସ୍ଥିତ ଅନେକଙ୍କ ମଧ୍ୟରୁ ଜଳେଶ୍ୱରର ବିଧାୟକ ଅଶ୍ୱିନୀ ପାତ୍ର କହିଲେ କବି ସ୍ୱପ୍ନ ଦେଖେ, ସେ ଏକ ନୂତନ ସମାଜ ପାଇଁ ପ୍ରୟାସ କରେ ଓ ଏହି ପ୍ରକ୍ରିୟାରେ ତାକୁ ଅନେକ ଦୁଃଖକୁ ବରଣ କରିବାକୁ ହୁଏ, ହଳାହଳ ପିଇ ନୀଳକଣ୍ଠ ହେବାକୁ ହୁଏ ।

ଅନ୍ୟ ବକ୍ତାମାନେ କବିତାମାନଙ୍କୁ ସ୍ରଷ୍ଟା ଓ ଦ୍ୱିତୀୟ ଈଶ୍ୱର ବୋଲି କହିଲେ । ଆଉ ଜଣେ ବକ୍ତା କହିଲେ ବଂଶୀ ଓ ଲକ୍ଷ୍ମୀଙ୍କର ଶ୍ରଦ୍ଧା ହେଉଛି ରାଧାକୃଷ୍ଣଙ୍କର ଶ୍ରଦ୍ଧା । ସେ କହିଲେ ଥରେ ମଥୁରାରେ ଥାଇ ଶ୍ରୀକୃଷ୍ଣ ବଂଶୀ ବାଦନ କଲେ । ରାଧା ସେଇଠୁ କୃଷ୍ଣଙ୍କୁ ପଚାରିଲେ: ତୁମେ ଏତେ ଦୂରରେ ଥାଇ କ'ଣ ପାଇଁ ବଂଶୀ ବଜାଉଛ ? କୃଷ୍ଣ କହିଲେ : ତୁମେ ମୋତେ ଭଲପାଉଛ କି ନାହିଁ ତାହା ଜାଣିବା ପାଇଁ । ରାଧା କହିଲେ : ମୁଁ କୃଷ୍ଣଙ୍କୁ କେତେ ଭଲପାଏ ତାହାକୁ ଅନୁଭବ କରିବାକୁ ହେଲେ ତୁମକୁ ରାଧା ହୋଇହିଁ ଜନ୍ମ ନେବାକୁ ହେବ । ବଂଶୀ ଓ ଲକ୍ଷ୍ମୀ ରାଧାକୃଷ୍ଣ ଭାବେ ଓଡ଼ିଶାର ଅଗଣିତ ସ୍ରଷ୍ଟାମାନଙ୍କୁ ସୃଜନଶୀଳତାର ସୃଜନରେ ଯୋଡୁଛନ୍ତି ଓ ଏଥିପାଇଁ ଆମକୁ ସାହିତ୍ୟ ସ୍ରଷ୍ଟା ଓ ସାହିତ୍ୟ ସେବକ–ସେବିକା ଭାବେ ନୂଆକରି ଜନ୍ମଲାଭ କରିବାକୁ ହେବ ।

କବିତା ମହାକୁମ୍ଭ । ମଞ୍ଚ ଉପରେ ଚିତ୍ରିତ କଳସଟିଏ । ଏଥିରେ ଅପରାହ୍ନର କବିତା ମହାକୁମ୍ଭରେ ପ୍ରକାଶିତ ଏକ ବିଶେଷ କାବ୍ୟ ସଂକଳନରେ ସନ୍ନିବିଷ୍ଟ ସବୁ କବିମାନଙ୍କର ନାଆ ଗୋଟିଏ ଗୋଟିଏ ଚିରକୁଟ୍‌ରେ ଲେଖାହୋଇ ରହିଛି । ଗୋଟିଏ କୁନି ଝିଅଟି ଏହି ଚିରକୁଟମାନ କାଢିଲା ଓ ଏହାପରେ ପ୍ରଥମ କବି କବିତା ପାଠ କଲେ । ଝିଅ ଜଣକର ବୁଇ ସୋରରେ ରହୁଥିବା ଜଣେ ଭଉଣୀ ସେ କବିତା ପାଠ କଲେ । ଏହା ସହିତ ଅନେକ କବି ପରେ ପରେ । ଏମାନଙ୍କ ମଧ୍ୟରେ ପୁରୀର Blessed Sacrament High School ରେ ପଢୁଥିବା ଝିଅ ଶ୍ରେୟା ଶେଫାଳୀ । ଇଂରାଜୀ ମାଧ୍ୟମରେ ଶ୍ରେୟା ପଢିଛି । ମାତ୍ର ବରଷକ ତଳେ ସେ ଓଡ଼ିଆ ଲେଖିବା ଆରମ୍ଭ କରିଛି । ତାର ମା' ରଶ୍ମିତା ସହ ସେ କବିତା ମହାକୁମ୍ଭରେ ଯୋଗ ଦେବାକୁ ଆସିଛି । ମା' ଦର୍ଶନର ଅଧ୍ୟାପିକା ପଶ୍ଚିମବଙ୍ଗର ଏକ ମହାବିଦ୍ୟାଳୟରେ । ଭାରତୀୟ ଦର୍ଶନ ଉପରେ ସେ ଗବେଷଣା କରିଛନ୍ତି ।

ଝିଅର ସୃଜନଶୀଳ ଉତ୍ସାହଧାରାରେ ବୋଲି ହୋଇ ମା' ଆସିଛନ୍ତି । ମା'–ଝିଅଙ୍କ ସହିତ ଦଣ୍ଡେ କଥା ହେଲେ ଆମେ ଅନୁଭବ କରିପାରିବା କବିତା ମହାକୁମ୍ଭ କେମିତି କେତେ ହୃଦୟରେ ସୃଜନଶୀଳତାର ଧାରା ବୁହାଇ ଦେଉଛି । ମୁଁ ରଶ୍ମିତା ଅପାଙ୍କୁ ପଚାରିଲି: ଆପଣ କବିତା ଲେଖନ୍ତି ? ଅପା ନାହିଁ କହିଲେ । ମୁଁ କହିଲି : ଝିଅଠାରୁ ପ୍ରେରଣା ନେଇ ଏବେ ଆପଣ ଦର୍ଶନ ଓ କବିତାକୁ ଯୋଡି ପାରିବେ ।

ଶେଫାଳୀ ପ୍ରଥମେ ଇଂରାଜୀରେ କବିତା ଲେଖୁଥିଲା, ଏବେ ଇଂରାଜୀ ସହିତ ଓଡ଼ିଆରେ କବିତା ଲେଖୁଛି । ଆପଣାର 'ସତ୍ୟ କ'ଣ ? କବିତା ଯାହା ଶେଫାଳୀ କବିତା ମହାକୁମ୍ଭରେ ପଢିଥିଲା ।

ମୋର ସୃଜନଖାତାରେ ଶ୍ରେୟା ଶେଫାଳୀ ମଧ୍ୟ ତାଙ୍କର ଇଂରାଜୀ କବିତାର କିଛି ଧାଡି ଲେଖିଦେଇଥିଲା:

Music of nature is pious to hear
It is the life's gear.

ଆମ ଓଡ଼ିଶାରେ ଏବେ ଅନେକ ବାପା–ମା' ସେମାନଙ୍କର ପିଲାମାନଙ୍କୁ ଇଂରାଜୀ ମିଡିୟମ୍ ସ୍କୁଲରେ ପଢାଉଛନ୍ତି ମାତ୍ର ଇଂରାଜୀ ମିଡିୟମ୍ ସ୍କୁଲରେ ପଢିଲେ କଣ ଆମର ପିଲାମାନେ ଓଡ଼ିଆ ପଢିବେନି ବା ଓଡ଼ିଆରେ ଲେଖିବେ ନାହିଁ ? ଶ୍ରେୟା ଶେଫାଳୀର ଶ୍ରଦ୍ଧା ଓ ସୃଜନଶୀଳତା ଆମକୁ ହାତଧରି ଶିଖାଇ ଦେଉଛି ଆମେ ଓଡ଼ିଆରେ ପଢିପାରିବା ଲେଖିପାରିବା, ଇଂରାଜୀ ମିଡିୟମ୍ ସ୍କୁଲରେ ପଢିଲେ ମଧ୍ୟ । କବିତା ମହାକୁମ୍ଭ ଶେଫାଳୀକୁ ପ୍ରେରଣା ଦେଉଛି ଓ ଏହାପରେ ସେ ମୋତେ ମେସେଜ୍‌ଟି କରିଥିଲା ମୁଁ କିଛି ବହି ସମ୍ପାଦନା କରୁଛି କି ଯେଉଁଥିରେ ସେ ଲେଖିପାରିବ ।

ଅପରାହ୍ନର କବିତା ମହାକୁମ୍ଭକୁ ଓଡ଼ିଶାର ଦୂରଦୂରାନ୍ତରୁ ସାହିତ୍ୟପ୍ରେମୀମାନେ ନିଜ ଖରଚରେ ଆସିଥିଲେ । ମାଲକାନାଗିରିରୁ, କନ୍ଧମାଳରୁ, ଢେଙ୍କାନାଳରୁ, ବୌଦ୍ଧ ଓ ଆହୁରି ଅନେକ ସ୍ଥାନରୁ । ଏମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ପ୍ରଥମ ବହି ଶ୍ରୀଲିପ୍ତା ପବ୍ଲିକେସନ୍ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏମାନଙ୍କ ମଧ୍ୟରେ ଗୁଣୁପୁରରୁ ଆସିଥିବା ସୌଭାଗ୍ୟ ମଞ୍ଜରୀ ଦାଶ ଅଛନ୍ତି ଯିଏ ତାଙ୍କର କବିତା ପୁସ୍ତକ 'ହନୁ ରମାୟଣ' ଏହି ମହାକୁମ୍ଭରେ ଲୋକାର୍ପଣ କରିଛନ୍ତି । ସୌଭାଗ୍ୟ ମଞ୍ଜରୀ ଅପା ଘରର ଯତ୍ନ ନିଅନ୍ତି । ସ୍ନେହ ଓ ଶ୍ରଦ୍ଧାରେ ସ୍ୱାମୀ ଓ ପିଲାମାନଙ୍କର ଲାଳନପାଳନ କରନ୍ତି । ଅପରାହ୍ନର ଜିଲ୍ଲାସ୍ତରୀୟ ଓ ତୃଣମୂଳ ସାହିତ୍ୟ ସୃଜନ କାର୍ଯ୍ୟ ତାଙ୍କୁ ତାଙ୍କ ଜୀବନରେ କେତେ ନୂତନ ଦାୟିତ୍ୱ ପଥ ଦେଇଛି । ବାହାର କ୍ଷଣିକ ଭୋଜନ ଓ ମୋହ ଭିତରେ ବୁଡି ନଯାଇ ସ୍ୱାମୀ–ସ୍ତ୍ରୀ ଯେତେବେଳେ ସୃଜନବଦ୍ଧ ହୁଅନ୍ତି, ସୃଜନ ପାଗଳ ହୁଅନ୍ତି ସେତେବେଳେ ବ୍ୟକ୍ତି, ପରିବାର ଓ ସମାଜରେ କେତେ ନୂତନ ଉଷା ଉଇଁ ଉଠେ ।

ସୃଜନଶୀଳତା ସହ କୃତଜ୍ଞତା । ଏହି ସାହିତ୍ୟୋତ୍ସବରେ ସୁବାସିନି ଅପା... ସୁବାସିନି ଜେନା... ଏହି କଥାହିଁ କହିଲେ । ବସ୍ତାର ବିଧାୟିକା ଓ ରେବତୀର ସମ୍ପାଦିକା ସୁବାସିନୀ ଅପାଙ୍କର ପ୍ରତ୍ୟେକ ଶବ୍ଦ ଓ ବାକ୍ୟ ସ୍ନେହ ଓ ଶ୍ରଦ୍ଧାର ଏକ ଗଭୀର ଭୂମିରୁ ଫୁଟି ଉଠୁଥିଲା । ସିଏ କହିଲେ: ବଂଶୀ ଓ ଲକ୍ଷ୍ମୀ ସବୁବେଳେ କୃତଜ୍ଞ । ଆମେ ତାଙ୍କୁ ସେତେ ବେଶୀ ସାହାଯ୍ୟ କରିନାହୁଁ, ତାଙ୍କର ଆବଶ୍ୟକତା ମଧ୍ୟ ବହୁତ କମ୍ ମାତ୍ର ସେମାନେ ସଦା କୃତଜ୍ଞ । ଏହି ସାହିତ୍ୟୋତ୍ସବର ଶେଷ ଅଧିବେଶନରେ ସୁବାସିନୀ ଅପାଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ଥିଲେ ।

କବିତା ମହାକୁମ୍ଭରେ ଅନେକ ବନ୍ଧୁମାନଙ୍କୁ ଭେଟିବାର ସୌଭାଗ୍ୟ ମିଳିଲା । ଏମାନଙ୍କ ମଧ୍ୟରେ ସରୋଜ ସେଠୀ ଯିଏ ଜନସେବାରେ ନିଜକୁ ସମର୍ପିତ କରିଛନ୍ତି । ସେ ମୋତେ କହିଲେ ଯେ, ଯେକୌଣସି ଲୋକ ତାଙ୍କୁ କୌଣସି ସାହାଯ୍ୟ ପାଇଁ ଫୋନ୍ କଲେ ସେ ତାର ବ୍ୟବସ୍ଥା କରନ୍ତି ।

କବିତା ମହାକୁମ୍ଭରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସୃଜନଶୀଳ ସ୍ରଷ୍ଟାମାନଙ୍କୁ ସୃଜନଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରେ ବାଲେଶ୍ୱରର ଭୋଗରାଇର ସୁଦର୍ଶନ ଜେନା ଥିଲେ ଯିଏ ଜାତିପ୍ରଥା ବିରୁଦ୍ଧରେ ଲଢୁଛନ୍ତି ଓ ଗାଆଁରେ ଗାଆଁରେ ପରିବେଶ ସଚେତନତା ଓ ଆମ୍ବେଦକରଙ୍କର ଚିନ୍ତାର ପ୍ରସାର ପାଇଁ ବୁଲୁଛନ୍ତି । ସାହିତ୍ୟ ଉତ୍ସବ ପରେ ଆମେ ଯେତେବେଳେ ତାଙ୍କ ଘରକୁ ଯାଇଥିଲୁ, ସେ ମୋ ଖାତାରେ ଏହି ଧାଡିମାନ ଲେଖି ଦେଇଥିଲେ:

*'ମାଆପରି ଦେଖ ମେହନ୍ତରାଣୀଟିଏ ଘୃଣା*
*ଭାବ ମନୁତେଜି*
*ନାଳନର୍ଦ୍ଦମା ପାଇଖାନା ସଫାରଖି*
*ସମାଜେ ଅଛୁତ ଆଜି*
*ଲୁଗାବୁଣି ତନ୍ତି ପିନ୍ଧାଇଲା*
*ତୋତେ ଲଙ୍ଗଳା ହୋଇଥିଲୁ*
*ଛୁଇଁଦେଲା ବୋଲି ଜାତି*
*ଗଲାତୋର ଏକଥା କିପରି କଲୁ ?'*

ସାହିତ୍ୟ ଉତ୍ସବ ଓ କବିତା ମହାକୁମ୍ଭ ଆମକୁ ଏମିତି ନାନା ଛୁଆଁ–ଅଛୁଆଁ ଭାବରୁ ରୂପାନ୍ତରିତ କରି ଏକ ନୂତନ ପ୍ରେମ ଓ ସୃଜନଶୀଳତାର ସହ ପରସ୍ପରକୁ ସ୍ପର୍ଶ କରିବାକୁ ପ୍ରେରଣା ଦେଇଥାଏ । ଆମ ସମୟରେ ଏବେ ଅନେକ ସାହିତ୍ୟ ଉତ୍ସବ ହେଉଛି ଯେଉଁଥିରେ ସମସ୍ତେ ଭାଗ ନେଇ ପାରୁନାହାନ୍ତି କେତେକ ବଡ ବଡ ହୋଟେଲରେ ହେଉଛି ଯେଉଁଠି କୁପନ୍ ବିନା ଅନେକଙ୍କୁ ଭୋକିଲା ରହିବାକୁ ପଡୁଛି । ମାତ୍ର ଅପରାହ୍ନର ସାହିତ୍ୟୋତ୍ସବ ଏକ ତୃଣମୂଳ ସାଂସ୍କୃତିକ ଆନ୍ଦୋଳନ ଯେଉଁଠାରେ ଆଗ୍ରହୀ ସମସ୍ତେ ନିଜ ନିଜ ଖର୍ଚ୍ଚରେ ଆସିଛନ୍ତି ଓ ଅପରାହ୍ନ ସେମାନଙ୍କ ପାଇଁ ରହିବା ଓ ଖାଇବାର ବନ୍ଦୋବସ୍ତ କରିଛି । ଏମିତି ସହଯୋଗର ଧାରାରେ ଅପରାହ୍ନର କବିତା ମହାକୁମ୍ଭ ଓଡ଼ିଶାର ସାମ୍ବାଦିକତା ଓ ସାହିତ୍ୟିକ ଭୂମିରେ ଏକ ନୂତନ ସୁବର୍ଣ୍ଣରେଖା ସୃଷ୍ଟି କରୁଛି ।

**ଚେନ୍ନାଇ,**
**ମୋ– ୯୮୪୦୫୮୧୦୨୫**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବର୍ଷା...

ଶନିବାର ରାତି ୧୦ ଟା ସୁଦ୍ଧା ୧୯.୧୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଜଳକା ନଦୀରେ ମଥାନୀ ଠାରେ ଜଳସ୍ତର ୭.୨୦ ମିଟର (ସ୍ଥିର ରହିଛି ) । ଯାହାକି ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଏଠାରେ ବିପଦ ସଙ୍କେତ ସ୍ତର ୬.୫୦ ମିଟର ।

ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ ଠାରେ ଜଳସ୍ତର ୪୭.୯୨ ମିଟର ଥିବା ବେଳେ ଏହା ବୃଦ୍ଧି ପାଉଥିବା ସ୍ଥିତିରେ ଅଛି । ଏହାର ବିପଦ ସଙ୍କେତ ୪୧.୧୬ ମିଟର । ସେହିପରି ରାଜଘାଟ ଠାରେ ଏହି ସ୍ତର ୨.୬୭ ମିଟର ରହିଛି ଓ ଏହା ବୃଦ୍ଧି ପାଉଛି । ଏହାର ବିପଦ ସଙ୍କେତ ସ୍ତର ୧୦.୩୬ ମିଟର । ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୧୦ ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇପାରେ ଏବଂ ଜଳସ୍ତର ୧୧.୭ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ବେସିନ୍ ଲାଗି ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକ, ମହାନଦୀ, ବ୍ରାହ୍ମଣୀ, ବୈତରଣୀ ସିଷ୍ଟମର ମୁଖ୍ୟ ଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର, ବୈତରଣୀ ବେସିନ ମୁଖ୍ୟ ଯନ୍ତ୍ରୀ ଓ ବେସିନ୍ ମ୍ୟାନେଜର କ୍ଷେତ୍ରସ୍ତରରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟାସ୍ଥିତି ତଦାରଖ କରୁଛନ୍ତି ।

## ଦୁଇ...

ତ୍ରିଶୂଳିଆରୁ ବିମାନ ବନ୍ଦରଯାଏ ମେଟ୍ରୋ ରେଳ ପ୍ରକଳ୍ପ ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ । ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ମଧ୍ୟ ଏହି ନିଷ୍ପତ୍ତି ଉପରେ କାଏମ ଥିଲେ । ଏଥିଲାଗି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ସବ୍‌କମିଟିର ପ୍ରଥମ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମେଟ୍ରୋ ରେଳ ପ୍ରକଳ୍ପ ନେଇ କିଛି ଠୋସ୍ ନିଷ୍ପତ୍ତି ହୋଇପାରିନଥିଲା । ଏପରିକି ମେଟ୍ରୋ ରେଳ ଏଲିଭେଟେଡ କରିଡରରେ ହେବ କି ଅଣ୍ଡରଗ୍ରାଉଣ୍ଡ ହେବ, କେଉଁ ଅଞ୍ଚଳକୁ ମେଟ୍ରୋ ଚାଲିବ ସେ ନେଇ କିଛି ନିଷ୍ପତ୍ତି ବାହାରିନଥିଲା । ତେବେ ସେହି ବୈଠକରେ ଭୁବନେଶ୍ୱର ଭିଡି କମାଇବା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ ଗମନାଗମନ ଯୋଜନା, ନେଇ ସଡକ ପରିବହନ ପଥ, ପୂର୍ତ୍ତ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ହେବାକୁ ଥିବା ବିଭିନ୍ନ ସଡକ, ଫ୍ଲାଏ ଓଭର ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା । ଶେଷରେ ଏହି ପ୍ରକଳ୍ପକୁ ବାତିଲ କରାଯାଇଛି ।

## ଜଳ ପ୍ରପାତରେ...

ସଦିପ ପାହାଡରୁ ପାଣି ଖସୁଥିବା ସ୍ଥାନକୁ ଅପରାହ୍ନ ପ୍ରାୟ ୪ଟା ଯାଇଥିଲେ। ଗାଧୋଉ ଥିବାବେଳେ ଅସାବଧାନତା ଯୋଗୁଁ ଉଭୟ ଜଳସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ଅନ୍ୟ ସହପାଠୀ ମାନେ ଅଗ୍ନିଶମ ବାହିନୀକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଜଳପ୍ରପାତରେ ପହଞ୍ଚି ନିଖୋଜ ଛାତ୍ରଛାତ୍ରୀଙ୍କୁ ଖୋଜାଖୋଜି କରିଥିଲେ। ପ୍ରଥମେ ମୋନିକା ଓ ବହୁ ଖୋଜାଖୋଜି ପରେ ସଦିପଙ୍କୁ ପାଣିରୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ତୁରନ୍ତ ଯୁଯୋଗ୍ୟରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ମାତ୍ର ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପରିବାର ଲୋକଙ୍କୁ କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଅନ୍ୟପଟେ ମେଡିକାଲ କଲେଜର ଅଧ୍ୟକ୍ଷ ଲାଲମୋହନ ନାଏକ ଓ ଡିନ୍ ପ୍ରଦୀପ ମହାନ୍ତି ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଥିଲେ। ବର୍ଷା ଯୋଗୁଁ ଜଳପ୍ରପାତରେ ଅଧିକ ପାଣି ଆସୁଥିବା ବେଳେ ଏମାନେ ପହଁରା ଜାଣିନଥିବାରୁ ବୁଡି ଯିବାପରେ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହା ପୂର୍ବରୁ ୧୮ ଜାନୁଆରୀ, ୨୦୨୦ରେ ଭିସୁଟ୍‌ର ୨ଜଣ ଇଞ୍ଜିନିୟରିଂ ଛାତ୍ର ସୌମ୍ୟରଞ୍ଜନ ବେଉରିଆ ଓ ଅଭିଜିତ୍ ସାମଲଙ୍କ ମଧ୍ୟ ଏହି ଜଳପ୍ରପାତରେ ବୁଡି ମୃତ୍ୟୁ ହୋଇଥିଲା। ଦେବଝରଣ ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏହାର ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ତେବେ ଜଳପ୍ରପାତ ଅଞ୍ଚଳ ବିପଦପୂର୍ଣ୍ଣ ଥିବାବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ ଫଳରେ ଏଠାରେ ପ୍ରତିବର୍ଷ ପାଣିରେ ବୁଡି ଧନଜୀବନ ହାନି ହେଉଛି।

## ଖାଇକୁ...

ବେଲାପୁରରୁ ଉଲେବ ଯିବାର ଥିଲା । ବେଲାପୁର ୱେବ୍ରିଜ୍ ଦେଇ ଯାଇଥାନ୍ତେ । ଗୁଗୁଲ ମ୍ୟାପ୍ ତାଙ୍କୁ ପୋଲତଳେ ଧ୍ରୁତତାରା ଜେଟି ଆଡକୁ ଯାଉଥିବା ରାସ୍ତା ଦେଖାଇଥିଲା । ରାସ୍ତା ସମ୍ପର୍କରେ ଆଦୌ ଜାଣିନଥିବା ସମ୍ପୃକ୍ତ ମହିଳା ଗୁଗୁଲ ମ୍ୟାପକୁ ଅନୁସରଣ କରିଚାଲିଥିଲେ । ଆଗକୁ ରାସ୍ତା ନଥିବା ଜାଣିପାରିନଥିଲେ । ଫଳରେ କାରଟି ଖାଇକୁ ଖସି ପଡିଥିଲା । ଘଟଣାସ୍ଥଳରେ ଉପସ୍ଥିତ ସମୁଦ୍ର ସୁରକ୍ଷା ଅଧିକାରୀ ମହିଳାଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ । କ୍ରେନ୍ ସାହାଯ୍ୟରେ ମହିଳାଙ୍କୁ କାରରୁ ମଧ୍ୟ ବାହାର କରାଯାଇଥିଲା । ଏଭଳି ଘଟଣା ଭାରତରେ ନୂଆ ନୁହେଁ । ବରେଲିରୁ ବଦାଉଁ ଯାଉଥିବା ଏକ କାର ଗୁଗୁଲ ମ୍ୟାପ୍ ଯୋଗୁ ପୋଲରୁ ୫୦ ଫୁଟ ନଦୀକୁ ଖସିପଡିଥିଲା । ଏଥିରେ ଥିବା ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହିପରି ହାଇଦ୍ରାବାଦରୁ କେରଳ ଯାଉଥିବା ଏକ ଗ୍ରୁପ୍ ଗୁଗୁଲ ମ୍ୟାପ୍ ଯୋଗୁ ଭୁଲ ରାସ୍ତାରେ ଯାଇ ଉଛୁଳୁ ଥିବା ନଦୀରେ ପଡିଯାଇଥିଲା ।

## ପରିମଳ...

ସୁରକ୍ଷା, ସମ୍ମାନ ଓ ସମାବେଶନ ।

ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେଗୁଡିକ ହେଲା ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ) ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇସି ଆକ୍ଟିଭ୍ କରାଯିବ। ଏହା ସହିତ ପ୍ରତିବର୍ଷ ଓଡିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ୍ୟ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଏଥିରେ ସଫେଇ କାର୍ଯ୍ୟର ମର୍ଯ୍ୟାଦା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେ କହିଥିଲେ ଓଡିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହିତ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି।

ସେ ପୁଣି କହିଥିଲେ ଯେ, ପରିମଳ କର୍ମଚାରୀ ମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରଦର୍ଶନ କ୍ଷେତ୍ରରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନାମ ସର୍ବାଗ୍ରେ ରହିବ। ମୋଦୀଜୀ ଦେଶର ଆର୍ଥିକ ବିକାଶ ସହିତ ପରିମଳ ପରି ଏକ ନଜର ଅନ୍ଦାଜ ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦେଇ ୨୦୧୪ ଅଗଷ୍ଟ ୧୫ ତାରିଖରେ ସ୍ୱଚ୍ଛ ଭାରତ ଆନ୍ଦୋଳନ ଜରିଆରେ ଘରେ ଘରେ ଶୌଚାଳୟ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଥିଲା ଯେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ, ପ୍ରତ୍ୟେକ ସହରରେ ଓ ପ୍ରତ୍ୟେକ ଗାଁରେ ପରିମଳ ବ୍ୟବସ୍ଥା ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଦେଶର ସାମାଜିକ ଓ ଅର୍ଥନୀତି ଅଭିବୃଦ୍ଧି ଅସମ୍ଭବ।

ଓଡିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତକାଳୀନ ପରିମଳ ସେବା ୟୁନିଟ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାର ରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ଆଜିର ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହି ମଞ୍ଚରୁ ବିଭିନ୍ନ ରାଜ୍ୟରୁ ଆସିଥିବା ପରିମଳ କର୍ମୀମାନେ ପରସ୍ପର ମଧ୍ୟରେ ଭାବ ବିନିମୟ ଓ ଅନୁଭୂତିରୁ ବହୁତ କଥା ଶିଖି ପାରିବେ। ସମସ୍ତଙ୍କ ଅନୁଭବ ଓ ଶ୍ରେଷ୍ଠ ଚିନ୍ତାଧାରା ନେଇ ଆମେ ଆଗକୁ ବଢିବା ଓ ଏକ ସମାବେଶୀ ଓ ବିକଶିତ ଭାରତ ନିର୍ମାଣରେ ନିଜ ନିଜର ଯୋଗଦାନ ରଖିବା ବୋଲି ସେ କହିଥିଲେ।

ଏହି ଅବସରରେ କର୍ମଶାଳା ପରିସରରେ ଆୟୋଜିତ ପରିମଳ କାର୍ଯ୍ୟ ସମ୍ପର୍କିତ ଆଧୁନିକ ଉପକରଣ ଏବଂ ସୁରକ୍ଷା ଉପକରଣର ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ । ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି । ଅଧିକାଂଶ ସମୟରେ ସେମାନେ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତେଣୁ ସେମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି କର୍ମଶାଳା ମାଧ୍ୟମରେ ଆମେ ଦେଶର ବିଭିନ୍ନ ରାଜ୍ୟ, ସହର ଓ ସଂସ୍ଥା ଗୁଡିକୁ ଏକତ୍ରିତ କରିଛୁ, ଯାହାଦ୍ୱାରା ଆମେ ଆମର ଅନୁଭବକୁ ବାଣ୍ଟି ପାରିବା, ଶିଖିବା ଓ ସହଯୋଗ ମଧ୍ୟ କରିପାରିବା।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ପରିମଳ କ୍ଷେତ୍ରରେ ଆଜି ଓଡିଶାର ଦେଶରେ ନାଁ ଅଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସବୁ ପଦକ୍ଷେପ ନିଆଯାଉଛି, ତାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଦରକାର। ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରିବାକୁ ପଡିବ।

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଲେ ଯେ, ଓଡିଶା ସରକାର ପରିମଳ କର୍ମଚାରୀ ମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ ଅଛନ୍ତି। ପରିମଳ ବ୍ୟବସ୍ଥା ଆମ ସମସ୍ତଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା।

ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟରର ପ୍ରତିଷ୍ଠାତା ନିର୍ଦ୍ଦେଶକ ମନ୍ୱିତା ବରାଡି କହିଥିଲେ ଯେ, ଓଡିଶା ସରକାରଙ୍କ ଗରିମା ଯୋଜନାକୁ ଆଜି ଦେଶର ଅନ୍ୟ ରାଜ୍ୟମାନେ ଅନୁସରଣ କରୁଛନ୍ତି। ଗରିମା, ପରିମଳ କର୍ମଚାରୀମାନଙ୍କର କେବଳ ଦକ୍ଷତା ବିକାଶ କରୁନାହିଁ ବରଂ ସେମାନଙ୍କୁ ସଶକ୍ତ ମଧ୍ୟ କରୁଛି।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈତରଣୀରେ...

ଏହା କ୍ରମଶଃ ବୃଦ୍ଧି ପାଇ ୧୯ମିଟରରୁ ଅଧିକ ହୋଇପାରେ ବୋଲି ଧାମନଗର ଜଳସଂପଦ ବିଭାଗ ଏସଡିଓ କିଶୋର ଦାସଙ୍କ ଠାରୁ ସୂଚନା ମିଳିଛି । ବଡ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ମାଇକ ଯୋଗେ ଧାମନଗର ଖାଲୁଆ ଅଂଚଳର ଜନସାଧାରଣଙ୍କୁ ଉଚ୍ଚ ସ୍ଥାନ କିମ୍ବା ନିକଟସ୍ଥ ସ୍କୁଲ,କଲେଜ ପରିସରକୁ ଚାଲିଯିବାପାଇଁ ଆଗୁଆ ସୂଚନା ଦିଆଯାଇଛି । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈତରଣୀ ନଦୀବନ୍ଧର ଗୌରାଙ୍ଗପୁର,ମଲ୍ଲୀମାହାରା ଓ ଉପର ସଇଲୋ ଆଦି ସ୍ଥାନକୁ ଯାଇ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବାସହ ସନ୍ଧ୍ୟାରେ ଧାମନଗର ବ୍ଲକ କାର୍ଯ୍ୟାଳୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ।

ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ,ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ନାୟକ,ଏସଇ ଶରତ ଚନ୍ଦ୍ର ଘଡାଇ,ସହକାରୀ ଯନ୍ତ୍ରୀ କିଶୋର ଦାସ ପ୍ରମୁଖ ମନ୍ତ୍ରୀଙ୍କ ସହ ବନ୍ୟାଞ୍ଚଳ ବୁଲି ପରିସ୍ଥିତି ତଦାରଖ କରିବାସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ବୈଠକରେ ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ,ରନ୍ଧା ଖାଦ୍ୟ,ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଜୋର ଦେଇଥିଲେ । ସମ୍ଭାବ୍ୟ ପ୍ରଭାବିତ ଅଂଚଳରେ ଓଡ୍ରାଫ୍ ଓ ଦମକଳବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି । ଜଳ ସଂପଦ ବିଭାଗର ଅଧିକାରୀଙ୍କ ସୂଚନା ଅନୁସାରେ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ହେବାକୁ ଥିବାରୁ ଧାମନଗର ପ୍ରତି ବିପଦ କମ୍ ରହିଛି । ଭଣ୍ଡାରିପୋଖରୀ ପ୍ରତିନଧିଙ୍କ ସୂଚନା ଅନୁଯାଇ,ଅପରାହ୍ନ ୨ଟାରେ ଜଳସ୍ତର ଏକାବେଳେକେ ୨୮ମି.ମି. ବୃଦ୍ଧି ପାଇଁ ବିପଦ ସଙ୍କେତ ସ୍ତର ୧୮.୩୩ମିଟରକୁ ସ୍ପର୍ଶ କରିଥିଲା । ସନ୍ଧ୍ୟା ୬ଟା ବେଳେ ଆଖୁଆପଦାରେ ଜଳସ୍ତର ୧୮.୭୬ମିଟର ରହିଛି । ସନ୍ଧ୍ୟାା ୫.୩୦ମି ସମୟରେ ନଦୀର ଜଳସ୍ତର ୧୮.୭୪ ଥିବା ବେଳେ ନଦୀର କଣ୍ଟିଘାଇ ଦେଇ ବନ୍ୟାଜଳ କ୍ରମଶଃ ପ୍ରବାହିତ ହେବାରେ ଲଗିଛି । କଣ୍ଟିଘାଇ ବନ୍ୟାଜଳ ପ୍ରବେଶକୁ ନେଇ ଭଣ୍ଡାରିପୋଖରୀ ବ୍ଲକ ଷୋଳମ ପୁର,ମାଳଦା,ରହଣିଆ,ନପଙ୍ଗ,କୁରିଗାଁ ସମେତ ୧୧ଟି ପଞ୍ଚାୟତର ଲୋକେ ଆତଙ୍କିତ ହୋଇ ରହିଛନ୍ତି । ଆଖୁଆପଦାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ବିପଦସଙ୍କେତସ୍ତର ୧୮.୩୩ମିଟର ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆ ଠାରେ ସର୍ବାଧିକ ୯୭.୨ମି.ମି. ବର୍ଷା ରେକର୍ଡ କରାଯାଇଛି ।

ସେହିପରି ସ୍ୱାମୀପାଟଣାରେ ୭୬.୪ମି.ମି,କେଉଁଝରରେ ୨୯.୨ମିମି,ଆନନ୍ଦପୁରରେ ୧୨.୪ମିମି ଓ ଆଖୁଆପଦାରେ ୭.୦ମିମି ବର୍ଷା ରେକର୍ଡ କରାଯାଇଛି । ଏହି ସମୟରେ ଆନନ୍ଦପୁର ମିନିଡ୍ୟାମରୁ ଘଣ୍ଟା ପ୍ରତି ୩.୫ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାରୁ ଆଖୁଆପଦା ଓ ନଦୀର ତଳିହା ଅଞ୍ଚଳରେ ଜଳପତ୍ତନ ତୀବ୍ରଗତିରେ ବୃଦ୍ଧି ପାଇଛି ବୋଲି ଆଖୁଆପଦା ଜଳସମ୍ପଦ ବିଭାଜନ ପକ୍ଷରୁ ସୂଚନା ଦିଆଯାଇଛି । ବନ୍ୟା ଜଳସ୍ତର ଅତିବେଶୀରେ ୧୯ ମିଟର ହୋଇପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଥିବା ଜଣାଯାଇଛି । ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ୩ଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀ ଓ ୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇ ଶୁଖିଲା ଖାଦ୍ୟ ରଖାଯାଇଛି । ଭଣ୍ଡାରିପୋଖରୀର ୧୧ଟି ବନ୍ୟା ପ୍ରବଣ ପଞ୍ଚାୟତରେ ସମ୍ଭାବ୍ୟ ଉଦ୍ଧାର ଓ ରିଲିଫ କାଯ୍ୟ ପାଇଁ ଗୋଟିଏୟୁନିଟ ଏନଡିଆରଏଫ ଟିମ ଓ ୨ସେକ୍ସନ ପୁଲିସ ପହଞ୍ଚି ଭଣ୍ଡାରିପୋଖରୀ ମହାବିଦ୍ୟାଳୟରେ ଅବସ୍ଥାନ କରୁଛନ୍ତି ବୋଲି ବିଡିଓ ଦେବଦତ୍ତ ଦାସ ସୂଚନା ଦେଇଛନ୍ତି ।

## ପୋଲିସ-ଉଗ୍ରବାଦୀ...

ଏକ ବଡ଼ ଘଟଣା ଘଟାଇବା ପାଇଁ ଏକାଠି ହେଉଛନ୍ତ । ଏହି ସୂଚନା ଆଧାରରେ, ପୁଲିସ ଦଳ ଗଠନ କରାଯାଇଥିଲା । ପୁଲିସ ଉଗ୍ରବାଦୀମାନଙ୍କୁ ଘେରିଯିବା ପାଇଁ ଜଙ୍ଗଲରେ ପ୍ରବେଶ କରିଥିଲା । ପୁଲିସ ସେହଲ ଗ୍ରାମ ନିକଟରେ ଉଗ୍ରବାଦୀଙ୍କ ଆଡ୍ଡା ଆଡ଼କୁ ଯିବା ମାତ୍ରେ ଉଗ୍ରବାଦୀମାନେ ଜଙ୍ଗଲରେ ପୁଲିସ ଉପରେ ଗୁଳିଚାଳନା ଆରମ୍ଭ କରିଥିଲେ । ପୁଲିସ ମଧ୍ୟ ପାଲଟା ଜବାବ ଦେଇଥିଲା । ପାଲଟା ଜବାବରେ, ଘଟଣାସ୍ଥଳରେ ତିନି ଜଣ ଉଗ୍ରବାଦୀଙ୍କ ମୃତ୍ୟୁ ହୋଇଥିଲା । ପୁଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛି ।

## ମତଦାତାଙ୍କ...

ଦାଖଲ ହୋଇଛି । ସେମାନେ ବିଏଲ୍‌ଓଙ୍କୁ ଭେଟି ନାହାନ୍ତି କିମ୍ବା ତଥ୍ୟରେ ସ୍ୱାକ୍ଷର କରିନାହାନ୍ତି । ଏପରିକି ମୃତ ବ୍ୟକ୍ତି ମଧ୍ୟ ଫର୍ମ ଦେଇଥିବା ଜଣାପଡିଛି । ଏହା ଏସ୍‌ଆଇଆର ପ୍ରକ୍ରିୟାରେ ଏବେ ଚାଲିଛି । ତେବେ ଭୋଟର ତାଲିକାର ବିଶ୍ୱସନୀୟତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଏହି ପ୍ରକ୍ରିୟାକୁ ନେଇ ଏବେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନିର୍ବାଚନ ଠକେଇକୁ ନେଇ ପ୍ରଶ୍ନ କରାଯାଉଛି । ଏଡିଆର ପକ୍ଷରୁ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଦାଖଲ କରାଯାଇଛି । ସେହିଭଳି ନିର୍ବାଚନ କମିଶନଙ୍କ ପକ୍ଷରୁ ଆଧାର, ଭୋଟ୍ ପରିଚୟପତ୍ର ଓ ରାସନ କାର୍ଡକୁ ବିଚାର କରିବାକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାକୁ ଇସିଆଇ ଖାରଜ କରିଥିଲେ । ଇସିଆଇ ଦର୍ଶାଇଥିଲେ ଯେ ଏହା ଭରଷାଯୋଗ୍ୟ ତଥ୍ୟ ନୁହେଁ । ଏହା ଉପରେ ମଧ୍ୟ ଏଡିଆର ଆପତ୍ତି ଉଠାଇଛି ।

## ବଢ଼ିଲା...

ପେଟ ଯନ୍ତ୍ରଣାରେ ଛଟପଟ ହେଉଥିବା ସତ୍ତ୍ୱେ ନିରୁପାୟ ହୋଇ ତାଙ୍କୁ ପାର କରାଇ ଏକ ଅଟୋରେ ଗୁଡାରି ମେଡିକାଲ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ଘରକୁ ଫେରିଥିଲେ । ତେବେ ରାୟଗଡ଼ା ଜିଲ୍ଲାରେ ୪୩ଟି ଗ୍ରାମକୁ ପାଦଚଲା ୫୬୪ଗ୍ରାମକୁ ସ୍ଥାୟୀ ରାସ୍ତା ନାହିଁ । ସେଥି ମଧ୍ୟରୁ ଗୁଡାରୀ ବ୍ଲକରେ ସ୍ଥାୟୀ ରାସ୍ତା ୨୫ଟି ଗାଁକୁ ନଥିବା ଗତ ବିଧାନସଭାରେ ପଞ୍ଚାୟତରାଜ ମନ୍ତ୍ରୀ ସୂଚନା ଦେଇଥିଲେ ।

# ପୁଣି ମାଓ ଗତିବିଧି : ଜଙ୍ଗଲରୁ ମାଓ କ୍ୟାମ୍ପ ଠାବ

ନୂଆପଡ଼ା,(ସବ୍ୟୁ): ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ପୁଣି ମାଓ ଗତିବିଧି ଦେଖାଦେଇଛି । ନୂଆପଡା ଜିଲ୍ଲା ବୋଡ଼େନ ଥାନା କାଠଫାର-ଛତାପାଣି ଜଙ୍ଗଲରୁ ଏକ ମାଓ କ୍ୟାମ୍ପ ଠାବ ହୋଇଛି । କୌଣସି ଏକ ବଡ଼ ଯୋଜନାକୁ ପଣ୍ଡ କରିଛନ୍ତି ଯବାନ । ମାଓକ୍ୟାମ୍ପରୁ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଓଡ଼ିଶା-ଛତିଶଗଡ ସୀମାନ୍ତରେ ମାଓବାଦୀମାନେ ସକ୍ରିୟ ହେଉଥିବା ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା । ପରେ ନୂଆପଡ଼ା ଡିଭିଏଫ ଟିମ ଓ ସିଆରପିଏଫ-୧୯ ଅପରେସନ ଆରମ୍ଭ କରିଥିଲା । ମାଓବାଦୀମାନେ ଖବର ପାଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିଥିଲେ । ସେଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଗୁଳି, ୧୦ଟି ଜିଲୋଟିନ୍ ଷ୍ଟିକ, ଡିଟୋନେଟର ୩ଟି, ବାରୁଦ ୫୦ ଗ୍ରାମ ସମେତ ବହୁ ମାଓ ସାମଗ୍ରୀ କରିଥିଲେ । ଚଳିତ ମାସ ୮ତାରିଖ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରୁ ଏକ ମାଓକ୍ୟାମ୍ପ ଠାବ ହୋଇଥିଲା । ଜିଲ୍ଲାରେ ମାଓବାଦୀମାନେ କ୍ରମାଗତ ଭାବେ ସେମାନଙ୍କ ଉପସ୍ଥିତ ଜାହିର କରୁଥିବାରୁ ଜିଲ୍ଲା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି । ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜଙ୍ଗଲରେ ଯବାନଙ୍କ କମ୍ବିଂ ଅପରେସନ ଚାଲିଥିବା ଏସପି ଜିଆର ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

# ଧରଣୀଧର ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ଗଣଧାରଣା ଡାକରା

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଧରଣୀଧର କଲେଜର ସ୍ୱତନ୍ତ୍ରତା ରକ୍ଷା କରି ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ପୃଥକ କରିବା ସହ ବର୍ତ୍ତମାନର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ବହିଷ୍କାର ଦାବୀ ଦୀର୍ଘଦିନରୁ କରାଯାଇଛି । ଏ ସଂପର୍କରେ ଜନସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟରେ ପ୍ରଚାର ପତ୍ର ବଣ୍ଟନ କରାଯାଇଛି। ଏତଦ ବ୍ୟତୀତ ପୂର୍ବରୁ ଏହି ଦାବୀକୁ ପୂରଣ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ,ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ଓ ସମସ୍ତ ବିଧାୟକଙ୍କୁ ମଧ୍ୟ ସ୍ମାରକ ପତ୍ର ଦିଆଯାଇଛି। ବରିଷ୍ଠ ନାଗରିକ ଓ ପୁରାତନ ଛାତ୍ର ସଂଘ ତରଫରୁ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ଏସବୁ ସେ%୦ ଏପ୍ରସଙ୍ଗରେ ସରକାରଙ୍କ ନିଷ୍କ୍ରିୟତା ଓ ଉଦାସୀନତା ପ୍ରତିବାଦରେ ସୁରକ୍ଷା ମଂଚ ତରଫରୁ ଆସନ୍ତା ୨୯,୩୦ ଓ ୩୧ତାରିଖ ତିନି ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରିବାକୁ ନିଷ୍ପତ୍ତି ନିଆଯାଇଛି । କେନ୍ଦୁଝର ଅସ୍ମିତା ରକ୍ଷା ପାଇଁ ଜିଲ୍ଲାର ପୁରାତନ ଛାତ୍ର ସଂଘ, ବିଭିନ୍ନ ରାଜନୈତିକ ଦଳ, ବରିଷ୍ଠ ନାଗରିକ ମଂଚ, ସିଟି ଜେନ ଫୋରମ, ଜନଜାତି ସଂପ୍ରଦାୟ ସାଂସ୍କୃତିକ ସଂଗଠନ, ଯୁବ ଛାତ୍ର ସଂଗଠନର ସ୍ୱାଭିମାନୀ ସଦସ୍ୟମାନେ ମାନେ ଏହି ଗଣଧାରଣାରେ ସାମିଲ ହୋଇ ସଫଳ କରିବା ପାଇଁ ସୁରକ୍ଷା ମଞ୍ଚର ଆବାହକ ତଥା କେନ୍ଦୁଝର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ, ସୁବର୍ଣ୍ଣ ନାୟକ, ସୁଜଳ କୁମାର ସେଠୀ, ଜନାର୍ଦ୍ଦନ ନାୟକ, ବାବାଜୀ ଚରଣ ପାତ୍ର, ଗୟାଧର ଦାସ, ପୂର୍ଣ୍ଣ ଚନ୍ଦ୍ର ଦାସ, ନିରୋଦ ଚନ୍ଦ୍ର ବେହେରା, ପ୍ରଫୁଲ ଜେନା ବହୁ ବୁଦ୍ଧିଜୀବୀ ନିବେଦନ କରିଛନ୍ତି ।

# ବିଦ୍ୟାଳୟ ଛାତ୍ରାବାସରୁ ଚିତିସାପ ଉଦ୍ଧାର

ନୀଳଗିର,(ସବ୍ୟୁ):ନୀଳଗିରି ସ୍ଥିତ କୈଳାସଚନ୍ଦ୍ର ଉଚ୍ଚବିଦ୍ୟାଳୟର ଛାତ୍ରାବାସରୁ ଏକ ୩ଫୁଟ ଲମ୍ବର ବିଷାକ୍ତ ଚିତି ସାପ ଉଦ୍ଧାର କରାଯାଇଛି । ସାପଟିକୁ ଉକ୍ତ ଛାତ୍ରାବାସର ଇନ୍‌ଚାର୍ଜ ରଘୁନାଥ ମଲ୍ଲିକ ପିଲା ରହୁଥିବା ଘରର କବାଟ ଫାଙ୍କରେ ଦେଖିବାକୁ ପାଇଥିଲେ ଏବଂ ତାହା ଦେଖି ସେ କୌଶଳର ସହ ଉକ୍ତ ଘରେ ରହିଥିବା ପିଲାମାନଙ୍କୁ ସୁରକ୍ଷିତ ବାହାର କରିଥିଲେ । ସଂଗେ ସଂଗେ ସ୍ନେକ୍ ହେଲ୍‌ଲାଇନ୍ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଶ୍ରୀ ରାଉତ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଛନ୍ତି । ହଷ୍ଟେଲ୍ ଇନଚାର୍ଜଙ୍କ କହିବା ମୁତାବକ ସମସ୍ତ ସରକାରୀ ସ୍ତରରୁ ନୂତନ ଛାତ୍ରାବାସ ହେବାକୁ ବାରମ୍ବାର ଦାବି ଉଠିଥିବା ବେଳେ ଏଯାବତ୍ ତାହା କାର୍ଯ୍ୟକ୍ଷମ ହେଉନାହିଁ ଏବଂ ପିଲାମାନଙ୍କ ଜୀବନ ବିପଦରେ କଟୁଛି । କାହାର କିଛି କ୍ଷତି ହେବା ପୂର୍ବରୁ ପ୍ରଶାସନ ତଥା ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଛାତ୍ରାବାସ କର୍ତ୍ତୃପକ୍ଷ ଦାବି କରିଛନ୍ତି ।

# ଡମଣଭୂମିରେ ପୋତାହେଲା ୨୪୬୯ କୁକୁଡ଼ା ୪୯୨ କେଜି କୁକୁଡ଼ା ଖାଦ୍ୟ

ନିରାକାରପୁର, (ସବ୍ୟୁ):ଶନିବାର ଦିନି କୁକୁଡ଼ା ମରା ଅଭିଯାନ ତୃତୀୟ ଦିବସରେ ଜଂକିଆ ଥାନା ଡମଣଭୂମିରେ ସପ୍ନେଶ୍ୱର ପ୍ରଧାନଙ୍କ କୁକୁଡ଼ା ଫାର୍ମରୁ ୨୪୫୦ କୁକୁଡ଼ା ସମେତ ୧୯ ଟି ଦେଶୀ କୁକୁଡ଼ାକୁ ମରା ଯାଇଛି । ତାହା ସହିତ ୪୯୨ କେଜି କୁକୁଡ଼ା ଦାନାକୁ ନଷ୍ଟ କରାଯାଇଛି । ଜେସିବି ଦାରା ଗାତ ଖୋଳାଯାଇ ସବୁ ପୋତ ଯାଇଛି । ତା ସହିତ ଉକ୍ତ ଅଞ୍ଚଳ କୁ ବିଶୋଧନ କରାଯାଇଛି । ଶନିବାର ସୁଦ୍ଧା ଖୋର୍ଦ୍ଧା ଜିଲ୍ଲା ଜଂକିଆରେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ସମୁଦାୟ ୭୬୭୯ କୁକୁଡ଼ା ମରା ଯାଇଥିବାବେଳେ ସମୁଦାୟ ୨୫୯୨ କେଜି କୁକୁଡ଼ା ଦାନା ନଷ୍ଟ କରାଯିବା ପୋତା ଯାଇଥିବା ଜିଲ୍ଲା ପ୍ରାଣୀ ବିଭାଗ ତରଫରୁ ଜଣାପଡିଛି । ସୂଚନାଯୋଗ୍ୟ କି ଘଟଣା ଘଟିଥିବା ମୁଣ୍ଡାଆମ୍ବ ଅଞ୍ଚଳ ଠାରୁ ୧ କିଲୋମିଟର ମଧ୍ୟରେ କୌଣସି ଚିକେନ ଦୋକାନ ନ ଖୋଲିବା ସହିତ ବାହାର କୁକୁଡ଼ା ଏହି ଅଞ୍ଚଳକୁ କିମ୍ବା ଏଠାରୁ କୁକୁଡ଼ା ବାହାର ଅଂଚଳକୁ ନେଇ ବିକ୍ରି କରିବା ନିଷେଧ କରାଯାଇଛି । କିଛି ଦିନ ପାଇଁ କୁକୁଡ଼ା ମାଂସ ଜାତୀୟ ଖାଦ୍ୟ ନ ଖାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ପ୍ରାଣୀ ଚିକିତ୍ସକ ଓ କର୍ମଚାରୀଙ୍କ ଏକ ଟିମ କୁକୁଡ଼ା ଚାଷ ହେଉଥିବା ବିଭିନ୍ନ ଅଞ୍ଚଳକୁ ଯାଇ ଯାଞ୍ଚ ଆରମ୍ଭ କରିଛନ୍ତି । ଯେଉଁଠାରେ କୁକୁଡ଼ା ଅଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ବୁଝିଛନ୍ତି । ଯଦି କୌଣସି କୁକୁଡ଼ା ଠାରେ ବାର୍ଡ ଫ୍ଲୁ ଗୁଣ ଦେଖିବାକୁ ମିଳୁଛି ତେବେ ତୁରନ୍ତ ଉକ୍ତ କୁକୁଡ଼ାଙ୍କୁ ମାରିବା ପାଇଁ ସେମାନଙ୍କୁ ଖବର ଦେବାକୁ ପରାମର୍ଶ ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ଡ. ମାନସ କୁମାର ଚାନ୍ଦ, ଡ.ରଶ୍ମିକାନ୍ତ ପାଲଟାସିଂହ, ଜଂକିଆର ଡ. ଗାୟତ୍ରୀ ଖୁଣ୍ଟିଆ, ବୋଲଗଡ଼ର ଡ.ରାଜେଶ ସେଠୀ, ବେଗୁନିଆର ଡ. ବନ୍ଦିତା ବେହେରା ଓ ନାଚୁଣୀର ଡ. ଅମି ବେହେରା ସମେତ ବହୁ ପ୍ରାଣୀ କର୍ମଚାରୀ ମାନେ ଯୋଗଦେଇଥିଲେ ।

# ଦୁଇ ମାଲ ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା : ୩ ମୃତ

ଦଶପଲ୍ଲା ,(ସବ୍ୟୁ) :ଶନିବାର ସନ୍ଧ୍ୟାରେ ନୟାଗଡ଼ଜିଲ୍ଲା ଦଶପଲ୍ଲା ଥାନା ଟାକେରା ନିକଟରେ ଦୁଇ ମାଲ ବୋଝେଇ ଟ୍ରକ ମଧ୍ୟରେ ମୁଁହମୁହିଁ ଧକ୍କା ହେବା ଫଳରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି । ମୃତ ବ୍ୟକ୍ତି ଦ୍ୱୟ ହେଉଛନ୍ତି ଡ୍ରାଇଭର ଦୀପକ ଚହ୍ୱାନ ଓ ହେଲପର ଅପଲା ନାଇଡୁ । ବେଳେ ଖବର ଲେଖାଯିବା ସୁଧା ଅନ୍ୟଜଣେ ମୃତକ ଙ୍କ ନାମ ଜଣାପଡିନାହିଁ । ମୃତ ଦୀପକଙ୍କ ଘର ଛତିଶଗଡ଼ ସୌରଗଞ୍ଜି ଜିଲା ଇନ୍ଦ୍ରପ୍ରସ୍ତ ହୋଇଥିବା ବେଳେ ଅପଲା ନାଇଡୁଙ୍କ ଘର ଆନ୍ଧ୍ରପ୍ରଦେଶ ଦଲପଲସାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଅପଲା ଟ୍ରକ ହେଲପର ହୋଇଥିବା ବେଳେ ଦୀପକ ଟ୍ରକ ଡ୍ରାଇଭର ଅଟନ୍ତି । ସେହିପରି ଆହତ ମାନଙ୍କ ନାଁ କୋୟା ମୋହନ ତାଙ୍କଘର ଛତିଶଗଡ଼ ରାଜ୍ୟ ଗୋବିନ୍ଦପୁର ଜିଲ୍ଲା ପୋଖରାଜ ଗ୍ରାମରେ ହୋଇଥିବା ବେଳେ ଅନ୍ୟଜଣଙ୍କ ନାଁ ପଙ୍ଗରା ଜୀୟୁଷ ଓ ତାଙ୍କଘର ଆନ୍ଧ୍ରପ୍ରଦେଶ କିନତାରା ଥାନା ଗୁଲାନ ପଲମ ବୋଲି ଜଣାପଡିଛି । ଉଭୟ ଗୁରୁତରଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଯୋଗ୍ୟ ରାୟପୁର ରୁ କଟକ ଆସୁଥିବା ଓ କେମିକାଲ ଗୁଣ୍ଡ ବୋଝେଇ ଟ୍ରକ ସହ ଆନ୍ଧ୍ରରୁ ରାଉରକେଲା ଯାଉଥିବା ସକ୍ରାପ ଗୁଣ୍ଡ ବୋଝେଇ ଏପି୩୧ଟିଏଚ୭୭୯୯ ଟ୍ରକ ମୁଁହ ମୁହିଁ ଧକ୍କା ହୋଇଥିଲା । ଫଳରେ ଟ୍ରକ ଦୁଇଟି ଓଲଟି ପଡିଥିବା ବେଳେ ଘଟଣା ସ୍ଥଳରେ ଟ୍ରକ ଡ୍ରାଇଭର ଦୀପକ ଓ ଅନ୍ୟ ଟ୍ରକ ହେଲପର ଅପଲ୍ଲା ନାଇଡୁଙ୍କ ସହ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି । ଏକ ବାଇକ କରେ ଯାଉଥିବା ବାଇକ ଆରୋହିଙ୍କୁ ସୁରକ୍ଷା ଦେବାକୁ ଯାଇ ଉଭୟ ଟ୍ରକ ମଧ୍ୟରେ ମୁଁହାମୁହିଁ ଧକ୍କା ହୋଇଥିଲା । ଅନ୍ୟ ପାଶ୍ୱର୍ରେ ବାଇକ ଆରୋହି ଜଣକ ରକ୍ଷା ପାଇ ଯାଇଥିବା ବେଳେ ବାଇକଟି ଟ୍ରକ ଚକା ତଳେ ଚିପି ହୋଇ ଯାଇଥିଲା। ଏପରିକି ଦୁଇ ମୃତକ ଟ୍ରକ ରେ ଚିପି ହୋଇ ରହିଥିଲେ। ଘଟଣାସ୍ଥଳରେ ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଦୁଇ ଟ୍ରକ ସହ ୩ ମୃତ ଶରୀର କୁ ଜବତ କରିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ସୁବର୍ଣ୍ଣରେଖା ଜଳସ୍ତର ବଢୁଛି: ନଦୀକୂଳିଆ ଗାଁରୁ ଲୋକଙ୍କୁ ସ୍ଥାନାନ୍ତର ଆରମ୍ଭ

ବାଲେଶ୍ୱର,(ସବ୍ୟୁ):- ଝାଡ଼ଖଣ୍ଡ ଓ ଓଡିଶାର ମୟୂରଭଞ୍ଜରେ ଗତ ତିନିଦିନ ହେଲା ଲଗାଣ ବର୍ଷା ଲାଗି ରହିଛି । ଝାଡ଼ଖଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡ଼ିହି ବ୍ୟାରେଜର ଚାରୋଟି ଫାଟକକୁ ଜଳସମ୍ପଦ ବିଭାଗ ପକ୍ଷରୁ ଖୋଲାଯାଇଛି । ଫଳରେ ସୁବର୍ଣ୍ଣ ରେଖା ଫୁଲିବା ଆରମ୍ଭ କରିଦେଇଛି । ଶନିବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ରାଜଘାଟ ଓ ମୟୂରଭଞ୍ଜ ଜିଲ୍ଲା ଜାମଶୋଳାରେ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଆପାଳ, ଜଳେଶ୍ୱର, ଭୋଗରାଇ ଓ ବସ୍ତା ବ୍ଲକର ଅନେକ ନଦୀ କୂଳିଆ ପଞ୍ଚାୟତରେ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳ ଓ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଉଛି । ନଦୀ ବନ୍ଧ ଗୁଡିକ ଉପରେ ଜଳସମ୍ପଦ ବିଭାଗକୁ ନଜର ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି । ବାହାର୍ଦା ପଂଚାୟତ ଅଫିସ ରେ ଆଜି ଶହେ, ଧେନକୁଟା ଉପ୍ରା ବିଦ୍ୟାଳୟରେ ଚାଳିଶ, ପୁନ ସୀତା ବିଦ୍ୟାଳୟରେ ସତୁରି ଏବଂ ପେଘର ପଦା ସ୍କୁଲରେ ୫୦ ଜଣ ଲୋକଙ୍କୁ ରନ୍ଧାଖାଦ୍ୟ ବ୍ଲକ ପକ୍ଷରୁ ପ୍ରଦାନ କରାଯାଉଛି । ବାଲେଶ୍ୱର ଜିଲ୍ଲାପାଳ ଆଜି ବାଲିଆପାଳ ବସ୍ତା ଭୋଗରାଇ ବ୍ଲକର ନଦୀ କୁଳିଆ ଅଂଚଳ ପରିଦର୍ଶନ କରିବା ସହ ରନ୍ଧା ଖାଦ୍ୟ ବଂଟନ ସମ୍ପର୍କରେ ବୁଲି ଦେଖିଥିଲେ । ପରେ ଜିଲ୍ଲାପାଳ ଚାରୋଟି ବ୍ଲକର ବିଡିଓ, ତହସିଲଦାର, ସିଡିଏମଓ, ଜଳ ସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଉପଜିଲ୍ଲାପାଳଙ୍କ ସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ର ମୁକାବିଲା ଉପରେ ଆଲୋଚନା କରିଥିଲେ । ଜଳ ସମ୍ପଦ ବିଭାଗର ସୂଚନା ମୁତାବକ ଆଜି ଝାଡ଼ଖଣ୍ଡର ଗାଲୁଡ଼ିହି ନଦୀ ବନ୍ଧର ଚାରୋଟି ଫାଟକ ଖୋଲାଯାଇଥିବା ବେଳେ ଦୁଇଟି ସ୍ଲୁଇସ ଗେଟ ଖୋଲାଯାଇଛି । ପ୍ରତି ସେକେଣ୍ଡ ରେ ମୋଟ ପନ୍ଦରଟି ଫାଟକ ଦେଇ ୭୨୦୪.୦୩ ଘନ ବର୍ଗ ଲିଟର ଜଳ ନିଷ୍କାସିତ ହେଉଛି । ସେହିପରି ଜଳେଶ୍ୱର ବ୍ଲକ ରାଜଘାଟ ରେ ବିପଦ ସଂକେତ ୧୦. ୩୬ମିଟର ଓ ସତର୍କ ସୂଚନା ୯. ୪୫ମିଟର ଧାର୍ଯ୍ୟରହିଥିବା ବେଳେ ଆଜି ଅପରାହ୍ନ ତିନିଟା ରେ ସୁବର୍ଣ୍ଣରେଖାର ଜଳ ସ୍ତର ୭.୩୬ ମିଟରରେ ପ୍ରବାହିତ ହେଉଥିଲା । ସୁବର୍ଣ୍ଣରେଖା ବେସିନ ର ମଥାନୀ ରୋଡ଼ ବ୍ରିଜ ରେ ବିପଦ ସଂକେତ ୬. ୫ ମିଟର ଧାର୍ଯ୍ୟହୋଇଥିବା ବେଳେ ଆଜି ତିନିଟା ବେଳେ ୭.୧୯ ମିଟରରେ ପ୍ରବାହିତ ହେଉଥିଲା ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।









ବିଶିଷ୍ଟ ସାରସ୍ୱତ ସାଧିକା ଡ. ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ, ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବ ପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ ।

### ରାଜ୍ୟରେ ନାରୀ ନିର୍ଯାତନାର ଅହେତୁକ ବୃଦ୍ଧି ପ୍ରସଙ୍ଗ

## ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଅଫିସ ଆଗରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ): ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଅହେତୁକ ଭାବେ ନାରୀ ନିର୍ଯାତନା ବୃଦ୍ଧି ପାଇଥିବା ଯୋଗୁଁ ବିଜୁ ଜନତା ଦଳ ତରଫରୁ ଶନିବାର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ଷୋଭ ପରେ ବିଜେଡି ତରଫରୁ ଡିଆଇଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ସ୍ମାରକପତ୍ରରେ, ରାଜ୍ୟରେ ବିଜେପି ସରକାରଙ୍କ ୧୩ ମାସ ଶାସନରେ ନାରୀ ନିର୍ଯାତନା ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଆଦି ଘଟଣା ଅହେତୁକ ଭାବେ ବୃଦ୍ଧି ପାଇଛି । ସାରା ରାଜ୍ୟରେ ଏହି ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ, ଅବିଭକ୍ତ କୋରାପୁଟ ଜିଲ୍ଲା ଏଥିରୁ ବାଦ୍ ପଡ଼ିନାହିଁ । ନିକଟରେ କୋରାପୁଟ ଜିଲ୍ଲାରେ ଘଟିଯାଇଥିବା ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ମାଲକାନଗିରି ଜିଲ୍ଲାରେ ପନ୍ଦର ବର୍ଷର ଜଣେ ଅନୁସୂଚିତ ଜାତିର ନାବାଳିକାକୁ କିଛି ଘଣ୍ଟାର ବ୍ୟବଧାନରେ ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହେବାକୁ ପଡିଛି । ପ୍ରଥମେ ତାକୁ ଉଠାଇ ନେଇ ୩ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଥିଲେ । ଯେତେବେଳେ, ନାବାଳିକା ସେଇ ଯୌନ ପିଶାଚ ମାନଙ୍କ ଠାରୁ ମୁକ୍ତି ପାଇ ନିଜ ଘରକୁ ଫେରୁଥିବା ସମୟରେ, ଅଧା ରାସ୍ତାରେ ଆଉ ଜଣେ ଟ୍ରକ ଡ୍ରାଇଭର ତାକୁ ଉଠାଇ ନେଇ ଦୁଷ୍କର୍ମ କରିଛି । ଏହି ସରକାରଙ୍କ ସମୟରେ, ଡବଲ ଇଞ୍ଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅଭାବନୀୟ କାଣ୍ଡ ଘଟିଛି ।

ସେହିପରି, ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଛାତ୍ରୀ ଜଣଙ୍କ ଜୟପୁର ସହରର ବିଟ୍ ବଜାର ଉପରେ ଜଣେ ଦୁର୍ବୃତ୍ତ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲା । ଏହି ଘଟଣା ଥାନାରେ ଏଫଆଇଆର ଦେବା ପରେ ଥାନା ଅଧିକାରୀଙ୍କ ଦ୍ୱାରା ଅଭିଯୁକ୍ତକୁ ଥାନାକୁ ଅଣାଯାଇ କିଛି ପଚରାଉଚରା ପରେ ଛାଡି ଦିଆଯାଇଥିଲା । ଏହାପରେ ଦୁର୍ବୃତ୍ତ ଜଣକ ପୀଡିତା ଛାତ୍ରୀଙ୍କ ଗାଁରେ ପହଞ୍ଚି ତା ସହିତ କୁକର୍ମ କରି ତାର ଭିଡିଓ ଭାଇରଲ କରି ତାକୁ ନିର୍ଯାତନା ଦେଇଛି । ଏହାପରେ, ପୀଡିତାଙ୍କ ଦାଦା ଥାନାରେ ଆଉ ଏକ ଏଫଆଇଆର ଦେଇଛନ୍ତି । ଡବଲ ଇଞ୍ଜିନ ସରକାରରେ ଡବଲ ଏଫଆଇଆର ଦେବାକୁ ପଡୁଛି, କିନ୍ତୁ ନ୍ୟାୟ ମିଳୁନାହିଁ । ପୀଡ଼ିତା ଛାତ୍ରୀ ଜଣକ ନ୍ୟାୟ ନପାଇବାରୁ ହତାଶ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି ।

୨୦୨୪ ମସିହା ସେପ୍ଟେମ୍ବର ୧୭ ତାରିଖ ଦିନ ତେନ୍ତୁଳିଖୁଣ୍ଟା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକାର ମୃତଦେହ ଗୋଟିଏ ବୁଦାମୂଳରୁ ପୋଲିସକୁ ମିଳିଥିଲା । ନାବାଳିକା ଜଣକ ପୋଖରୀପାଣି ଯିବା ପାଇଁ ଘରୁ ବାହାରକୁ ଆସି ଆଉ ଫେରିନଥିଲା । ନାବାଳିକା ଜଣକ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ସନ୍ଦେହ କରାଯାଉଛି । ୨୦୨୫ ମସିହା ମେ' ୩ ତାରିଖରେ ଆଉ ଜଣେ ଆଠ ବର୍ଷ ବୟସର ନାବାଳିକା ଗୁନେଇପଡା ଏସ୍ଟି, ଏସ୍ସି ହଷ୍ଟେଲରେ ଜଣେ କର୍ମଚାରୀ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିଲା । ହଷ୍ଟେଲ ଅଧିକାରୀ ପୀଡ଼ିତାକୁ ଚିକିତ୍ସିତ କରାଇବା ପରିବର୍ତ୍ତେ, ତା ଘରକୁ ପଠାଇ ଦେଇଥିଲେ । ସେହିପରି ୨୦୨୫ ମସିହା ଜୁଲାଇ ୨୫ ତାରିଖରେ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଅଞ୍ଚଳରେ ଜଣେ ୬ ବର୍ଷର ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲା । ଏହିଭଳି ଘଟଣାମାନ ଯୋଗୁଁ ଆଜି ଓଡ଼ିଶାର ନାଁ ଭୂଲୁଣ୍ଠିତ ହୋଇଛି, ମାଟିରେ ମିଶିଛି । ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡିଛନ୍ତି । ନାରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରୁଛି ବୋଲି ସ୍ମାରକପତ୍ରରେ କୁହାଯାଇଛି ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ରବି ନନ୍ଦ, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଝିନ ହିକକା, ରମେଶ ମାଝୀ, ଭୃଗୁ ବକ୍ସିପାତ୍ର, ରଘୁରାମ ପଡାଲ, ପ୍ରୀତମ ପାଢ଼ୀ, ଶ୍ରୀମତୀ ପଦ୍ମିନୀ ଦିଆନ, ମାନସ ମାଡକାମୀ, ଜଗନ୍ନାଥ ସାରକା, କୌଶଲ୍ୟା ହିକକା, ଲଲାଟ ରଞ୍ଜନ ସେଠୀ, ଲକ୍ଷ୍ମୀ ନାୟକ, ସଦାଶିବ ପ୍ରଧାମୀ, ଶ୍ରୀମତୀ ଅନୁସୂୟା ମାଝୀ, ଶସ୍ମିତା ମେଲକା, ସମାରୀ ତାଙ୍ଗୁଲୁ, ଶ୍ରୀମତୀ କୁନି ଅଧିକାରୀ, ଦେବାଶିଷ ଖଡଙ୍ଗା, ଶ୍ରୀମତୀ ସରସ୍ୱତୀ ମାଝୀ, ଶ୍ରୀମତୀ ରାଧା ଭତ୍ରା, ପ୍ରଭୁ ଜାନୀ, ପ୍ରଫୁଲ୍ଲ ପାଙ୍ଗୀଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ବ୍ଲକ, ମ୍ୟୁନିସିପାଲିଟି ଓ ଏନଏସିର ବିଜେଡି ନିର୍ବାଚିତ ପ୍ରତିନିଧିମାନେ ସାମିଲ ଥିଲେ ।

### ଦୁର୍ଗମ ଅଞ୍ଚଳରେ ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟସେବା

## ଯୋଗାଇ ଦେଉଛି ୟୁଏଆଇଏଲ୍‌ର 'ନିରୋଗଶାଳା'

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନାର ନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) 'ନିରୋଗଶାଳା' ପ୍ରଚଳନ କରିଛି। ଏହି ସିଏସ୍‌ଆର ପ୍ରୟାସ ଓଡ଼ିଶାର ରାୟଗଡା ଜିଲ୍ଲାର ଦୁର୍ଗମ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କ ଦ୍ୱାରଦେଶରେ ସେମାନଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ନିରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡ଼ିକରେ ରୂପାନ୍ତରଣ ଆଣିଛି। ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଆଦି ଦୂର ଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍‌ପେନସାରୀ ସ୍ଥାପନ କରିଛି। ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଅଞ୍ଚଳ ଶ୍ରୀ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ, କହିଛନ୍ତି, "ନିରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନଗୁଡ଼ିକରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ। ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ



ରହିନାହିଁ- ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ। ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବାଆମର ଲକ୍ଷ୍ୟ।" ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି, ଏଠାରେ ମଧ୍ୟ ମୌ÷ଳିକ ଚିକିତ୍ସା ଭିତ୍ତିଭୂମି ରହିଛି। ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନିଦିନ ଅଦଳ ବଦଳ ଭିତ୍ତିରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି। ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦-୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ଶ୍ରୀ ମନ୍ତ୍ରରାମ ମାଝୀ ବିସ୍ତୃତ ଭାବରେ ଉଲ୍ଲେଖ କରି କହିଥିଲେ, "ନିରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମଗୁଡିକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି।

### ଉପଯୁକ୍ତ ଜଳସେଚନ ମାଧ୍ୟମରେ କୃଷକମାନଙ୍କୁ

## ସଶକ୍ତ କରିବାର ୬୦ ବର୍ଷ ପାଳନ କରୁଛି ନେଟାଫିମ୍ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଜଳସେଚନ ସମାଧାନରେ ବିଶ୍ୱର ଅଗ୍ରଣୀ ତଥା ନେଟାଫିମ୍ ଓର୍ବିଆର ପ୍ରିସିସନ୍ ଏଗ୍ରିକଲ୍‌ଚର ବିଜ୍‌ନେସର ସହାୟକ କମ୍ପାନୀ ନେଟାଫିମ୍ ଇଣ୍ଡିଆ କୃଷି କ୍ଷେତ୍ରରେ ୬୦ ବର୍ଷର ନବସୃଜନ, ପ୍ରଭାବ ଏବଂ ନେତୃତ୍ୱକୁ ପାଳନ କରୁଛି। ଏହି ମାଇଲଖୁଣ୍ଟ କୃଷି ପରିବର୍ତନ, ଖାଦ୍ୟ ସୁରକ୍ଷା ଅଗ୍ରଗତି, ଜଳବାୟୁ ନମନୀୟତା ଏବଂ ସମଗ୍ର ବିଶ୍ୱରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବାର ଛଅ ଦଶନ୍ଧି ଚିହ୍ନିତ କରେ। ନିଜର ୬୦ ବର୍ଷର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ, ନେଟାଫିମ୍ ଇଣ୍ଡିଆ ଦଶଟି ରାଜ୍ୟରେ ବ୍ୟାପକ ସ୍ତରରେ କୃଷକ ଶିକ୍ଷା ପଦକ୍ଷେପ ଆରମ୍ଭ କରିବ। ଏହି କାର୍ଯ୍ୟକ୍ରମ ଏକ ଲକ୍ଷରୁ ଅଧିକ କୃଷକଙ୍କ ନିକଟରେ ପହଂଚିବ, ଯେଉଁଥିରେ କ୍ଷୁଦ୍ର ଚାଷୀ, ମହିଳା ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଉପରେ ଗୁରୁତ୍ୱ ଦିଆଯିବ। ଭାରତରେ, ନେଟାଫିମ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି-୧୨ ଲକ୍ଷରୁ ଅଧିକ କୃଷକଙ୍କ ନିକଟରେ ପହଂଚି ୧୩ ଲକ୍ଷ ହେକ୍ଟର ଜମିକୁ ସ୍ମାର୍ଟ ଜଳସେଚନ ଅଧୀନରେ




ଆଣିଛି। ଏହାର ସଠିକ୍ ଜଳସେଚନ ସମାଧାନ ଭାରତୀୟ କୃଷକମାନଙ୍କୁ ୩୦-୪୦% ପର୍ଯ୍ୟନ୍ତ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଜଳ ବ୍ୟବହାରକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି, ଯାହା ଏକ ଜଳବାୟୁ-ନମନୀୟ ଏବଂ ଜଳ-ଦକ୍ଷ କୃଷି ଇକୋସିଷ୍ଟମରେ ଯୋଗଦାନ ଦେଇଛି। ରଣଧୀର ଚୌହାନ, ପରି·ଳନା ନିର୍ଦ୍ଦେଶକ, ନେଟାଫିମ୍ ଇଣ୍ଡିଆ ଏହି ଅବସରରେ କହିଥିଲେ, "ଆମେ ବିଶ୍ୱ ସ୍ତରରେ ୬୦ ବର୍ଷ ପାଳନ କରୁଛୁ ଏବଂ ଆମର ଲକ୍ଷ୍ୟ ଅପରିବର୍ତ୍ତିତ ରହିଛି।

### ପୁଲିସ-ଉଗ୍ରବାଦୀ ଗୁଳି ବିନିମୟ

## ୪ ନିହତ, ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ

ରାଉରକେଲା, (ସବ୍ୟୁ) : ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗୁମଲା ଘାଘରା ଥାନା ସେହଲ ଲଭଡାଗ ଗାଁରେ ପୁଲିସ - ନିଷିଦ୍ଧ ଉଗ୍ରବାଦୀ ସଂଗଠନ ଝାଡ଼ଖଣ୍ଡ ଜନ ମୁକ୍ତି ପରିଷଦ (ଜେଜେଏମପି) ମଧ୍ୟରେ ଗୁଳି ବିନିମୟ ହୋଇଛି । ପୁଲିସ ଏନକାଉଣ୍ଟରରେ ୪ ଉଗ୍ରବାଦୀ ନିହତ ହୋଇଛନ୍ତି । ସମସ୍ତ ତିନି ଉଗ୍ରବାଦୀଙ୍କ ମୃତଦେହ ଜଙ୍ଗଲରେ ପଡ଼ିରହିଛି । ଘଟଣାସ୍ଥଳରୁ ଏକେ-୪୭ ଓ ଇନସାସ ରାଇଫଲ୍ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି ପୋଲିସ ।

ପୁଲିସ କହିଛି ଯେ ମଝିରେ ମଝିରେ ଗୁଳିଚାଳନା ଜାରି ରହିଛି । ମୃତକଙ୍କ ମଧ୍ୟରୁ ଜଣଙ୍କର ପରିଚୟ ଦୀପକ ଲୋହାର ବୋଲି ଚିହ୍ନଟ ହୋଇଛି । ଅନ୍ୟ ଉଗ୍ରବାଦୀମାନଙ୍କୁ ଏବେ ବି ଚିହ୍ନଟ କରାଯାଇନାହିଁ । ଗୁମଲା ପୁଲିସ ଗୁପ୍ତ ସୂଚନା ପାଇଥିଲା ଯେ ଘାଘରାର ସେହଲ ଗାଁରେ ଜେଜେଏମପି ଉଗ୍ରବାଦୀମାନେ ଏକ ବଡ଼ ଘଟଣା ଘଟାଇବା ପାଇଁ ଏକାଠି ହେଉଛନ୍ତ । ଏହି ସୂଚନା ଆଧାରରେ, ପୁଲିସ ଦଳ ଗଠନ କରାଯାଇଥିଲା । ପୁଲିସ ଉଗ୍ରବାଦୀମାନଙ୍କୁ ଘେରିଯିବା ପାଇଁ ଜଙ୍ଗଲରେ ପ୍ରବେଶ କରିଥିଲା । ପୁଲିସ ସେହଲ ଗ୍ରାମ ନିକଟରେ ଉଗ୍ରବାଦୀଙ୍କ ଆଡ୍ଡା ଆଡ଼କୁ ଯିବା ମାତ୍ରେ ଉଗ୍ରବାଦୀମାନେ ଜଙ୍ଗଲରେ ପୁଲିସ ଉପରେ ଗୁଳିଚାଳନା ଆରମ୍ଭ କରିଥିଲେ । ପୁଲିସ ମଧ୍ୟ ପାଲଟା ଜବାବ ଦେଇଥିଲା । ପାଲଟା ଜବାବରେ, ଘଟଣାସ୍ଥଳରେ ତିନି ଜଣ ଉଗ୍ରବାଦୀଙ୍କ ମୃତ୍ୟୁ ହୋଇଥିଲା । ପୁଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛି ।

### ଇନଷ୍ଟିଚ୍ୟୁଟ ଅଫ ଟାଉନ ପ୍ଲାନର୍ସ ଇଣ୍ଡିଆ

## ଓଡ଼ିଶା ଅଧ୍ୟକ୍ଷ ହେଲେ ମହମ୍ମଦ ଅଲ୍ଲୀ

ଭୁବନେଶ୍ୱର (ସବ୍ୟୁ): ଇନଷ୍ଟିଚ୍ୟୁଟ ଅଫ ଟାଉନ ପ୍ଲାନର୍ସ ଇଣ୍ଡିଆ (ଓଡ଼ିଶା ଚାପଟର) ସାଧାରଣ ବାର୍ଷିକ ପରିଷଦ ବୈଠକରେ ଦୁଇ ବର୍ଷ ପାଇଁ ମହମ୍ମଦ କ୍ୟୁସାର ଇକ୍ୟୁବାଲ ଅଲ୍ଲି ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ବର୍ତ୍ତମାନ ସେ ବିଡିଏର ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟରତ ଅଛନ୍ତି ।

ଏହି ବୈଠକରେ ପରିଷଦର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାମାନେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏଥିରେ ଯୋଗ ଦେଇଥିବା ସଦସ୍ୟମାନେ



ସମ୍ମୁଖୀନ ହେଉଥିବା ନିଯୁକ୍ତି ସଙ୍କଟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା ।

## ବୀର ଯବାନ ପରିବାରଙ୍କ ପାଇଁ ଆଇନ ସେବା କ୍ଲିନିକ ଉଦ୍‌ଘାଟିତ

ଭୁବନେଶ୍ୱର(ସବ୍ୟୁ): ଦେଶର ଗର୍ବ ବୀର ଯବାନ ଓ ସେମାନଙ୍କ ପରିବାର ବର୍ଗକୁ ଆବଶ୍ୟକସ୍ଥଳେ ଆଇନଗତ ଓ ସାମାଜିକ ସହଯୋଗ ପ୍ରଦାନ କ୍ଷେତ୍ରରେ ସ୍ଥାନୀୟ ରାଜ୍ୟ ସୈନିକ ବୋର୍ଡ ପରିସରରେ ଏକ ଆଇନ ସେବା କ୍ଲିନିକ ଉଦଘାଟିତ ହୋଇଛି । ସୁପ୍ରିମକୋର୍ଟର ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକାରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦଘାଟନ କରିଛନ୍ତି । ବୀର ଯବାନ ମାନଙ୍କ ପ୍ରତି ସମ୍ମାନର ସହ ଆବଶ୍ୟକୀୟ ତ୍ୱରିତ ଆଇନ ସେବା ପ୍ରଦାନ ସୁବିଧା ନିମନ୍ତେ ଏହି ଆଇନ ସେବା କ୍ଲିନିକ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି, ଘନଶ୍ୟାମ ଓଝା, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଉପସଚିବ



ଓଡ଼ିଶା ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ଅବସରପ୍ରାପ୍ତ ଜେନେରାଲ ଜେ. କେ. ମହାନ୍ତି, ଏୟାର ମାର୍ଶାଲ ଜେ.ଏନ୍. ବର୍ମା, ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଆସିଷ୍ଟାଣ୍ଟ ସେକ୍ରେଟାରୀ ବିବେକ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସତ୍ୟସାଇସେବା ସମିତି ପକ୍ଷରୁ ଡିଷ୍ଟ୍ରିକ୍ଟ ଲେଭୁଲ ଡିଜାଷ୍ଟର ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଚୌଦ୍ୱାର, (ସ.ବ୍ୟୁ.): ଚୌଦ୍ୱାରସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ କିଭଳି ବନ୍ୟା ବିପର୍ଯ୍ୟୟରୁ ନିଜକୁ ଏବଂ ଲୋକମାନଙ୍କୁ ସୁରକ୍ଷା ଦେଇପାରିବେ ସେ ନେଇ ଡିଷ୍ଟ୍ରିକ୍ଟ ଲେଭୁଲ ଡିଜାଷ୍ଟର ମ୍ୟାନେଜମେ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତିର ଅବାହାକ ରଞ୍ଜିତ୍ ପ୍ରଧାନଙ୍କ ଆବାହକତ୍ୱ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ବନ୍ୟା, ବାତ୍ୟା ଭଳି ବିଭୀଷିକାରୁ କିପରି ନିଜକୁ ତଥା ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ଏବଂ ଅଗ୍ନିକାଣ୍ଡରେ ଦୁର୍ଘଟଣା ଘଟୁଥିବା ସ୍ଥାନମାନଙ୍କରେ କିଭଳି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେ ନେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସମିତିର ସଂଯୋଜକ ସିଦ୍ଧାର୍ଥ କୁମାର ଚାନ୍ଦ ଏବଂ ସାଇକୃଷ୍ଣ ଦୋରା ଆଗକୁ ଏହିଭଳି କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ପ୍ରକାଶ କରିଥିବା ବେଳେ ସମିତିର ସମସ୍ତ ସଦସ୍ୟ ଓ କଲେଜର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଉନ୍ମୋଚନ କଲା

## ଅଲ୍-ନିୟୁ ସିବି ୧୨୫ ହର୍ନେଟ୍ ଏବଂ ଶାଇନ୍ ୧୦୦ ଡିଏକ୍ସ

ଭୁବନେଶ୍ୱର (ସବ୍ୟୁ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ତାହାର ବ୍ୟବସାୟ ପରିଚାଳନାର ୨୫ବର୍ଷ ପାଳନ କରିଛି। କମ୍ପାନୀ ଦୁଇଟି ନୂଆମୋଟର ସାଇକଲ-ସିବି୧୨୫ ହର୍ନେଟ୍‌ଏବଂ ଶାଇନ୍ ୧୦୦ ଡିଏକ୍ସ ଉନ୍ମୋଚନ କରିବା ସହିତ ତାହାର ଗୌରବୋଜ୍ଜ୍ୱଳ ୨୫ ବର୍ଷ ପାଳନ କରିଛି।ଏହି ନୂତନ ଉନ୍ମୋଚନ ଭାରତୀୟଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିବା ଆଧୁନିକ, ପ୍ରଯୁକ୍ତି ଦୃଷ୍ଟିରୁ ଉନ୍ନତ ଉତ୍ପାଦ ଯୋଗାଇ ଦେବାକୁ ଏଚଏମ୍‌ଏସଆଇର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି । ସ୍ୱର୍ଣ୍ଣିମ ଆଧିପତ୍ୟ ବିସ୍ତାର ନିମନ୍ତେ ଜେନେରେସନ ହୋଣ୍ଡାର ନୂତନ ଯୁଗଉନ୍ମେଷ କରୁଥିବା ଅଲ୍-ନିୟୁ ହୋଣ୍ଡା ସିବି୧୨୫ହର୍ନେଟ୍ ଏବଂ ହୋଣ୍ଡା ଶାଇନ୍ ୧୦୦ ଡିଏକ୍ସ ନିମନ୍ତେ ବୁକିଂ ୨୦୨୫ ଅଗଷ୍ଟ ୧ ତାରିଖରୁ ଉନ୍ମୁକ୍ତ ହେବ। ଏହି ସ୍ମରଣୀୟ ମୁହୂର୍ତ୍ତରେ ପ୍ରକାଶ କରି ସୁଟସୁମୁଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଣ୍ଟ ଓ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, "ଭାରତରେ ଆଜି ଏଚଏମ୍‌ଏସଆଇର ଯାତ୍ରାରେ ଏକ



ଗୁରୁତ୍ୱପୂର୍ଣ୍ଣ ଦିନ ହୋଇଛି। ଆମେ ଗର୍ବର ସହିତ ଗୋଟିଏ ନୁହେଁ, ଦୁଇଟି ନୂଆ ମୋଟରସାଇକଲ ଉନ୍ମୋଚନ କରୁଛି ଯାହା ନବସୃଜନ ଏବଂଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ପ୍ରତିହୋଣ୍ଡାର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି। ସିବି୧୨୫ ହର୍ନେଟ୍‌ଏବଂଶାଇନ୍ ୧୦୦ ଡିଏକ୍ସର ଉନ୍ମୋଚନ ଭାରତୀୟ ବଜାର ନିମନ୍ତେ ଉଚ୍ଚ-ପ୍ରଯୁକ୍ତିଯୁକ୍ତ ଗମନାଗମନ ସମାଧାନ ଆଣିଦେବା ନିମନ୍ତେ ଆମର ପ୍ରତିଶ୍ରୁତିକୁ ପୁନଃ ସୁଦୃଢ଼ କରୁଛି। ଏହିଉତ୍ସବ ପାଳନ ମଧ୍ୟ ହୋଣ୍ଡାର ୫୦୦ ନିୟୁତ ଉତ୍ପାଦନର ବୈଶ୍ୱିକ ସଫଳତା ଏବଂ ଏଚଏମ୍‌ଏସଆଇର ୭୦ ନିୟୁତ ତମ ଉତ୍ପାଦନ ସହିତସମାନ ସମୟରେ କରାଯାଉଛି। ଆମେ ଆମର ଗ୍ରାହକ, ଅଂଶୀଦାର ଏବଂ କର୍ମଚାରୀମାନଙ୍କ ପ୍ରତିଗଭୀର କୃତଜ୍ଞ, ଯେଉଁମାନେ ଏହି ଯାତ୍ରାକୁ ସମ୍ଭବ କରାଇଛନ୍ତି ଏବଂ ଆଗାମୀ ବର୍ଷଗୁଡ଼ିକରେ ଆମର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଆମେ ଆଶା ରଖୁଛୁ।

# ପିଏମ୍ ମୋଦି ଜଣେ ଅଦ୍ଭୁତ ବ୍ୟକ୍ତି : ମୁଇଜୁ



ମାଲେ: ବଦଳି ଯାଇଛି ଚିତ୍ର। ପରିବର୍ତ୍ତନ ହୋଇ ଯାଇଛି ମତ ଓ ପଥ। ଆମେ କହୁଛୁ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ କଥା। ପୂର୍ବରୁ ଯେଉଁଭଳି ଭାବେ ସେ ଭାରତ ବିରୋଧି ବିବୃତ୍ତି ମାନ ଦେଉଥିଲେ , ତାହା ତ ସମସ୍ତେ ଜାଣନ୍ତି। ଏବେ କିନ୍ତୁ ସେ ଭାରତକୁ ଖୁବ୍ ପ୍ରଶଂସା କରୁଛନ୍ତି। ସେ ଭାରତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି । ଶନିବାର ମୁଇଜୁ ପିଏମ ମୋଦିଙ୍କୁ ଅଦ୍ଭୁତ ବ୍ୟକ୍ତି ଭାବେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ମାଳଦ୍ୱୀପ ଓ ଭାରତ ମଧ୍ୟରେ ଅନେକ ଶତାବ୍ଦୀରୁ ଭଲ ସଂପର୍କ ରହିଛି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆଗାମୀ ଦିନରେ ଦୁଇ ସରକାରଙ୍କ ମଧ୍ୟରେ ସାହାଯ୍ୟ ସହଯୋଗ ଆହୁରି ମଧ୍ୟ ଗଭୀର ହେବ।

ଭାରତ ସହ ଋଣ ସୁବିଧା , ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଓ ୟୁପିଆଇ ସହ ସମ୍ବନ୍ଧିତ ଚୁକ୍ତିନାମା ଗୁଡ଼ିକ ଉପରେ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁ କହିଛନ୍ତି ଯେ, ଏଥିରେ ମାଳଦ୍ୱୀପକୁ ଆଗକୁ ବଢିବାରେ ବହୁତ ସାହାଯ୍ୟ ମିଳିବ। ଆମେ ନିଜ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିନାମା ଓ ବୁଝାମଣାପତ୍ରକୁ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ। ଦୁଇ ଦେଶର ଲୋକ ଖୁବ୍ ଆଗ୍ରହୀ। ଏଥିରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଓ ଭାରତ ଯାଉଥିବା ମାଳଦ୍ୱୀପର ଲୋକଙ୍କ ଲାଭ ମିଳିବ। ଆମେ ଏବେ ଏହା (ଏଫଟିଏ) ଉପରେ କାମ ଆରମ୍ଭ କରିଛୁ ଏବଂ ଆମର ବିଶ୍ୱାସ ଯେ , ଏହା ଖୁବ୍ ଶୀଘ୍ର ପୂରା ହୋଇଯିବ। ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଭାରତ ମହାସାଗରକୁ ମାଳଦ୍ୱୀପ ଓ ଭାରତ ମଧ୍ୟରେ ଦୀର୍ଘକାଳୀନ ସମ୍ବନ୍ଧକୁ ଜୀବନ୍ତ ପ୍ରମାଣ ଦର୍ଶାଇ କହିଛନ୍ତି ଯେ, ଉଭୟ ଦେଶ ଏକ ମଜବୁତ ଓ ଅତୁଟ ବନ୍ଧନ ସ୍ଥାପିତ କରିଛନ୍ତି , ଯାହା କୂଟନୀତି ଠାରୁ ଊର୍ଦ୍ଧ୍ୱରେ। ମାଳଦ୍ୱୀପ ଓ ଭାରତ ମଧ୍ୟରେ ୬୦ ବର୍ଷର କୂଟନୀତିକ ସମ୍ବନ୍ଧ ଉପରେ ଆଲୋକପାତ କରି ମୁଇଜୁ ଏହାକୁ ସହଭାଗୀ ଇତିହାସ ଓ ସ୍ଥାୟୀ ସହଭାଗିତାର ପ୍ରତିଫଳନ ବୋଲି କହିଛନ୍ତି। ରାଷ୍ଟ୍ରପତି କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁସାରେ , ମୁଇଜୁ କହିଛନ୍ତି ଯେ, ମାଳଦ୍ୱୀପ ଓ ଭାରତ ମଧ୍ୟରେ ସମ୍ବନ୍ଧ ଔପଚାରିକ କୂଟନୀତି ଠାରୁ ଅଧିକ ତଥା ଅନେକ ଶତାବ୍ଦୀର ଦୃଢ ସଂପର୍କ।

# ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ




ପାଟନା: ହୋମଗାର୍ଡ ପରୀକ୍ଷା ବେଳେ ଅଚେତ୍ ହେଲେ ମହିଳା। ଡାକ୍ତରଖାନା ନେବା ବାଟରେ ଦୁଷ୍କର୍ମ କରିଛନ୍ତି ଦୁର୍ବୃତ୍ତ। ବିହାରର ଗୟା ଜିଲ୍ଲାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ହୋମଗାର୍ଡ ନିଯୁକ୍ତି ପାଇଁ ଆବେଦନ କରିଥିବା ଜଣେ ୨୬ ବର୍ଷୀୟ ମହିଳା, ଫିଜିକାଲ ଟେଷ୍ଟ ସମୟରେ ଅଚେତ ହୋଇପଡ଼ିଥିଲେ। ଏହା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଉଥିବା ବେଳେ ଚଳନ୍ତା ଆମ୍ବୁଲାନ୍ସରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଜୁଲାଇ ୨୪ତାରିଖରେ ବୋଧଗୟାର ବିହାର ସାମରିକ ପୁଲିସ ପଡ଼ିଆରେ ହୋମଗାର୍ଡ ନିଯୁକ୍ତି ପାଇଁ ଫିଜିକାଲ ଟେଷ୍ଟ କରାଯାଉଥିଲା। ଏହି ପରୀକ୍ଷା ଦେବା ସମୟରେ ମହିଳା ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଘଟଣାସ୍ଥଳେ ନିୟୋଜିତ ଏକ ଆମ୍ବୁଲାନ୍ସ ମାଧ୍ୟମରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କାର୍ଯ୍ୟକ୍ରମ ଆୟୋଜକମାନେ କରିଥିଲେ। ମହିଳାଜଣକ ଅଭିଯୋଗ କରିଛନ୍ତି ଯେ, ସେ ଅଚେତ ଥିବା ସମୟରେ ଆମ୍ବୁଲାନ୍ସ ଭିତରେ ଅନେକ ଲୋକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ତାଙ୍କ ବୟାନ ପରେ, ବୋଧଗୟା ପୁଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରାଯାଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ବିନୟ କୁମାର ଓ ଟେକନିସିଆନ୍ ଅଜିତ୍ କୁମାରଙ୍କୁ ଗିରଫ କରିଛି ପୁଲିସ। ୩-୪ଜଣ ଦୁଷ୍କର୍ମ କରିଥିବା ନେଇ ମହିଳା ଅଭିଯୋଗ କରିଥିବା ବେଳେ ଏବେ ୨ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି ପୁଲିସ।

# ପି.ସି. ମୋଦି କିଏ ? କରିବେ ଉପରାଷ୍ଟ୍ରପତି ନିର୍ବାଚନ




ନୂଆଦିଲ୍ଲୀ: ଜଗଦୀପ ଧନଖଡଙ୍କ ଅଚାନକ ଇସ୍ତଫା ଯୋଗୁ ଦେଶରେ ଉପରାଷ୍ଟ୍ରପତି ନିର୍ବାଚନ ଏବେ ଜରୁରି ହୋଇପଡିଛି। ନିର୍ବାଚନ ଆୟୋଗ ଏଥି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ଶୁକ୍ରବାର ରାଜ୍ୟସଭା ମହାସଚିବ ପି.ସି.ମୋଦିଙ୍କୁ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରିଛନ୍ତି। ପ୍ରକ୍ରିୟା ଅନୁସାରେ ଲୋକସଭା ମହାସଚିବ ହୁଅନ୍ତୁ କି ରାଜ୍ୟସଭା ସେମାନଙ୍କୁ ପାଳି ଅନୁସାରେ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଏ।

ଗତ ଉପରାଷ୍ଟ୍ରପତି ନିର୍ବାଚନ କାଳରେ ଲୋକସଭା ମହାସଚିବ ନିର୍ବାଚନ ଅଧିକାରୀ ଥିଲେ। ସେହି ଅନୁସାରେ ଏଥର ନିର୍ବାଚନ ବେଳକୁ ରାଜ୍ୟସଭା ମହାସଚିବଙ୍କୁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଥିବା ବେଳେ ଅତୀତରେ ତାଙ୍କୁ ନେଇ ହୋଇଥିବା କିଛି ବିବାଦୀୟ ଘଟଣା ଏବେ ସାମ୍ନାକୁ ଆସୁଛି। ଏହି ସବୁ ଘଟଣା ପି.ସି.ମୋଦି ନିର୍ବାଚନ ଅଧିକାରୀ ନିଯୁକ୍ତ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପି.ସି.ମୋଦି କିଏ?

ପି.ସି. ମୋଦି ଜଣେ ଅଭିଜ୍ଞ ବ୍ୟୁରୋକ୍ରାଟ, ଯାହାଙ୍କୁ ନଭେମ୍ବର ୨୦୨୧ରେ ରାଜ୍ୟସଭା ମହାସଚିବ ନିଯୁକ୍ତ କରାଯାଇଥିଲା। ତେବେ ଏହି ପଦବୀରେ ପି.ସି. ମୋଦିଙ୍କ ନିଯୁକ୍ତିକୁ ନେଇ ସେତେବେଳେ ପ୍ରଶ୍ନ ଉଠିଥିଲା। ପି.ସି. ମୋଦିଙ୍କୁ ରାଜ୍ୟସଭା ମହାସଚିବ ନିଯୁକ୍ତ କରାଯିବା ବେଳେ ବିରୋଧୀ ଏହାକୁ ପ୍ରସଙ୍ଗ କରିଥିଲେ। କାରଣ ତାଙ୍କ ପୂର୍ବରୁ ଏହି ପଦବୀରେ ଥିବା ଅଧିକାରୀ ପି.ପି.କେ.ରାମଚର୍ଯ୍ୟୁଲୁଙ୍କୁ ଏହି ପଦବୀରେ ଅବସ୍ଥାପିତ ହେବାର ମାତ୍ର ୨ ମାସ ପରେ ହଟାଇ ଦିଆଯାଇଥିଲା।

ତେବେ ଖାସ କଥା ଯାହା ତାହା ହେଉଛି ରାମଚର୍ଯ୍ୟୁଲୁ ଏପରି ପ୍ରଥମ ଅଧିକାରୀ ଯିଏ ରାଜ୍ୟସଭା ସଚିବାଳୟରୁ ଏହି ପଦବୀ ପର୍ଯ୍ୟନ୍ତ ପହଞ୍ଚିଥିଲେ। ତାଙ୍କୁ ଅଚାନକ ବିଦା କରିଦିଆଯିବା ବିରୋଧୀମାନଙ୍କୁ ଅସନ୍ତୁଷ୍ଟ କରିଥିଲା। ଏ ନେଇ ବିରୋଧୀ ଦଳ ଗୃହରେ ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଖାସ କରି ଆଇନ ବିଶାରଦଙ୍କୁ ରାଜ୍ୟସଭା ମହାସଚିବ ନିଯୁକ୍ତ କରାଯାଇଥାଏ। ଏଥିରେ ପି.ସି.ମୋଦି ଭାରତୀୟ ରାଜସ୍ୱ ସେବା (ଆଇଆରଏସ) ର ୧୯୮୨ ବ୍ୟାଚ୍ ଅଧିକାରୀ, ଯିଏ ମେ ୨୦୨୧ରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)ରୁ ଅବସର ଗ୍ରହଣ କରିଥିଲେ।

ପି.ସି.ମୋଦିଙ୍କ ଉପରେ ପୂର୍ବରୁ ଥିଲା ଗୁରୁତର ଅଭିଯୋଗ

ଉଲ୍ଲେଖଯୋଗ୍ୟ ଯେ ପି.ସି.ମୋଦିଙ୍କ ନାମ ପୂର୍ବରୁ ମଧ୍ୟ ବିବାଦରେ ଥିଲା। ମୁମ୍ବାଇର ତତ୍କାଳୀନ ମୁଖ୍ୟ ଆୟକର ଆୟୁକ୍ତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟରେ ପି.ସି.ମୋଦିଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ମୋଦି ଏକ ସମ୍ବେଦନଶୀଳ ମାମଲାକୁ ଚପାଇ ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗର ୨ ମାସ ପରେ ସରକାର ମୋଦିଙ୍କୁ ସେବାକୁ ଅଧିକ ୧ ବର୍ଷ ସମ୍ପ୍ରସାରଣ କରିଥିଲେ। ଏହା ପରେ ପ୍ରମୁଖ କର ୟୁନିଟର ମୁଖ୍ୟ ରୂପେ ତାଙ୍କୁ ଆଉ ଦୁଇଟି କାର୍ଯ୍ୟକାଳ ବିସ୍ତାର ଦିଆଯାଇଥିଲା।

କେମିତି ହୁଏ ଉପରାଷ୍ଟ୍ରପତି ନିର୍ବାଚନ?

ସମ୍ବିଧାନର ଅନୁଚ୍ଛେଦ ୬୬(୧) ଅନୁସାରେ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଲୋକସଭା ଓ ରାଜ୍ୟସଭା ଉଭୟ ସଦନର ସଦସ୍ୟଙ୍କ ଦ୍ୱାରା କରାଯାଏ। ଏହି ନିର୍ବାଚନ ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀ ଅନୁସାରେ ଏକକ ସଂକ୍ରମଣୀୟ ଭୋଟଦାନ ପଦ୍ଧତୀରେ ତଥା ଗୁପ୍ତ ଭୋଟ ଦ୍ୱାରା ହୋଇଥାଏ। ରିଟର୍ଣ୍ଣିଂ ଅଫିସର ନିର୍ବାଚନର ପୂରା ପ୍ରକ୍ରିୟା ଉପରେ ନଜର ରଖନ୍ତି। ଯେପରିକି ନିର୍ବାଚନ ଅଧିସୂଚନା ଜାରି ହେବା, ପ୍ରାର୍ଥୀପତ୍ର ସ୍ୱୀକାର କରିବା, ଅମାନତ ରାଶି ଜମା ରଖିବା, ପ୍ରାର୍ଥୀପତ୍ର ଯାଞ୍ଚ କରିବା, ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଶେଷରେ ଭୋଟ ଗଣନା ମଧ୍ୟ ତାଙ୍କ ଦେଖରେଖରେ ହୁଏ। ଏଣୁ ପି.ସି.ମୋଦିଙ୍କ ଦେଖରେଖରେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ଯେପରି ସୁରୁଖୁରୁରେ ହୁଏ ତା ଉପରେ ବିରୋଧୀ ଦଳ ଏବେଠୁ ସତର୍କ ନଜର ରଖିଲେଣି।

# ନାସାର ୩,୮୭୦ କର୍ମଚାରୀ ଚାକିରି ଛାଡ଼ିବେ

ୱାଶିଂଟନ: ଆମେରିକାର ମହାକାଶ ସଂସ୍ଥା ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା) ରୁ ୩,୮୭୦ କର୍ମଚାରୀ ଚାକିରି ହରାଇବେ । ସ୍ୱେଚ୍ଛାକୃତ ଇସ୍ତଫା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କର୍ମଚାରୀମାନେ ଇସ୍ତଫା ଦେବାକୁ ଯାଉଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବଜେଟ୍ କାଟିବା ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଲାଗି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଅନ୍ତର୍ଗତ କର୍ମଚାରୀମାନଙ୍କୁ ନାସାରୁ ବହିଷ୍କାର କରାଯିବା ପରିବର୍ତ୍ତେ ସ୍ୱେଚ୍ଛାକୃତ ଇସ୍ତଫା ଦେବାକୁ କୁହାଯାଇଛି। ଟ୍ରମ୍ପ ପ୍ରଶାସନଙ୍କର ସଂଘୀୟ କର୍ମଚାରୀ ସଂଖ୍ୟା ହ୍ରାସ କରିବାର ଲକ୍ଷ୍ୟ ପାଳନ କରିବା ପାଇଁ, ମହାକାଶ ସଂସ୍ଥା ନାସାର ଅଧିକାରୀମାନେ ଛଟେଇ ଏଡ଼ାଇବା ପାଇଁ ଇସ୍ତଫାର ପଥ ଗ୍ରହଣ କରୁଛନ୍ତି।

ନାସାରୁ ଇତି ମଧ୍ୟରେ ୩,୮୭୦ କର୍ମଚାରୀଙ୍କ ଇସ୍ତଫା ଦେବାକୁ




ଯାଉଥିବା ରିପୋର୍ଟ ସାମ୍ନାକୁ ଆସିଛି। ନାସା ଶୁକ୍ରବାର ଦିନ ଏକ ବିବୃତିରେ କହିଛି ଯେ, ଆବେଦନଗୁଡ଼ିକର ସମୀକ୍ଷା କରିବା ପରେ ଏହି ସଂଖ୍ୟା ପରିବର୍ତ୍ତନ ହୋଇପାରେ। ନାସା କର୍ମଚାରୀମାନଙ୍କୁ ୨୦୨୫ରେ ଚାକିରି ଛାଡିବା ପାଇଁ ଦୁଇଟି ପୃଥକ ସୁଯୋଗ ଦେଇଛି। ଉଭୟ ଇସ୍ତଫା କାର୍ଯ୍ୟକ୍ରମ ଏବଂ ପ୍ରାୟ ୫୦୦ ଲୋକ ସାଧାରଣ ଭାବେ ଚାକିରି ଛାଡିବା ପରେ, ନାସାରେ ପ୍ରାୟ ୧୪,୦୦୦ କର୍ମଚାରୀ ରହିବେ।

ଟ୍ରମ୍ପ ପ୍ରଶାସନର ପ୍ରାରମ୍ଭରେ ନାସାରେ କର୍ମଚାରୀମାନେ ପ୍ରଥମ ପର୍ଯ୍ୟାୟ ଇସ୍ତଫା ଦେଇଥିଲେ। ଏହା ଏଲନ ମସ୍କଙ୍କ ନେତୃତ୍ୱାଧୀନ ସରକାରୀ ଦକ୍ଷତା ବିଭାଗ ଦ୍ୱାରା ପରିଚାଳିତ ଏକ ପ୍ରୟାସ ଥିଲା। ନାସା ଜୁନ୍ ଆରମ୍ଭରେ ଦ୍ୱିତୀୟ ପର୍ଯ୍ୟାୟ ସ୍ଥଗିତ ଇସ୍ତଫା ଆରମ୍ଭ କରିଥିଲା। ଯାହାର ଶେଷ ତାରିଖ ଜୁଲାଇ ୨୫ ଥିଲା। ଏଜେନ୍ସି କହିଛି ଯେ, ୩,୦୦୦ କର୍ମଚାରୀ ଏହି ସରକାରୀ ଯୋଜନାକୁ ସ୍ୱୀକାର କରିଛନ୍ତି। ଏହି କର୍ମଚାରୀଙ୍କ ସଂଖ୍ୟା ମୋଟ କର୍ମଚାରୀଙ୍କ ସଂଖ୍ୟାର ୧୬.୪ ପ୍ରତିଶତ।

ନାସା ଏକ ବିବୃତିରେ କହିଛି ଯେ, ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା। ଏକ ଅଧିକ ଦକ୍ଷ ସଂଗଠନ ହେବା ସହିତ, ଆମେ ଏହା ମଧ୍ୟ ସୁନିଶ୍ଚିତ କରୁଛୁ ଯେ, ଚନ୍ଦ୍ର ଏବଂ ମଙ୍ଗଳ ଭଳି ମିସନ ପାଇଁ ଆମର କ୍ଷମତା ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ରହିବ।

ତେବେ ବିଶେଷଜ୍ଞମାନଙ୍କ ଅନୁସାରେ କର୍ମଚାରୀଙ୍କ ସଂଖ୍ୟାରେ ଏତେ ବଡ଼ ହ୍ରାସ ନାସାର ଭବିଷ୍ୟତ ମିସନ ଏବଂ ବୈଷୟିକ ବିଶେଷଜ୍ଞତାକୁ କ୍ଷତି ପହଞ୍ଚାଇପାରେ।

# ବଞ୍ଚିଗଲା ଶିଶୁ, ମରିଗଲା ସାପ

ଚମ୍ପାରଣ: ସାପ କାମୁଡ଼ିବା ପରେ ବଞ୍ଚିଗଲେ ଶିଶୁ। ହେଲେ ଚାଲିଗଲା ସାପର ଜୀବନ। ବିହାରର ଚମ୍ପାରଣରୁ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିବା ସାମ୍ନାକୁ ଆସିଛି। ଏହା କିଭଳି ସମ୍ଭବ ବୋଲି ଅନେକ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। କୁହାଯାଉଛି ଯେ, ଶିଶୁ ଗୋବିନ୍ଦ ଖେଳୁଥିବା ବେଳେ ସାପକୁ ଆସୁଥିବା ଦେଖିଥିଲା। ଡରିବା ପରିବର୍ତ୍ତେ ସେ ସାପକୁ ଧରି କାମୁଡ଼ି ଦେଇଥିଲା। ଏହା ଫଳରେ ସାପର ମୃତ୍ୟୁ ହୋଇଥିଲା ବୋଲି କୁହାଯାଉଛି। ସାପଟି ଶିଶୁକୁ କାମୁଡ଼ିଥିବା ନେଇ ପରିବାର ଲୋକେ କହୁଥିବା ବେଳେ ସାପ କାମୁଡ଼ିବା ପରେ ଶିଶୁର ଜୀବନ କିଭଳି ବଞ୍ଚିଗଲା, ତାହା ଏବେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଘଟଣାଟି ଚମ୍ପାରଣର ମଝୌଲିଆ ବ୍ଲକରେ ଥିବା ମୋହଛି ବାନକଟୱା ଗାଁରେ ଘଟିଛି। ଏହି ଘଟଣା ପରେ, ପିଲାଟି ବର୍ତ୍ତମାନ ସୁସ୍ଥ ଥିବା କୁହାଯାଉଛି। ନେଚର ଏନଭାର୍ନମେଣ୍ଟ ଆଣ୍ଡ ୱେଲଫେୟାର ସୋସାଇଟିର ପ୍ରୋଜେକ୍ଟ ମ୍ୟାନେଜର ଅଭିଷେକ କହିଛନ୍ତି ଯେ, ଯଦି ସାପଟି ପିଲାଟିକୁ କାମୁଡ଼ିଛି ଏବଂ ପିଲାଟିକୁ କିଛି ହୋଇନାହିଁ, ତେବେ ଏହାର ଦୁଇଟି କାରଣ ହୋଇପାରେ। ଗୋଟିଏ ହେଉଛି ସାପଟି ବିଷାକ୍ତ ନୁହେଁ। ଦ୍ୱିତୀୟ କାରଣ ହେଉଛି ଯଦି ଏହା ବିଷାକ୍ତ ଥିଲା, ତେବେ ସେ ପିଲାଟିକୁ କାମୁଡ଼ି ନାହିଁ। କାମୁଡ଼ିବା ପୂର୍ବରୁ, ପିଲାଟି ନିଶ୍ଚିତ ଭାବରେ ତାକୁ ଦାନ୍ତରେ କାମୁଡ଼ି ଦେଇଥିବ। କାରଣ ଯଦି କେହି ସାପର ମେରୁଦଣ୍ଡ କାଟିଦିଏ, ତେବେ ସାପ ତୁରନ୍ତ ମରିଯାଏ। ଏବଂ ଯଦି ସାପକୁ ପୂର୍ବରୁ ମାରିଦିଆଯାଏ, ତେବେ ଏହା କାମୁଡ଼ି ପାରିବ ନାହିଁ। ଏହି କାରଣରୁ ସାପଟି ମରିଗଲା। କିନ୍ତୁ ପିଲାଟିକୁ କିଛି ହୋଇନାହିଁ।

# ଚୀନରେ ଗୋଟିଏ ଦିନରେ ବର୍ଷକର ବର୍ଷା !

ବେଜିଂ : ଚୀନର କେତେକ ରାଜ୍ୟରେ ଏବେ ବର୍ଷା ବିପ୍ଲାତ ଜାରି ରହିଛି । ଏପରିକି ଚୀନର ରାଜଧାନୀ ବେଜିଂ ବର୍ଷା ଯୋଗୁଁ ବେହାଲ ହୋଇଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ବେଜିଂର ୧୬ରୁ ୧୨ଟି ଡିଷ୍ଟ୍ରିକ୍ଟ ( କ୍ଷେତ୍ର)ରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଓ ଭୂସ୍ଖଳନ ସ୍ଥିତି ସୃଷ୍ଟି ହୋଇଛି

ତେବେ ସବୁଠାରୁ ଚିନ୍ତାଜନକ ସ୍ଥିତି ରହିଛି ବେଜିଂ ସଂଲଗ୍ନ ଶିଳ୍ପ ସହର ବାଓଡିଂରେ । ଏଠାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୪୫୮ .୭ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ଏହି ଅଞ୍ଚଳରେ ସମଗ୍ର ବର୍ଷରେ ହୋଇଥିବା ବର୍ଷା ସହିତ ସମାନ। ପଶ୍ଚିମ ବାଓଡିଂର ଯି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ହଠାତ୍ ବନ୍ୟା ସୃଷ୍ଟି ହୋଇଥିଲା, ଯାହା ବିଦ୍ୟୁତ୍ ବିଭ୍ରାଟ କରିଥିଲା ଏବଂ ଅନେକ ରାସ୍ତା ଏବଂ ସେତୁ କ୍ଷତିଗ୍ରସ୍ତ ହୋଇଛି। କିଛି ଗାଁରେ ପରିସ୍ଥିତି ଏତେ ଖରାପ ଯେ ସେଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରଶାସନକୁ ପ୍ରାୟ ୧୯ ,୫୦୦ ଲୋକଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପଡିଛି। ସ୍ଥାନୀୟ ପାଣିପାଗ ବିଭାଗ ଅନୁସାରେ ସ୍ଥିତି ଏବେ ୨୦୨୩ର ବାତ୍ୟା ପରି ହୋଇଯାଇଛି । ଉକ୍ତ ବାତ୍ୟା ପ୍ରଭାବରେ ସେବର୍ଷ ବେଜିଂରେ ରେକର୍ଡ ବର୍ଷା ହୋଇଥିଲା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା

# ଦିଲ୍ଲୀରେ ଗାଡ଼ି ବ୍ୟାନ୍ ଉପରେ ନୂଆ ଫର୍ମୁଲା



ନୂଆଦିଲ୍ଲୀ: ଦିଲ୍ଲୀରେ ପୁରୁଣା ଗାଡ଼ି ଉପରେ ଲାଗିଥିବା ପ୍ରତିବନ୍ଧକକୁ ନେଇ ସୁପ୍ରିମକୋର୍ଟରେ ଦାଏର ଜନହିତକର ଆବେଦନ ଉପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା , ପୁଣି ଥରେ ନିଜର ମତ ସ୍ପଷ୍ଟ କରିଛନ୍ତି। ଯଦି ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ଏହି ଦଲିଲକୁ ସ୍ୱୀକାର କରନ୍ତି ତ ଏଥିରେ ଲକ୍ଷ ଲକ୍ଷ ଲୋକଙ୍କୁ ଆଶ୍ୱସ୍ତି ମିଳି ଯିବ, ଯେଉଁମାନଙ୍କ ଗାଡ଼ିର ସମୟସୀମା ପୂରା ହୋଇ ସାରିଛି, କିନ୍ତୁ ବହୁତ କମ୍ ବ୍ୟବହାର ଯୋଗୁଁ ଏବେ ବି ଫିଟ୍ ରହିଛି ଏବଂ ପ୍ରଦୂଷଣ ବିସ୍ତାର କରୁ ନାହାନ୍ତି।

ସିଏମ ରେଖା ଗୁପ୍ତା ଗୁରୁତ୍ୱାରୋପ କରି କହିଛନ୍ତି , ଯଦି କୌଣସି ପ୍ରଦୂଷଣ ବିସ୍ତାର କରୁଛି, ତ ତାକୁ ୫ ବର୍ଷ ଭିତରେ ହିଁ ବନ୍ଦ କରି ଦେବା ଉଚିତ୍ ,କିନ୍ତୁ ଯେଉଁ ଗାଡ଼ି ପ୍ରଦୂଷଣ କରୁ ନାହାନ୍ତି , ସେଗୁଡ଼ିକ ଉପରେ କୌଣସି ପ୍ରତିବନ୍ଧନ ହେବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସରକାର କୋର୍ଟରେ ନିଜ ପକ୍ଷ ରଖିଛନ୍ତି ଏବଂ ଆଶା ରଖିଛନ୍ତି ଯେ କୋର୍ଟ ଦିଲ୍ଲୀର ଜନତାଙ୍କ ଅଧିକାରୀ ପ୍ରତି ସମ୍ମାନ କରିବେ।


ଏହି ପ୍ରସଙ୍ଗକୁ ନେଇ କିଛି ଦିନ ହେବ ଖୁବ୍ ବିତର୍କ ଚାଲିଛି। ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଆବେଦନ ଦାଏର କରି ପୁରୁଣା ଗାଡ଼ି ଗୁଡ଼ିକ ଉପରେ ଲାଗିଥିବା ବ୍ୟାନ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି, ଯେଉଁଥିରେ ୧୦ ବର୍ଷର ପୁରୁଣା ଡିଜେଲ ଓ ୧୫ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ି ଗୁଡ଼ିକ ଉପରେ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ। ଏହା ପୂର୍ବରୁ, ରେଖା ଗୁପ୍ତା ଏହା ମଧ୍ୟ କହିଥିଲେ ଯେ, ଗତ ସରକାର ପରିବେଶ ଉପରେ କୌଣସି କାର୍ଯ୍ୟ କରି ନାହାନ୍ତି ଏବଂ ଜନତାଙ୍କୁ ପ୍ରଦୂଷଣର ଶିକାର ହେବାକୁ ପଡ଼ିଛି। ସେ ଗୁରୁତ୍ୱ ଦେଇଛନ୍ତି ଯେ, ତାଙ୍କ ସରକାର ପରିବେଶ ପ୍ରତି ସଂପୂର୍ଣ୍ଣ ରୂପେ ସତର୍କ ଅଛନ୍ତି ଏବଂ ନିରନ୍ତର ପ୍ରୟାସ କରୁଛନ୍ତି।

# ୨୦୧୪-୧୫ରେ ହୋଇଥିଲା ୧୩୫ ରେଳ ଦୁର୍ଘଟଣା

ନୂଆଦିଲ୍ଲୀ : ଭାରତୀୟ ରେଲୱେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ଏବଂ ସମୟାନୁସାରେ ନିଆ ଯାଉଥିବା ସୁରକ୍ଷା ପଦକ୍ଷେପରେ ଟ୍ରେନ୍ ଦୁର୍ଘଟଣାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଏହି କଥା କହିଛନ୍ତି କେନ୍ଦ୍ର ସରକାର। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ରାଜ୍ୟସଭାକୁ ଏହି ସୂଚନା ଦେଇ କହିଛନ୍ତି ଯେ, ୨୦୧୪ -୧୫ ମସିହାରେ ଯେଉଁଠି ୧୩୫ଟି ରେଳ ଦୁର୍ଘଟଣା ହେଉଥିଲା ,ସେଠାରେ ୨୦୨୪ -୨୫ରେ ଏହି ସଂଖ୍ୟା ହ୍ରାସ ପାଇଁ ୩୧ଟିରେ ରହିଛି ଏବଂ ୨୦୨୫-୨୬ରେ ଜୁନ୍ ୨୦୨୫ ସୁଦ୍ଧା କେବଳ ୩ଟି ଦୁର୍ଘଟଣା ରେକର୍ଡ କରାଯାଇଛି। ଅଶ୍ୱିନ ବୈଷ୍ଣବ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୦୪ରୁ ୨୦୧୪ ମଧ୍ୟରେ ମୋଟ ୧,୭୧୧ ଟି ଟ୍ରେନ୍ ଦୁର୍ଘଟଣା ହୋଇଥିଲା, ଅର୍ଥାତ୍ ବାର୍ଷିକ ହାରାହାରି ୧୭୧ଟି ଦୁର୍ଘଟଣା। ଯାହା ଏବେ ହ୍ରାସ ପାଇ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରେଳ ମନ୍ତ୍ରୀ କହିଛନ୍ତି ଯେ, ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରେଲୱେ ଦ୍ୱାରା ଅନେକ ପଦକ୍ଷେପ ନିଆ ଯାଇଛି। ଏହି ଅନୁସାରେ , ୬,୬୩୫ଟି ଷ୍ଟେସନରେ ଇଲେକ୍ଟ୍ରିକ୍ / ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ପଏଣ୍ଟ ଓ ସିଗନାଲର କେନ୍ଦ୍ରୀକୃତ ପରିଚାଳନା ମାଧ୍ୟମରେ ମାନବୀୟ ତ୍ରୁଟି ଗୁଡ଼ିକରେ ହେବାକୁ ଥିବା ଦୁର୍ଘଟଣାରେ ହ୍ରାସ ଘଟିଛି।

ସେ କହିଛନ୍ତି ଯେ, ୧୧,୦୯୬ଟି ଲେବଲ କ୍ରସିଂ ଗେଟ୍ର ଇଣ୍ଟରଲକିଂର ସୁବିଧା ପ୍ରଦାନ କରାଯାଇଛି ,ଯେଉଁଥିରେ ରେଳ ଫାଟକରେ ସୁରକ୍ଷା ବଢିଛି। ଏହାସହ ୬,୬୪୦ଟି ଷ୍ଟେସନରେ ଟ୍ରାକ୍ ସର୍କିଟିଂ କରାଯାଇଛି ,ଯାହାକି ଟ୍ରାକ୍ରେ ଟ୍ରେନ୍ର ଉପସ୍ଥିତିକୁ ଇଲେକ୍ଟ୍ରନିକ୍ ଭାବେ ସୁନିଶ୍ଚିତ କରାଯାଇ ପାରିବ। ଜୁଲାଇ ୨୦୨୦ରେ ରାଷ୍ଟ୍ରୀୟ ଅଟୋମେଟିକ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ ଭାବେ ଗ୍ରହଣ କରା ଯାଇଥିବା 'କବଚ' ଟେକନିକ୍କୁ ପର୍ଯ୍ୟାୟକ୍ରମେ ଲାଗୁ କରାଯାଉଛି। ଏହା ଏବେସୁଦ୍ଧା ଅନେକ ରୁଟ୍ରେ ଲାଗୁ ହୋଇ ସାରିଛି ଏବଂ ଦିଲ୍ଲୀ –ମୁମ୍ବାଇ ଓ ଦିଲ୍ଲୀ –ହାୱଡା ରୁଟ୍ରେ ଏଥିପାଇଁ କାମ ଜାରି ରହିଛି।

ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ସବୁ ଇଞ୍ଜିନ ଗୁଡ଼ିକରେ ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ ଲଗାଯାଇଛି ,ଯାହାକି ଲୋକୋ ପାଇଲଟଙ୍କ ସତର୍କତା ସୁନିଶ୍ଚିତ କରାଯାଇ ପାରିବ। ସେ କହିଛନ୍ତି ଯେ,କୁହୁଡ଼ି ପାଗରେ କମ୍ ଦୃଶ୍ୟମାନତା ସମୟରେ ଚାଳକ ଦଳର ସତର୍କ କରିବା ପାଇଁ ଓଏଚଇ ମାଷ୍ଟରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ସିଗମା ବୋର୍ଡ ଲଗାଯାଇଛି। ସେ କହିଛନ୍ତି ଯେ, ସୁରକ୍ଷା ପ । ଇଁ ଜିପିଏସ୍ ଆଧାରିତ 'ଫଗ୍ ସେଫ୍ଟି ଡିଭାଇସ' କୁହୁଡ଼ିରେ ପ୍ରଭାବିତ କ୍ଷେତ୍ର ଗୁଡ଼ିକରେ ଲୋକୋ ପ । ଇ ଲ ଟ ଙ୍କୁ ଦି ଆ ଯା ଇ ଛି , ଯେଉଁଥିରେ ସେ ସିଗନାଲ ଓ ଲେବଲ କ୍ରସିଂ ଗେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟର ଦୂରତା ଜାଣିପାରିବେ।



# ଅବସର ନେବେ କି ବୁମରା

ନୂଆଦିଲ୍ଲୀ,୨୬।୭ (ଏଜେନ୍ସି): ଟିମ୍ ଇଣ୍ଡିଆର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କ କ୍ରିକେଟ୍ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଚର୍ଚ୍ଚା ହେଉଛି କି ସେ ଆଉ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବେ ନାହିଁ । ଟିମ୍ ଇଣ୍ଡିଆର ଜଣେ ପୂର୍ବତନ କ୍ରିକେଟର ଏଭଳି ଦାବି କରିଛନ୍ତି । ବୁମରା ଜଣେ ସ୍ୱାଭିମାନି । ସେଇଥି ପାଇଁ ସେ ଟେଷ୍ଟ କ୍ରିକେଟରୁ ଅବସର ନେଇ ପାରନ୍ତି । ଅବସର ପଛର କାରଣ ମଧ୍ୟ ସେ କହିଛନ୍ତି । ଲର୍ଡ୍ସ ଟେଷ୍ଟରେ ୭ ୱିକେଟ୍ ନେଇଥିବା ଭାରତୀୟ ଦଳର ଏହି ଦ୍ରୁତ ବୋଲର ମାଞ୍ଚେଷ୍ଟର ଟେଷ୍ଟରେ ସମ୍ପୂର୍ଣ୍ଣ ଫିକା ଦେଖାଯାଇଥିଲେ । ବୁମରା ଏ ପର୍ଯ୍ୟନ୍ତ ଇଂଲଣ୍ଡ ବିପକ୍ଷ ପ୍ରଥମ ଇନିଂସରେ ୨ଟି ୱିକେଟ୍ ନେଇଛନ୍ତି । ଏହି ଇନିଂସରେ ସେ ଲୟରେ ନଥିବା ଭଳି ଲାଗୁଥିଲେ । ଯେଉଁ କାରଣରୁ ସେ ନିଜର ପୂର୍ବ ଫର୍ମ ହରାଇଲା ଭଳି ଲାଗୁଛନ୍ତି । ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି । କୈଫ କହିଛନ୍ତି ବୁମରା ଆଗାମୀ ଟେଷ୍ଟ ମ୍ୟାଚରେ ଖେଳୁଥିବାର ନଜର ନଆସି ପାରନ୍ତି । ସେ ଖୁବ୍ ଶୀଘ୍ର ଅବସର ନେବା ଭଳି ଲାଗୁଛି । କାରଣ ସେ ଏବେ ଆହତ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି । ସେଥିପାଇଁ ତାଙ୍କୁ ତାଙ୍କ ଲୟରେ ଦେଖିବାକୁ ମିଳୁନାହିଁ । ବୁମରା ଭାରି ସ୍ୱାଧୀନ ଚିନ୍ତା ମଣିଷ । ସେ ଭାବନ୍ତି ଯଦି ପ୍ରୟାସ ସତପ୍ରତିଶତ ନଥାଏ, ତେବେ ଦଳ ମ୍ୟାଚ ଜିତି ପାରିବ ନାହିଁ । ଏପରି ହେବାକୁ ବୁମରା ଦେବେ ନାହିଁ । ସେ ନିଜେ ଖେଳିବାକୁ ମନା କରିବାକୁ ମୁଁ ଭାବୁଛି । ପ୍ରଶଂସକଙ୍କୁ ତାଙ୍କ ବିନା ଟେଷ୍ଟ କ୍ରିକେଟ୍ ଦେଖିବାକୁ ଅଭ୍ୟସ୍ତ ହେବାକୁପଡିବ । କୈଫ୍ ଆହୁରି କହିଛନ୍ତି ଯେ, ମୁଁ ପ୍ରାର୍ଥନା କରୁଛି ମୋର ଆକଳନ ଭୁଲ ହେଉ । ବୁମରା ଭବିଷ୍ୟତରେ ମଧ୍ୟ ଟେଷ୍ଟ କ୍ରିକେଟ୍ ଖେଳିବା ଜାରି ରଖନ୍ତୁ । ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ବୁମରା ଏପର୍ଯ୍ୟନ୍ତ ୧୪ ୱିକେଟ୍ ନେଇଛନ୍ତି ।

# ଇଂଲଣ୍ଡ ୬୬୯, ଅଡୁଆରେ ଭାରତ



ମାଞ୍ଚେଷ୍ଟର ଟେଷ୍ଟ

ମାଞ୍ଚେଷ୍ଟର,୨୬।୭ (ଏଜେନ୍ସି): ମାଞ୍ଚେଷ୍ଟର ଟେଷ୍ଟରେ ଭାରତୀୟ ବୋଲର ନିରାଶ କରିଛନ୍ତି । ତୃତୀୟ ଦିନ ଭଳି ଚତୁର୍ଥ ଦିନର ପ୍ରଥମ ଦେଢ଼ ଘଣ୍ଟା ଭାରତୀୟ ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ ଇଂଲଣ୍ଡ ବ୍ୟାଟର । ଅବଶ୍ୟ ଦଳ ୬୬୯ ରନରେ ଅଲଆଉଟ୍ ହୋଇଥିଲା । କିନ୍ତୁ ଘରୋଇ ଦଳ ୩୧୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ଭ୍ରମଣକାରୀ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଛି । ତୃତୀୟ ଦିନ ଜୋ ରୁଟ୍ ୧୫୦ ରନର ଇନିଂସ ଖେଳିଥିବା ବେଳେ ଶନିବାର ଅଧିନାୟକ ବେନ ଷ୍ଟୋକ୍ସଙ୍କ ବ୍ୟାଟରୁ ଶତକ ବାହାରି ଥିଲା । ଷ୍ଟୋକ୍ସଙ୍କ ଶତକ ସହ ଇଂଲଣ୍ଡ ମଜଭୂତ ସ୍ଥିତିରେ ପହଞ୍ଚି ଯାଇଛି । ଭାରତର ପ୍ରଥମ ଇନିଂସକୁ ୩୫୮ ରନ୍ ଜବାବରେ ଇଂଲଣ୍ଡ ୧୫୭.୧ ଓଭରରେ ୬୬୯ ରନ୍ କରିଥିଲା ।

ଭାରତୀୟ ବୋଲର ଓ ଫିଲ୍ଡରଙ୍କୁ ୧୫୦ରୁ ଅଧିକ ଓଭର ପଡ଼ିଆରେ ବିତାଇବାକୁ ପଡିଥିଲା । ଦ୍ୱିତୀୟ ଦିନରେ ଇଂଲଣ୍ଡର ୨ ଓପନର ବେନ ଡକେଟ୍ ୯୪ ଓ ଜ୍ୟାକ କ୍ରାଓଲି (୮୪) ଭାରତୀୟ ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ । ତୃତୀୟ ଦିନ ଜୋ ରୁଟ୍ ୧୫୦ ରନ୍, ଓଲି ପୋପ୍ ୭୧ ରନ୍ ବେନ୍ ଷ୍ଟୋକ୍ସ ଅପରାଜିତ ୭୭ ରନ୍ କରିଥିଲେ । ଚତୁର୍ଥ ଦିନ ଷ୍ଟୋକ୍ସ ଶତକ ଅର୍ଜନ କରିଥିଲେ । ମାଞ୍ଚେଷ୍ଟରର ଚତୁର୍ଥ ଦିନ ଇଂଲଣ୍ଡ ୫୪୪/୭ରୁ ପାଳି ଆରମ୍ଭ କରିଥିଲା । ଦଳ ୬୬୯ ରନ୍ କରିବା ପରେ ଅଲ୍ଆଉଟ୍ ହୋଇଥିଲା । ତେଣୁ ଇଂଲଣ୍ଡ ୩୧୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ଭାରତକୁ ମ୍ୟାଚ ବଞ୍ଚାଇବା ପାଇଁ ହେଲେ ସମ୍ପୂର୍ଣ୍ଣ ଦୁଇ ଦିନ ବ୍ୟାଟିଂ କରିବାକୁ ପଡିବ । ଇଂଲଣ୍ଡ ମାହୋଲରେ ଭାରତୀୟ ବ୍ୟାଟର ଏତେ ସମୟ ବ୍ୟାଟିଂ କରିପାରିବେ କି ନାହିଁ । ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାରତ ପକ୍ଷରୁ ରବିନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ବୁମରା ଓ ୱାଶିଂଟନ ସୁନ୍ଦର ଦୁଇଟି ଲେଖାଏଁ ୱିକେଟ୍ ସଫଳତା ପାଇଛନ୍ତି । ମହମ୍ମଦ ସିରାଜ ଓ ଡେବ୍ୟୁଟାଣ୍ଟ ଅଂଶୁଳ କାମ୍ବୋଜଙ୍କ ଖାତାକୁ ଗୋଟିଏ ଲେଖାଏଁ ସଫଳତା ରହିଛି ।

ଇଂଲଣ୍ଡ ଇନିଂସ ଶେଷ ହେବା ପରେ ଭାରତ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା । ଚା ପାନ ବିରତି ସୁଧା ଦଳ ୩୦ ଓଭରରେ ଦୁଇ ୱିକେଟ୍ ହରାଇ ୯୨ ରନ୍ କରିଛି । ଭାରତୀୟ ଇନିଂସର ଆରମ୍ଭ ଅତ୍ୟନ୍ତ ଦୁଃଖଦ ଥିଲା । ପ୍ରଥମ ଓଭରରେ ରନ୍ ଖାତା ଖୋଲିବା ଆଗରୁ ଦୁଇ ବ୍ୟାଟର ପାଭିଲିୟନ୍ ଫେରିଯାଇଥିଲେ । ଯଶସ୍ୱୀ ଜୟସ୍ୱାଲ ୪ଟି ବଲ ଓ ସାଇ ସୁଦର୍ଶନ ଗୋଟିଏ ବଲ ଖେଳି ପାଭିଲିୟନ୍ ଫେରିଥିଲେ । କ୍ରିସ୍ ୱକ୍ସ ପ୍ରଥମ ଓଭରର ଚତୁର୍ଥ ଓ ପଞ୍ଚମ ବଲରେ ଦୁଇ ୱିକେଟ୍ ନେଇ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ । ଏହାପରେ ରାହୁଲ ଓ ଶୁଭମନ ଗିଲ ଦଳର ବ୍ୟାଟିଂ ମଙ୍ଗ ଧରିଛନ୍ତି । ପ୍ରଥମ ଇନିଂସରେ ଶୁଭମନ ଗିଲ ବିଫଳ ହୋଇଥିଲେ । କିନ୍ତୁ ଦ୍ୱିତୀୟ ଇନିଂସରେ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮୬ ବଲରୁ ୫୪ ରନର ଅପରାଜିତ ଇନିଂସ ଖେଳିଛନ୍ତି । ଲୋକେଶ ରାହୁଲ ୧୦୬ ବଲରୁ ୩୬ ରନ୍ କରିଛନ୍ତି । ତୃତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ଅସମାପ୍ତ ୯୪ ରନର ପାର୍ଟନରସିପ୍ ହୋଇଛି । ଏବେ ବି ଭାରତ ୨୧୭ ରନ୍ ପଛରେ ରହିଛି ।



## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡା: ପରନୀତଙ୍କୁ ରୌପ୍ୟ

ଭୁବନେଶ୍ୱର,୨୬।୭ (ସବ୍ୟୁ): ରିନି ରୁହରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଭାରତର ପଦକ ଅଭିଯାନ ଜାରି ରହିଛି । ଶନିବାର ପରନୀତ କୌର ଆର୍ଚେରୀରେ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ପୁରୁଷ ୪ ଗୁଣା ୪୦୦ ମିଟର ରିଲେ ଦଳ ଫାଇନାଲରେ ପ୍ରବେଶ କରିଛି । ପରନୀତ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଆର୍ଚେରୀରେ ପଦକ ହାତେଇଛନ୍ତି । ଚଳିତ ପ୍ରତିଯୋଗିତାରେ ଏହା ପରନୀତଙ୍କ ତୃତୀୟ ପଦକ । ଭାରତ ମୋଟ୍ ୬ଟି ମେଡ଼ାଲ ହାସଲ କରିଛନ୍ତି । ଭାରତୀୟ ପୁରୁଷ ୪ ଗୁଣା ୪୦୦ ମିଟର ରିଲେ ଦଳ ୩:୦୬.୫୬ ସେକେଣ୍ଡ ସହ ଫାଇନାଲ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛି ।

## ସାହାଣୀ କପ ଫୁଟବଲ : ଫାଇନାଲରେ କଟକ

ରାଜକନିକା,୨୬।୭ (ସବ୍ୟୁ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗରେ ରାଜକନିକା ଠାରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ସେମିଫାଇନାଲ ଖେଳ କଟକ ଓ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି, ଏଥିରେ କଟକ ୫ - ୦ ଗୋଲ ରେ ବିଜୟ ଲାଭ କରି ଫାଇନାଲ ରେ ପ୍ରବେଶ କରିଛି । ଆସୋସିଏସନ ର ସଭାପତି ଦୋଳ ଗୋବିନ୍ଦ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଖେଳରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀ ଧରଣୀଧର ନାୟକ ମୁଖ୍ୟ ବକ୍ତା ଭାବେ ଫାଓ ର କୋଷାଧକ୍ଷ ଭକ୍ତ ବଲ୍ଲବ ଦାସ ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଫାଓ ର ଉପସଭାପତି ଦିଲୀପ କୁମାର ସାହୁ,ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼ାଇ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି,ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ,କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୟଦ ଅକମଲ ଅଲ୍ଲି, ଫାଓ ର ଉପସଭାପତି ସହଦେ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

## ଚାଇନା ଓପନ ସେମିରେ ସାତ୍ତ୍ୱିକ, ଚିରାଗ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି) :ଭାରତର ଦୁଇ ତାରକା ସାତ୍ତ୍ୱିକ ସାଇରାଜ ରଣକୀ ରେଡ୍ଡୀ ଓ ଚିରାଗ ସେଠୀଙ୍କ ଯୋଡି ଚାଇନା ଓପନ ସୁପର-୧୦୦୦ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମାଲେସିଆର ୟୁ ସିନ ଓଙ୍ଗ ଏବଂ ଇ ୟି ତେ ଓ୍ୱଙ୍କୁ ୨୧-୧୮, ୨୧-୧୪ ଗେମରେ ଧରାଶାୟୀ କରି ସେମିରେ ପ୍ରବେଶ କରିଛନ୍ତି । ମାଲେସିଆ ବିପକ୍ଷରେ ଏହା ସାତ୍ତ୍ୱିକ-ଚିରାଗଙ୍କ ସପ୍ତମ ବିଜୟ । ସାତ୍ତ୍ୱିକ-ଚିରାଗ ସେମିଫାଇନାଲରେ ବିଶ୍ୱର ନଂ.୨ ଯୋଡି ମାଲେସିଆର ଆରନଚିଆ-ସେହୱିଙ୍କୁ ଭେଟିବେ । ଏହି ଭାରତୀୟ ଯୋଡି ଚଳିତ କ୍ରୀଡା ସିଜନରେ ଚତୁର୍ଥଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଅନ୍ୟପଟେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପହଞ୍ଚିଥିବା ଉନାତି ହୁଦା ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି ।

## ଅଲ୍ ଓଡ଼ିଶା ଓପନ ସ୍ନୁକର :ପ୍ରଥମ ଦିନ ୨୩ ମ୍ୟାଚ




ଭୁବନେଶ୍ୱର,୨୬।୭ (ସବ୍ୟୁ): ଭୁବନେଶ୍ୱରର ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଅଲ ଓଡ଼ିଶା ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ପ୍ରଥମ ଦିନ ୨୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜାକିର ଅଲ୍ଲୀ ଖାନ୍ ୨-୦ରେ ଆଶିଷ ପାତ୍ରଙ୍କୁ, ଶ୍ୟାମ ଅଗ୍ରୱାଲ ୨-୧ରେ ସୁମିତ ହେମ୍ବ୍ରମଙ୍କୁ, ଅଲତାଫ ଲ୍ଲୀ ୨-୧ରେ ଅମରେଶ ସ୍ୱାଇଁ, ସନ୍ଦୀପ ଅଗ୍ରୱାଲ ୨-୦ରେ ଚିରଞ୍ଜୀବ ସିଂଙ୍କୁ, ଜାକିର ଅଲ୍ଲୀ ଖାନ୍ ୨-୧ରେ ଦୁର୍ଗା ପ୍ରସନ୍ନ ମହାନ୍ତିଙ୍କୁ, ଟି ଗୋବିନ୍ଦ ରାଓ ୨-୦ରେ ସନ୍ଦୀପ ଅଗ୍ରୱାଲଙ୍କୁ, ଅଭିଳାଷ ମହାନନ୍ଦ ୨-୧ରେ ବିଭୂତି ମହାପାତ୍ରୋ, ରୁମିତ ଗୁପ୍ତା, ୨-୦ରେ ଅମନ ହେମ୍ବ୍ରମଙ୍କୁ, ଆଶିଷ ପାତ୍ର ୨-୦ରେ ଦୁର୍ଗା ମହାନ୍ତି, ପ୍ରିୟଗୋବିନ୍ଦ ମହାପାତ୍ର ୨-୦ରେ ସୁଭାଙ୍ଗୀ ରାଓଙ୍କୁ, ଅମିତ ସିଂରେ ରିତ୍ରିକ୍ ମହାନ୍ତିଙ୍କୁ, ସାଗର ସ୍ୱାଇଁ ୨-୦ରେ ଆରନ ଅମିୟନଙ୍କୁ ପରାଜିତ କରିଛନ୍ତି । ନିଶାଲ ସ୍ୱାଇଁ, ଜ୍ଞାନ ଦାସ, ଜାକୀର ଅଲ୍ଲୀ ଖାନ୍ ଏବଂ ପି ଗୋବିନ୍ଦ ରାଓ ମୁଖ୍ୟ ଡ୍ର ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଦଘାଟନୀ ଉତ୍ସବରେ ନିଶାଲ ସ୍ୱାଇଁ, ଶ୍ୟାମ ଅଗ୍ରୱାଲ, ନିଶାନ୍ତ ବିଶ୍ୱାଳ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଜାରି ରହିବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ରାଜ୍ୟର ବଛା ବଛା ୭୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ରାଜ୍ୟରେ କ୍ୟୁ ସ୍ପୋର୍ଟସ୍ କୁ ଏହା ନୂଆ ଦିଗନ୍ତ ଦେବ । ପ୍ରତିଯୋଗିତରେ ମୋଟ୍ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ବିଜେତାଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ୪୦ ତମ ବାଉଟ୍ ପାଇଁ ୧୦୦୦ ଟଙ୍କା ପୁରସ୍କାର ତଥା ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ୬୦୦ ଟଙ୍କା ଧାର୍ଯ୍ୟ ହୋଇଛି । ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଶୁତୋଷ ପାଢ଼ି ଏବଂ ସୁବ୍ରତ ଦାସ ଅଂଶଗ୍ରହଣ କରିବେ । ଏକମାତ୍ର ମହିଳା ପ୍ରତିଯୋଗୀ ଭବେ ଶୁଭାଙ୍ଗୀ ରାଓ ଅଂଶଗ୍ରହଣ କରିବେ । କ୍ୱାଲିଫାଇଙ୍ଗ ଡ୍ର ଗ୍ରୁପପର୍ଯ୍ୟାରେ ମୋ ୧୬ଟି ଗ୍ରୁପରେ ୫୪ଜଣ ରହିଛନ୍ତି । ମୁଖ୍ୟ ଡ୍ର'ରେ ୧୬ଜଣ ରହିଛନ୍ତି । ୨ଟି ପର୍ଯ୍ୟାୟରେ ଖେଳାଯିବ । ଗ୍ରୁପ ପର୍ଯ୍ୟାୟର ଲିଗ ତଥା ପ୍ରି କ୍ୱାର୍ଟର ପର୍ଯ୍ୟାୟ ଠାରୁ ନକଆଉଟ୍ ଭିତ୍ତିରେ ଖେଳାଯିବ । ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଦିତ୍ୟ ପଟୋଦିଆ, ମିଶାଲ ସ୍ୱାଇଁ, ଶ୍ୟାମ ଅଗ୍ରୱାଲ, ଅଲତାପ ଅଲ୍ଲୀ, ଅମିୟ ରଞ୍ଜନ ନାୟକ ଓ ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

## ଅକ୍ଟୋବର ୨୨ରୁ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ

- ୧୬ କର୍ପୋରେଟ ଦଳ, ୩୨ ମ୍ୟାଚ
- ମୋଟ ପୁରସ୍କାର ରାଶି ୫ ଲକ୍ଷ ୩୦ ହଜାର
- ଚାମ୍ପିଅନଙ୍କୁ ୧ ଲକ୍ଷ ୫୦ ହଜାର
- ରନର୍ସ ଅପ ଦଳକୁ ମିଳିବ ୮୦ ହଜାର

ଭୁବନେଶ୍ୱର,୨୬।୭ (ସବ୍ୟୁ): ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଏକ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଯେଉଁଥିରେ ୧୬ଟି ଦଳ ଭାଗ ନେଉଛନ୍ତି । କର୍ପୋରେଟ ପ୍ରଫେସନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମଓ୍ୱାର୍କ ଓ ବନ୍ଧୁତ୍ୱର ପ୍ରସାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ । ଏହା ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଘାଟିକିଆ ହାଇସ୍କୁଲ ପଡିଆରେ ଆୟୋଜିତ ହେବ ।

ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ । ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି । ମ୍ୟାଚ ୧୦ ଓଭର ବିଶିଷ୍ଟ ଏବଂ ଟେନିସ ବଲରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ୩୨ଟି ମ୍ୟାଚ ଖେଳିବେ ।

ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି । ଚାମ୍ପିଅନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ । ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯିବ । ମ୍ୟାନ ଅଫ ଦ ମ୍ୟାଚ ସହିତ ପରାଜିତ ଦଳର ଶ୍ରେଷ୍ଠ ଖେଳାଳି ଆର୍ଥିକ ପୁରସ୍କାର ରାଶି ପାଇବେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।




# ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ୟୁଏଇରେ ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ ହେବ । ଏହି ଟୁର୍ଣ୍ଣାମେଣ୍ଟ ୯ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ । ଏସିଆନ୍ କ୍ରିକେଟ୍ କାଉନସିଲ ଅଧ୍ୟକ୍ଷ ମୋହସିନ ନକଭି ଏହି ସୂଚନା ଦେଇଛନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ହାଇଭୋଲ୍ଟେଜ୍ ଲଢ଼େଇ ହେବ । ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ନକଭି ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି । ମୁଁ ଖୁସି ଯେ, ଏସିସି ଏସିଆ କପ୍-୨୦୨୫ ଆନୁଷ୍ଠାନିକ ଭାବେ ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଖେଳାଯିବ । ଏହା ଏକ ଚମତ୍କାର ଟୁର୍ଣ୍ଣାମେଣ୍ଟ ହେବ । ଆମେ ସମସ୍ତଙ୍କୁ ଏକ ଭଲ କ୍ରିକେଟ୍ ଲଢ଼େଇ ଦେଖିବାକୁ ମିଳିବ । ଖୁବ୍ ଶୀଘ୍ର ଖେଳସୂଚୀ ଜାରି କରାଯିବ । ଏସିଆ କପ୍-୨୦୨୫ର ଆୟୋଜନ ଭାରତକୁ ମିଳିଛି । କିନ୍ତୁ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତ ସମ୍ପର୍କ କାରଣରୁ ନୀରପେକ୍ଷ ଭେନ୍ୟୁରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏସିଆ କପରେ ୮ଟି ଦଳ ଅଂଶଗ୍ରହଣ କରିବେ । ଦଳ ଗୁଡ଼ିକ ହେଲେ ଆୟୋଜକ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ଓମାନ ଏବଂ ୟୁଏଇ । ଦଳ ଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଗ୍ରୁପରୁ ଶୀର୍ଷ ୨ ଦଳ ସୁପର-୪ରେ ପ୍ରବେଶ କରିବେ । ଭାରତ, ପାକିସ୍ତାନ, ୟୁଏଇ, ଓମାନ ଗ୍ରୁପ୍ ଏ'ରେ ରହିବ । ସେହିଭଳି ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ହଂକଂ ଗ୍ରୁପ୍ ବି'ରେ ସ୍ଥାନ ପାଇବେ । ଏହାରି ଭିତରେ ଏସିଆ କପ୍-୨୦୨୫ର ସମ୍ଭାବ୍ୟ ସୂଚୀ ସାମ୍ନାକୁ ଆସିଛି । ଭାରତ-ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ମହାଲଢ଼େଇ ହୋଇପାରେ । ଏସିଆ କପର ଗତ ସଂସ୍କରଣ ପାକିସ୍ତାନ ଆୟୋଜନ କରିଥିଲା । ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ ମଡ଼େଲରେ ଖେଳାଯାଇଥିଲା । ଭାରତର ସବୁ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଇଥିଲା । ଫାଇନାଲରେ ଶ୍ରୀଲଙ୍କାକୁ ପରାଜିତ କରି ଭାରତ ଟାଇଟଲ ଜିତିଥିଲା ।

ଏସିଆ କପର ସମସ୍ତ ମ୍ୟାଚ ଦୁବାଇ ଓ ଆବୁଧାବୀର ଖେଳାଯିବ । ଭାରତ ଯଦିଓ ଏସିଆ କପର ଆୟୋଜକ କିନ୍ତୁ ମ୍ୟାଚ ଗୁଡିକ ନୀରପେକ୍ଷ ଭେନ୍ୟୁରେ ଆୟୋଜିତ ହେବ । ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମାନ ଗ୍ରୁପରେ ରହିବେ । ଏହାର ଅର୍ଥ ଦୁଇ ଦଳ ମଧ୍ୟରେ ୩ଥର ଲଢ଼େଇ ହେବାର ସମ୍ଭାବନା ରହିଛି । ଲିଗ୍, ସୁପର-୪ ଓ ଫାଇନାଲରେ ଦୁଇ ଦଳର ଟକ୍କର ଦେଖିବାକୁ ମିଳିପାରେ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି